

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ 8 Pages,₹ 2.00

• ବର୍ଷ-୩୧ • ସଂଖ୍ୟା-୧୪୦ • ୧୭ ଜୁନ୍ ୨୦୨୪, ସୋମବାର • ଭୁବନେଶ୍ୱର • Vol -31 • Issue-140 • 17th June 2024, Monday • Bhubaneswar | Licensed to post without pre-payment of postage No- BN-60/22-24


# ଲୋକଙ୍କ ସରକାର ଭାବେ ଆସିଥିବା ପରିଚୟ ହେଉଛି ଆହୁରି ସୁଦୃଢ଼

ଭୁବନେଶ୍ୱର, ୧୬।୬

ନ୍ୟୁଜ୍ ବ୍ୟୁରୋ



ସମୟ ଥିଲା ଅପରାହ୍ନ। ଅନେକ ବ୍ୟକ୍ତି, ସଂଗଠନ, ସାଧାରଣ ଲୋକ ଆସି ରାଜ୍ୟ ଅତିଥି ଭବନର ଅସ୍ଥାୟୀ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟୁଥାଆନ୍ତି। ତାଙ୍କ ଭିତରେ ଥିଲେ କିଛି ଛଟେଇ କମ୍ପ୍ୟୁଟର ଶିକ୍ଷକ। ସେମାନଙ୍କ ଭିତରେ ଜଣେ ଥିଲେ ଅର୍ଜୁନ ନାୟକ। ଅର୍ଜୁନଙ୍କର ଗୋଟିଏ ଗୋଡ ନ ଥିଲା। ଦୁର୍ଘଟଣାରେ ସେ ଗୋଟିଏ ଗୋଡ ହରାଇ ଥିଲେ। ତାଙ୍କୁ ଦେଖି ମୁଖ୍ୟମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କଲେ। ତାଙ୍କ ସମସ୍ୟା ବିଷୟରେ ଶୁଣିଲେ। ତାଙ୍କୁ ନିଜ ହାତରେ ମୁଖ୍ୟମନ୍ତ୍ରୀ ପାଣି ପିଆଇ ଅଧୈର୍ଯ୍ୟ ନ ହେବା ପାଇଁ ଶାନ୍ତ୍ୱନା ଦେଲେ। ଅର୍ଜୁନ ନିଜ ଆଖିକୁ ବିଶ୍ୱାସ କରି ପାରିଲେ ନାହିଁ । ତାଙ୍କ ଆଖିରୁ ଝରି ପଡୁଥାଏ ଆନନ୍ଦାଶ୍ରୁ । ଆଶା, ବିଶ୍ୱାସ ଓ ଭରସା ନେଇ ସେ ଫେରିଲେ।

ଗତ ୫ ଦିନ ଧରି ଏହିପରି ଅନେକ ବ୍ୟକ୍ତି ମୁଖ୍ୟମନ୍ତ୍ରୀଙ୍କୁ ଭେଟୁଛନ୍ତି। ଖୁସି, ଆନନ୍ଦ, ବିଶ୍ୱାସ ଓ ଭରସା ନେଇ ଫେରୁଛନ୍ତି। ଗତ ଜୁନ ୧୨ ତାରିଖରେ ଦାୟିତ୍ୱ ନେବା ପରଠାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲଗାତର ଭାବେ ସାଧାରଣ ଲୋକଙ୍କ ସହ ମିଶୁଛନ୍ତି । ନିଜ ବାସଗୃହଠାରୁ ଆରମ୍ଭ କରି ରାଜ୍ୟ ଅତିଥି ଭବନର ଅସ୍ଥାୟୀ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସବୁଠାରେ ସାଧାରଣ ଲୋକଙ୍କୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାର ସୁଯୋଗ ମିଳୁଛି ।

ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ କୌଣସିଠାରେ ସାଧାରଣ ଲୋକଙ୍କ ପାଇଁ କୌଣସି ପ୍ରତିବନ୍ଧକ ନାହିଁ । ୧୨ ତାରିଖରୁ ଆଜି ସୁଦ୍ଧା ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସି ପ୍ରାୟ ୧ ଲକ୍ଷ ମହିଳା, ଛୋଟପିଲା ଏବଂ ସାଧାରଣ ଲୋକ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେଣି। ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସାଧାରଣ ଲୋକଟିଏ ଅନୁଭବ କରୁଛି ଯେ ମୁଖ୍ୟମନ୍ତ୍ରୀ ମଧ୍ୟ ଆମ ଭିତରୁ ଜଣେ । ନାଁ ଅଛି ତାଙ୍କ ପାଖରେ *(ପୃଷ୍ଠା ୭ରେ)*

# ଆକ୍ସନ ମୁଡ୍‌ରେ ଅମିତ ଶାହା: ଡାକିଲେ ଉଚ୍ଚସ୍ତରୀୟ ବୈଠକ

ଶ୍ରୀନଗର, ୧୬।୬



ନିକଟରେ ଜମ୍ମୁ-କଶ୍ମୀରରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ସରକାର କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ରବିବାର ନର୍ଥ ବ୍ଲକରେ ଏକ ବୈଠକ କରି କେନ୍ଦ୍ରଶାସିତ ଅଞ୍ଚଳର ସୁରକ୍ଷା ସ୍ଥିତିକୁ ଅନୁଧ୍ୟାନ କରିଛନ୍ତି। ଆତଙ୍କବାଦୀ ବିରୋଧୀ କାର୍ଯ୍ୟକୁ ଆହୁରି ଜୋରଦାର କରିବାକୁ ସେ ନିର୍ଦ୍ଦେଶାବଳୀ ଦେବାକୁ ଯାଉଛନ୍ତି। ଜୁନ ୨୯ରୁ ବାର୍ଷିକ ଅମରନାଥ ତୀର୍ଥଯାତ୍ରା *(ପୃଷ୍ଠା ୭ରେ)*

# ଆଗାମୀ ୫ବର୍ଷରେ ୫୦ ବର୍ଷର ବିକାଶ ହେବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬।୬

ନ୍ୟୁଜ୍ ବ୍ୟୁରୋ



ଆକ୍ସନ ମୋଡ଼ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି ୫ବର୍ଷରେ ୫୦ ବର୍ଷର ବିକାଶ ହେବ। ଦୀର୍ଘ ୨୪ବର୍ଷ ପରେ ଶାସନର ପରିବର୍ତ୍ତନ ହୋଇଛି। ଯେଉଁଭଳି ଭାବରେ ଓଡ଼ିଶାର ବିକାଶ ହେବା କଥା, ଲୋକଙ୍କ ପାଖରେ ସେବା ପହଞ୍ଚିବା କଥା, ଲୋକମାନଙ୍କୁ ସାମାଜିକ ନ୍ୟାୟ ମିଳିବା କଥା ମିଳିପାରିଲା ନାହିଁ। ବିଗତ ଦିନରେ ଲୋକମାନେ ବହୁତ କଷ୍ଟ ପାଇଥିଲେ। ଏଥିସହ ଏହି ଲମ୍ବା ସମୟ ମଧ୍ୟରେ ଲୋକମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କଥା ହେବା, ଦେଖା କରିବା ଏସବୁ ବହୁତ ପରିମାଣରେ କମିଯାଇଥିଲା। ଲୋକମାନଙ୍କୁ ସିଧାସଳଖ ଭେଟୁନଥିଲେ। ଏବେ *(ପୃଷ୍ଠା ୭ରେ)*

## ଅମରନାଥ ଯାତ୍ରା ପୂର୍ବରୁ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀଙ୍କୁ ସଫା କର

ନୂଆଦିଲ୍ଲୀ, ୧୬।୬

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ରବିବାର ଜମ୍ମୁ-କଶ୍ମୀର ଉପରେ ଏକ ଉଚ୍ଚସ୍ତରୀୟ ସୁରକ୍ଷା ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଅମରନାଥଙ୍କ ଆଗାମୀ ବାର୍ଷିକ ତୀର୍ଥଯାତ୍ରା ପାଇଁ ସୁରକ୍ଷା ବ୍ୟବସ୍ଥା ଏବଂ ନିକଟରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରିପ୍ରେକ୍ଷୀରେ ଜମ୍ମୁ ଅଞ୍ଚଳର ସୁରକ୍ଷା ସ୍ଥିତିର ସମୀକ୍ଷା କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଶ୍ରୀ ଶାହ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଶୀର୍ଷ ସୁରକ୍ଷା ଅଧିକାରୀମାନଙ୍କୁ ଜମ୍ମୁ ଅଞ୍ଚଳରେ ପୁଣି ବଢୁଥିବା ଆତଙ୍କବାଦକୁ ଦମନ କରିବା ଏବଂ ଏହାକୁ ଆଉ କୌଣସି ମୂଲ୍ୟରେ ଆଗକୁ ବଢିବାକୁ ନ ଦେବାକୁ ନିର୍ଦ୍ଦେଶ ଦେବା ସହ ଯାତ୍ରା ପାଇଁ ସମ୍ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଛନ୍ତି । ନୂଆଦିଲ୍ଲୀରେ ଅନୁଷ୍ଠିତ ଏହି ବୈଠକରେ ସେନା ମୁଖ୍ୟ ଜେନେରାଲ ମନୋଜ ପାଣ୍ଡେ, କେନ୍ଦ୍ର ଗୃହ ସଚିବ ଅଜୟ ଭଲ୍ଲା, ଆଇବି ନିର୍ଦ୍ଦେଶକ ତପନ ଡେକା, ସିଆରପିଏଫ ଡିଜି ଅନୀଶ ଦୟାଳ ସିଂହ ଉପସ୍ଥିତ ଥିଲେ।

ଏହାଛଡ଼ା ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଅଟଳ ଦୁଲୁ, ଡିଜିପି ଆର ଆର ସ୍ୱାଇଁ, ବିଜୟ କୁମାର, ଏଡିଜିପି (ଏଲ ଆଣ୍ଡଓ), ଜମ୍ମୁ-କଶ୍ମୀରର ବରିଷ୍ଠ ସେନା ଅଧିକାରୀ ଏବଂ ଗୁଇନ୍ଦା ଅଧିକାରୀମାନେ *(ପୃଷ୍ଠା ୭ରେ)*


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


# ମୋଦି ସରକାରଙ୍କ ପ୍ରଥମ ବଜେଟ୍ ସ୍ୱତନ୍ତ୍ର ହେବ




ନୂଆଦିଲ୍ଲୀ, ୧୬।୬

ବିଜେପି ନେତୃତ୍ୱାଧୀନ ଏନଡିଏ ମିଳିତ ମଞ୍ଚର ତୃତୀୟ ସରକାର ଜୁଲାଇ ୨୦୨୪ରେ ସମ୍ପୂର୍ଣ୍ଣ ବଜେଟ ଉପସ୍ଥାପନ କରିବେ। ଏହାପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର ଦ୍ୱିତୀୟ କାର୍ଯ୍ୟକାଳରେ ମଧ୍ୟବର୍ତ୍ତୀକାଳୀନ ବଜେଟ୍ ଉପସ୍ଥାପନ କରିଥିଲେ। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ମୋଦି ତୃତୀୟ ଥର ପାଇଁ ସରକାର ଗଠନ କରିଛନ୍ତି ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୪-୨୫ର ପୂର୍ଣ୍ଣ ବଜେଟ୍ ଉପସ୍ଥାପନ କରିବେ।

ଜୁଲାଇ ମାସରେ ସଂସଦର ବଜେଟ ଅଧିବେଶନ ଡକାଯିବ। ଯେଉଁଥିରେ ଅର୍ଥମନ୍ତ୍ରୀ ବଜେଟ ଉପସ୍ଥାପନ କରିବେ। ଏଥର ବଜେଟ ବହୁତ ସ୍ୱତନ୍ତ୍ର ହେବାକୁ ଯାଉଛି । ଦେଶର ଲୋକମାନେ ଏଥିରେ ବଡ଼ ଉପହାରର ଆଶା ରଖିଛନ୍ତି। ଅନେକ ବଡ ଘୋଷଣାର ସମ୍ଭାବନା ମଧ୍ୟ ଅଛି । ମୋଦି ସରକାର ୧.୪ ଲକ୍ଷ କୋଟି ଟଙ୍କାର ବଜେଟ ଉପସ୍ଥାପନ କରିଥିଲେ। ତାଙ୍କର ଗୃହ ମନ୍ତ୍ରଣାଳୟ ଅଛି ଅମିତ ଶାହଙ୍କ ପାଖରେ। ୧୨୦୦କୋଟି ଟଙ୍କାର ମନ୍ତ୍ରଣାଳୟ ରହିଛି। ଅମିତ ଶାହଙ୍କ ପାଖରେ ବଜେଟର ୨.୯ ପ୍ରତିଶତ ଅଂଶ ରହିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ପାଖର ୧୩ ପ୍ରତିଶତ ଅଂଶଧନ ଅଛି। ଏଥର ମଧ୍ୟ ରାଜନାଥ ସିଂ ମୋଦି କ୍ୟାବିନେଟରେ ପ୍ରତିରକ୍ଷା ମନ୍ତ୍ରୀ ଅଛନ୍ତି । ପ୍ରତିରକ୍ଷା ମନ୍ତ୍ରୀ ଭାବରେ ଏହା ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳ ଏବଂ ଏହି ମନ୍ତ୍ରଣାଳୟର ବଜେଟ ହେଉଛି ୬.୨ ଲକ୍ଷ କୋଟି ଟଙ୍କା। ଏହା ମୋଟ ବଜେଟର ୧୩ ପ୍ରତିଶତ ।

ଜେପି ନଡ୍ଡାଙ୍କ ପାଖରେ ୫.୪ ପ୍ରତିଶତ ଅଂଶଧନ ଅଛି। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି । ସେ ପରବର୍ତ୍ତୀ ନୂଆ ଅଧ୍ୟକ୍ଷ ନିର୍ବାଚିତ ନହେବା ପର୍ଯ୍ୟନ୍ତ ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ *(ପୃଷ୍ଠା ୭ରେ)*


## ଓଡ଼ିଶାର ପୂର୍ବତନ ରାଜ୍ୟପାଳ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେଙ୍କ ପରଲୋକ



ନୂଆଦିଲ୍ଲୀ, ୧୬।୬

ଓଡ଼ିଶାର ପୂର୍ବତନ ରାଜ୍ୟପାଳ ମୂରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେଙ୍କ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୯୫ ବର୍ଷ ହୋଇଥିଲା। ଶ୍ରୀ ଭଣ୍ଡାରେ ୨୦୦୭ରୁ ୨୦୧୩ ଯାଏ ଓଡ଼ିଶାର ରାଜ୍ୟପାଳ ଥିଲେ। ମହାରାଷ୍ଟ୍ର କଂଗ୍ରେସର ଏହି ବରିଷ୍ଠ ରାଜନେତା ୩ଥର ସାଂସଦ ହୋଇଥିଲେ। ସେ ସୁପ୍ରିମକୋର୍ଟର ଆଇନଜୀବୀ ମଧ୍ୟ ରହିଥିଲେ। ଓଡ଼ିଶାର ପୂର୍ବତନ ରାଜ୍ୟପାଳ ତଥା ବିଶିଷ୍ଟ ରାଜନେତା ମୂରଲୀଧର ଚନ୍ଦ୍ରକାନ୍ତ *(ପୃଷ୍ଠା ୭ରେ)*

## ମନ୍ଥର ଗତିରେ ଆଗକୁ ବଢୁଛି ମୌସୁମୀ ବାୟୁ
## ରାଜ୍ୟରେ ଗ୍ରୀଷ୍ମ ଲହରି ଜାରି, ଜନଜୀବନ ଅସ୍ତବ୍ୟସ୍ତ




ଭୁବନେଶ୍ୱର, ୧୬।୬

ନ୍ୟୁଜ୍ ବ୍ୟୁରୋ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଧୀରେ ଧୀରେ ଆଗକୁ ବଢୁଛି। ସତେ ଯେମିତି ଏଥିରେ ଗତି ନାହିଁ କି ଶକ୍ତି ନାହିଁ । ମାଲକାନଗିରିରେ ୪ଦିନ ପୂର୍ବରୁ ମୌସୁମୀ ପହଞ୍ଚି ଥିଲେ ବି, ଏପର୍ଯ୍ୟନ୍ତ ଏହା ରାଜ୍ୟର ସବୁ ସ୍ଥାନକୁ ସ୍ପର୍ଶ କରିପାରି ନାହିଁ । ଫଳରେ ଗ୍ରୀଷ୍ମ ଲହରି ଜାରି ରହିଛି। ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ହ୍ରାସ ପାଉନାହିଁ । ଭୀଷଣ ଗୁଳୁଗୁଳି ମଧ୍ୟ ଅନୁଭୂତ ହେଉଛି। ଜନଜୀବନ ଅସ୍ତବ୍ୟସ୍ତ ହେଉଛି।

ଅନ୍ୟପଟରେ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ, ଆଗାମୀ ୨୪ ଘଣ୍ଟା ଯାଏଁ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ। କେବଳ ମାଲକାନଗିରିରେ ସକ୍ରିୟ ରହିଛି ମୌସୁମୀ ବାୟୁ। *(ପୃଷ୍ଠା ୭ରେ)*

# ମଣିଷ ବେଶରେ ରୁହନ୍ତି ଏଲିଅନ




ଲଣ୍ଡନ, ୧୬।୬

ସାରା ବିଶ୍ୱର ବୈଜ୍ଞାନିକମାନେ ଏଲିଅନଙ୍କ ରହସ୍ୟକୁ ନେଇ ଦଶନ୍ଧି ଦଶନ୍ଧି ଧରି ଗବେଷଣା କରୁଥିଲେ ମଧ୍ୟ ଏବେ ସୁଦ୍ଧା ଏହି ପ୍ରଶ୍ନର କୌଣସି ଠୋସ ଉତ୍ତର ମିଳିପାରିନାହିଁ । ତେବେ ଏଲିଅନମାନେ ମଣିଷଙ୍କ ବେଶରେ ପୃଥିବୀ ପୃଷ୍ଠରେ ଲୁଚି ରହିଥିବା ନେଇ ବ୍ରିଟେନର ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଏକ ଅଧ୍ୟୟନ ସାମ୍ନାକୁ ଆସିଛି। ଭୂପୃଷ୍ଠରେ ଏଲିଅନଙ୍କ ରହିବା ପାଇଁ ଅନେକ ସ୍ଥାନ ଥିବା ଏହି ଅଧ୍ୟୟନରେ କୁହାଯାଇଛି। ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ହ୍ୟୁମାନ ଫ୍ଲୋରିସିଂ ପ୍ରୋଗ୍ରାମର ଗବେଷକମାନେ ଏହି ଅଧ୍ୟୟନରେ କହିଛନ୍ତି, ଏହା ଜରୁରୀ ନୁହେଁ ଯେ ଏଲିଅନ ଅନ୍ୟ କୌଣସି ଗ୍ରହରୁ ଆସିଛନ୍ତି । ସେମାନେ ହୁଏତ ଆରମ୍ଭରୁ ହିଁ ମଣିଷଙ୍କ ସହ ରହି ଆସୁଛନ୍ତି । ଏହି ଅଧ୍ୟୟନରେ ପ୍ରାଚୀନ ସଭ୍ୟତାର ଉଦାହରଣ ଦିଆଯାଇଛି। ଏହା କୌଣସି ଅଜଣା ସଭ୍ୟତା ହୋଇଥାଇପାରେ ଯାହା ବର୍ତ୍ତମାନ ସୁଦ୍ଧା ଲୁଚି ରହିଛି। ଅତ୍ୟାଧୁନିକ ଜ୍ଞାନକୌଶଳ ସହ ଏହି ସଭ୍ୟତା ଏପରି କିଛି ସ୍ଥାନରେ ନିଜର ଆଧାର ପ୍ରତିଷ୍ଠା କରିଛି, ଯାହା ମଣିଷଙ୍କ ପାଇଁ କଳ୍ପନା ଯୋଗ୍ୟ ହୋଇ ନ ଥିବା ଅଧ୍ୟୟନରେ *(ପୃଷ୍ଠା ୭ରେ)*











# ନିର୍ବାଚନ ପରବର୍ତ୍ତୀ ସମୀକ୍ଷା କଲେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ସଫଳତାର ସହ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏହି ନିର୍ବାଚନରେ ଶାସକ ବିଜେଡି ପରାଜୟ ବରଣ କରିଛି । ବିଜୟୀ ଆଶା ଧୂଳିସାତ୍ ହୋଇଛି । ପରାଜୟ ପରେ ପରାଜୟର କାରଣ ଖୋଜୁଛି ଦଳ । ଏହି କ୍ରମରେ ଯାଜପୁର ଜିଲ୍ଲା ଧର୍ମଶାଳାକୁ ବିଜେଡିର ଗଡ଼ କୁହାଯାଉଥିଲା । ଏହି ଆସନରେ ବିଜେଡି ପରାଜୟ ବରଣ କରିଛି । ଜାରକାସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୫୪ଗୋଟି ପଞ୍ଚାୟତର ସମସ୍ତ ବିଜୁ ଜନତା ଦଳର କର୍ମକର୍ତ୍ତା ମାନଙ୍କୁ ନେଇ ଏକ ନିର୍ବାଚନୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ଦଳୀୟ ନେତୃବୃନ୍ଦମାନଙ୍କୁ ଆଶ୍ୱାସନା ଦେବା ସହ କିଭଳି ଧର୍ମଶାଳାବାସୀଙ୍କ ସୁଖ, ଦୁଃଖର ସାଥୀ ହୋଇ ରହିବା ଓ ଆଗାମୀ ଦିନରେ ଦଳୀୟ ସଙ୍ଗଠନକୁ ଆହୁରି ମଜବୁତ କରିବା ପାଇଁ ଦୃଢ ସଂକଳ୍ପବଦ୍ଧ ହେବାକୁ କହିଥିଲେ । ନିର୍ବାଚନ ଏକ ପ୍ରକ୍ରିୟା, ଏଥିରେ ହାର ଜିତ୍ ରହିଥାଏ, ମୋତେ ଧର୍ମଶାଳାବାସୀ ବହୁତ ମାତ୍ରାରେ ଭୋଟ ଦେଇଥିବାରୁ ମୁଁ ସମସ୍ତଙ୍କ ପାଖରେ ଚିର ଋଣି । ପୂର୍ବରୁ ଧର୍ମଶାଳା ଯେପରି ଓଡ଼ିଶାରେ ୧ ନମ୍ବର ହୋଇ ରହିଛି, ଆଗାମି ଦିନରେ ଧର୍ମଶାଳାକୁ ଉଚ୍ଚ ଶିଖରକୁ ନେବାପାଇଁ ମୋର ପ୍ରୟାସ ଜାରି ରହିବ ବୋଲି ସାଧାରଣ ସମ୍ପାଦକ ଶ୍ରୀ ବଳବଳନ୍ତ ରାୟ କହିଥିଲେ । ଧର୍ମଶାଳା ବିଜୁ ଜନତା ଦଳର ବ୍ଲକ ସଭାପତି ଜଳଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକକୁ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ପୂର୍ଣ୍ଣଚନ୍ଦ୍ର ଶତପଥୀ, କୃଷ୍ଣଚନ୍ଦ୍ର ସାହୁ, ପ୍ରଭୁ ରଞ୍ଜନ ସାମଲ, ମମତା ଦଣ୍ଡପାଟ, ରେଣୁବାଳା ଶତପଥୀ, ଶରତ ନାୟକ, ଅଜୟ ନାୟକ, ସୁଦାମ ବେହେରା, ନିରଞ୍ଜନ ରାଉତ, ପ୍ରହଲ୍ଲାଦ ଲେଙ୍କା, ବିକାଶ ଦାସ, ଗୌତମ ସାହୁ, ମଦନ ମୋହନ ନାୟକ, ସଞ୍ଜୟ ଧିର, ଦାମୋଦର ରାୟ, ବ୍ରହ୍ମାନନ୍ଦ ରାଉତ, ଅକ୍ରୁର ଚରଣ ନାୟକ, ମୁସ୍ତାକ, ସମସୁଲ, ଫକୀର ନାରାୟଣ ମିଶ୍ରଙ୍କ ସମେତ ୨ ହଜାରରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଅଧୁରା ରହିଲା ଏସ୍‌କେପ୍ କାର୍ଯ୍ୟ : ବନ୍ୟା ଆଶଙ୍କାରେ ଅଞ୍ଚଳବାସୀ

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ପାଣିପାଗ ବିଭାଗର ସୂଚନା ଅନୁସାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଉପକୂଳ ଛୁଇଁଲାଣି । ଭଦ୍ରକ-ଯାଜପୁର ଅଞ୍ଚଳରେ ଆଉ ୨/୩ ଦିନ ଭିତରେ ମୌସୀମୁ ବର୍ଷା ଆରମ୍ଭ ହୋଇଯିବ । ବର୍ଷା ହେବା ମାତ୍ରେ ବୈତରଣୀ ନଦୀରେ ବନ୍ୟା ଆଶଙ୍କା ଦୃଢୀଭୂତ ହେବ । ପୂର୍ବରୁ ପ୍ରାୟ ଜୁଲାଇ ଶେଷ ସପ୍ତାହ ଓ ଅଗଷ୍ଟ ପ୍ରଥମ ସପ୍ତାହରେ ବୈତରଣୀରେ ବନ୍ୟା ହୋଇଥାଏ । ସେହି ହିସାବକୁ ଆକଳନ କଲେ ଦେଢମାସ ପରେ ବୈତରଣୀରେ ବନ୍ୟା ଆସିଯିବ । ମାତ୍ର ଏହି ବନ୍ୟା ସମ୍ଭାବନାକୁ ନେଇ ଧାମନଗର ବ୍ଲକର ସୋହଡ଼ା, କରଦା ପଞ୍ଚାୟତବାସୀ ଏବେ ଆତଙ୍କରେ ଦିନ ଗଣୁଛନ୍ତି । କାହିଁକି ନା ବୈତରଣୀରେ ପାଣି ଆସିବା ମାତ୍ରେ ଗୌରାଙ୍ଗପୁର ଏସ୍‌କେପ୍ ଯୋଗେ ଗାଁ ଭିତରକୁ ବନ୍ୟାଜଳ ପଶିବ । ପୂର୍ବରୁ ଏହି ଏସ୍‌କେପ୍‌ଟି ଉଚ୍ଚା ଥିଲା । ବଡ଼ ବନ୍ୟା ହେଲେ ଏସ୍‌କେପ୍ ବାଟେ ପାଣି ପଶୁଥିଲା । ଆଖୁଆପଦା ଠାରେ ୧୮.୬୦ ମିଟର ଉପରେ ବନ୍ୟା ହେଲେ ଏସ୍‌କେପ୍ ଦେଇ ପାଣି ଗାଁ ଭିତରକୁ ପଶୁଥଲା । ଏବେ ୧୭.୮୫ ମିଟର ବନ୍ୟାରେ ବି ପାଣି ପଶିବାର ଆଶଙ୍କା ଦେଖାଦେଇଛି । ଗୌରାଙ୍ଗପୁର ଏସ୍‌କେପ୍ ଉପରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ କରାଯାଉ ଥିବାରୁ ଏଭଳି ସ୍ଥିତି ଉପୁଜିଛି । ସୋହଡ଼ା, ଜୟନ୍ତରା ଓ ପିତେଇପୁର ମଧ୍ୟରେ ସବୁଦିନିଆ ଯାତାୟାତର ସୁବିଧା ଲାଗି ଏହି ଏସକେପ୍ ଉପରେ ପୋଲଟିଏ ନିର୍ମାଣ ପାଇଁ ଦାବି ହୋଇଆସୁଥିଲା । ହେଲେ ୨ ବର୍ଷ ତଳେ ରାଜ୍ୟ ସରକାର ଏ ନେଇ ପଦକ୍ଷେପ ନେଇଥିଲେ । ଟେଣ୍ଡର ପ୍ରକ୍ରିୟା ସଂପୂର୍ଣ୍ଣ ପରେ ଏବେ କାମ ହେଉଛି । ଗତ ଫେବୃୟାରୀ ମାସରୁ କାମ ଆରମ୍ଭ ହୋଇଥିଲେ ବି ଭିନ୍ନ ଏକ ବିବାଦରୁ ଏହା ସଂପୂର୍ଣ୍ଣ ହେବାରେ ବିଳମ୍ବ ହୋଇଛି । ମିଳିଥିବା ସୂଚନା ଅନୁସାରେ ଗତବର୍ଷ ଅଗଷ୍ଟ ପ୍ରଥମ ସପ୍ତାହରେ ଆସିଥିବା ବନ୍ୟାରେ ଗୌରାଙ୍ଗପୁର ଏସକେପର ପ୍ରୋଟେକସନ ୱାଲ ଭୁଷୁଡ଼ି ଉଭୟ ପାର୍ଶ୍ୱରେ ଥିବା ଆବଟମେଣ୍ଟ ୱାଲ ଗଳିପଡ଼ିବାରୁ ଘାଇ ହୋଇଥିଲା । ବନ୍ୟା



ଛାଡ଼ିବା ପରେ ପରେ ଜଳ ସଂପଦ ବିଭାଗ ପକ୍ଷରୁ ଫ୍ଲଡ୍ ଡ୍ୟାମେଜ୍ ରିପ୍ୟାରିଂ ବାବଦ ଜରୁରୀ ପାଣ୍ଠିରେ ଏହି ଏସକେପ୍‌ର ଉପର ପାର୍ଶ୍ୱରେ ଗୋଟିଏ ମାଟିବନ୍ଧ କରାଗଲା । ଏସ୍‌କେପର ଫ୍ଲୋରରେ ପଥର ପିଚିଂ କରିଦିଆ ଗଲା । ଏ ବାବଦରେ ଦେଢକୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ପରିସ୍ଥିତି ମୁକାବିଲା ଲାଗି ସିନା ଏ କାମ ହୋଇଗଲା । ମାତ୍ର ଏଫଡିଆର ପାଣ୍ଠିରୁ ଏତେ ବଡ଼ ପରିମାଣର ଟଙ୍କା ଦେବା ଲାଗି କୌଣସି ବ୍ୟବସ୍ଥା ନଥିବାରୁ ଏ କାର୍ଯ୍ୟର ବ୍ୟୟ ଅଟକଳ କି ବିଲ୍ ପ୍ରସ୍ତୁତ ହୋଇପାରିଲା ନାହିଁ । ଯାହାଫଳରେ ସେତେବେଳେ କାର୍ଯ୍ୟ କରିଥିବା ଠିକାଦାର ଏବେ ହନ୍ତସନ୍ତ ହେଉଛନ୍ତି । ଅନ୍ୟପକ୍ଷରେ ପୂର୍ବ ଯୋଜନା ଅନୁଯାୟୀ ଗୌରାଙ୍ଗପୁର ଏସ୍‌କେପ୍ ଉପରେ ପ୍ରାୟ ୩.୫ କୋଟି ଟଙ୍କା ଫୁଟ୍ ଓଭରବ୍ରିଜ୍ ନିର୍ମାଣ ଲାଗି ଅର୍ଥ ମଞ୍ଜୁର ହୋଇ ଟେଣ୍ଡର ପ୍ରକ୍ରିୟା ସରିଗଲା । ଏହାର ପ୍ଲାନ୍, ଡିଜାଇନ ଓ ଏଷ୍ଟିମେଟ୍ ଅନୁଯାୟୀ ଏସକେପ୍‌ର ପଥର ପିଚିଂକୁ ଫଟାଯିବ । ସେହି ଅନୁସାରେ ପଥର ପିଚିଂକୁ ହଟାଇବା ଲାଗି ପୋଲ କାମର ଠିକା ନେଇଥିବା ଠିକାଦାର କାମ ଆରମ୍ଭ କରିଥିଲେ । ମାତ୍ର ଏଇଟାରେ ସମସ୍ୟା ଦେଖାଦେଲା । ପୂର୍ବରୁ ଏଫଡିଆର କାମ କରିଥିବା ଠିକାଦାର ପଥର ପିଚିଂକୁ ହଟାଇବାକୁ ବିରୋଧ କଲେ । କାରଣ ଏଫଡିଆର ବିଲ୍ ହୋଇନଥିବାରୁ ତାହା ହଟାଇଲେ ସେ ଆଉ ଟଙ୍କା ପାଇନଥାନ୍ତେ । ତେଣୁ ଯାଜପୁର ଜଳସଂପଦ ବିଭାଗ କାର୍ଯ୍ୟାଳୟର ଅଧିକାରୀଙ୍କ ମଧ୍ୟସ୍ଥତାରେ ପୋଲ ନିର୍ମାଣ ପାଇଁ ଠିକା ପାଇଥିବା ଓ ଏଫଡିଆର କାମ କରିଥିବା ଠିକାଦାରଙ୍କ ମଧ୍ୟରେ ଏକ ବୁଝାମଣା ହେଲା । ଯିଏ ଏଫଡିଆର କାମ କରିଥିଲା, ସେ ହିଁ ଏହି କାମ କରିବ ବୋଲି ଅଲିଖିତ ଚୁକ୍ତି ହୋଇଗଲା । ଏଣୁ ଏହି ବିବାଦ ଯୋଗୁଁ ପୋଲ ନିର୍ମାଣ କାର୍ଯ୍ୟ ବିଳମ୍ବ ହୋଇଥିବା ଅନୁମାନ କରାଯାଉଛି । ତେବେ ସଂପୃକ୍ତ ଠିକାଦାର ଏବେ କାମ ଆରମ୍ଭ କରିଛନ୍ତି । ଏସକେପ୍ ମଝି ଭାଗରେ ପାଇଲିଂ କାମ କରାଯାଇଛି । ବେସ୍ ଓ ପିଲାର ଆରମ୍ଭ ହେଲା ବେଳକୁ ଅନେକ ସମୟ ଲାଗିବ ବୋଲି ଅନୁମାନ କରାଯାଉଛି । ଏଣୁ ଏହାମଧ୍ୟରେ ବନ୍ୟା ଆସିଲେ ଯେଉଁ ସମସ୍ୟା ଉପୁଜିବ, ସେଥିନେଇ ଆଶଙ୍କାରେ ରହିଛନ୍ତି ପଞ୍ଚାୟତବାସୀ । ତେବେ ଏଥିନେଇ ଧାମନଗର ଜଳସଂପଦ ଏସ୍‌ଡିଓ ବିଜୟ ସେଠୀଙ୍କ କହିବା ଅନୁସାରେ ଏ ଦିଗରେ ଲୋକଙ୍କ ଧନଜୀବନକୁ ଆଖି ଆଗରେ ରଖି ଖୁବ୍‌ଶୀଘ୍ର ବିକଳ୍ପ ବ୍ୟବସ୍ଥା କରାଯିବ ।

## ଗୋକର୍ଣ୍ଣେଶ୍ୱର ପୀଠରେ ଶେଷ ହେଲା ଶିବପାର୍ବତୀ ବିବାହ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଜାରକାର ପ୍ରସିଦ୍ଧ ଶୈବପୀଠ ବାବା ଗୋକର୍ଣ୍ଣେଶ୍ୱର ମନ୍ଦିର ଠାରେ ଶୀତଳ ଷଷ୍ଠୀ ତଥା ଶିବପାର୍ବତୀ ବିବାହ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଚଳିତ ବର୍ଷ ଏହି ଉତ୍ସବକୁ ନିରାଡ଼ମ୍ବର ସହିତ ପାଳନ କରାଯାଇଥିଲା । ଏହି ଉତ୍ସବର ମୁଖ୍ୟକର୍ତ୍ତା ଲୁଲେନ୍ଦୁ ବେହେରାଙ୍କ ଅକାଳ ବିୟୋଗ ଘଟିବା ଯୋଗୁ ଚଳିତ ବର୍ଷ ନିରାଡମ୍ବର ସହ ପାଳିତ ହୋଇଥିବା ବେଳେ କେବଳ ବିଧି ରକ୍ଷା ନିମନ୍ତେ ରୀତିକାନ୍ତି ଅନୁଯାୟୀ ପାଳନ କରାଯାଇଥିଲା । ପ୍ରଭାତରୁ ମନ୍ଦିର ପହଡ଼ ଖୋଲାଯିବା ପରେ ବିଶେଷେ ରୀତିକାନ୍ତି ଅନୁଯାୟୀ ମହାପ୍ରଭୁଙ୍କ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା । ମନ୍ଦିର ବେଢା ଭିତରରେ ଥିବା ଶିବପାର୍ବତୀଙ୍କ ପ୍ରତିମୂର୍ତ୍ତିରେ ନୂତନ ବସ୍ତ୍ର ପରିଧାନ କରାଯାଇ ସୁସଜ୍ଜିତ କରାଯାଇଥିଲା । ବିଶିଷ୍ଟ ପଣ୍ଡିତଙ୍କ ଦ୍ୱାରା ମନ୍ତ୍ର ଉଚାରଣରେ ଶିବପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଥିଲା । ଏହି କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଚାଲିଥିଲା । ଶହଶହ ସଂଖ୍ୟାରେ ଭକ୍ତମାନେ ସାମିଲ ହୋଇ ଏହି ବିବାହ ଦେଖିବା ସହିତ ଦେବ ଦମ୍ପତିଙ୍କ ଆଶିଷ ଲାଭ କରିଥିଲେ । ଏହି ଅବସରରେ ମନ୍ଦିର ପରିବେଶ ଉତ୍ସବ ମୁଖର ହୋଇ ଉଠିଥିଲା ।

# କଦମପଡ଼ା ଶିଶୁ ମନ୍ଦିରରେ ‘ମେଧାବୀ ସମ୍ବର୍ଦ୍ଧନା-୨୦୨୪’

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

କଦମପଡ଼ାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ‘ମେଧାବୀ ସମ୍ବର୍ଦ୍ଧନା-୨୦୨୪’ ପାଳନ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ସନାତନ ଠାକୁର ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟର ପ୍ରଧାନଚାର୍ଯ୍ୟ ସୁବ୍ରତ କୁମାର ବେହେରା ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମେଧାବୀ ଛାତ୍ରଛାତ୍ରୀ, ଏ ବର୍ଷର ଦଶମ ଶ୍ରେଣୀର ବାର୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ଏ-୧ ଆଠ ଜଣ, ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତିରେ ତିନି ଜଣ, ପ୍ରାଦେଶିକ ମେଧା ପରୀକ୍ଷା ଓ ଶ୍ରୀ ଭାରତୀ କୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ଉତ୍ତୀର୍ଣ୍ଣ ତିନିଜଣଙ୍କୁ ବିଶେଷ ସମ୍ମାନିତ କରାଯାଇଥିଲା । ଏହା ସହିତ ସେମାନଙ୍କ ମାତାପିତା ତଥା ଦଶମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ତଥା ସେମାନଙ୍କ ମାତାପିତା ଓ ଯୁକ୍ତ ଦୁଇ ବିଜ୍ଞାନର ସମସ୍ତ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ମେଧାବୀ ଛାତ୍ରଛାତ୍ରୀ ସେମାନଙ୍କ ଅନୁଭୂତି କଥନ କରିଥିଲେ । ଗୁରୁଜୀ ଗୁରୁମାମାନେ ମଧ୍ୟ ଆଶୀର୍ବଚନ ପ୍ରଦାନ କରିଥିଲେ । ସମିତିର ପୂର୍ବତନ ସଂପାଦକ ସୁରେନ୍ଦ୍ର ତ୍ରିପାଠୀ ଓ କୋଷାଧ୍ୟକ୍ଷ ସତ୍ୟାନନ୍ଦ ଷଡ଼ଙ୍ଗୀ ନିଜ ନିଜର ଅଭିମତ ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କୁ ଆଗାମୀ ଦିନର ସଫଳତା ପାଇଁ ଉତ୍ସାହିତ କରିଥିଲେ । ସଭାପତି ମଧ୍ୟ ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ଶ୍ରଦ୍ଧା ସମ୍ମାନ ଜ୍ଞାପନ କରିବା ସହ ଭବିଷ୍ୟତ ପାଇଁ ଉଦ୍‌ଯୋଗୀ ହେବା ପାଇଁ ପ୍ରେରିତ କରିଥିଲେ । ମଞ୍ଚାସୀନ ଅନ୍ୟ ଅତିଥିଙ୍କ ମଧ୍ୟରେ ଯୁଗ୍ମ ସଂପାଦିକା ଭଗବତୀ ସେଠ ଓ ରୋଧ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନର ପ୍ରଧ୍ୟାପକ ରାଧେଶ୍ୟାମ ଯୋଷୀ ଉପସ୍ଥିତ ଥିଲେ । ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସଂପାଦକ ସମସ୍ତଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦ ଅର୍ପଣ କରିଥିଲେ । ସାମୁହିକ ସହଭୋଜ କାର୍ଯ୍ୟକ୍ରମରେ ସମସ୍ତେ ଭାଗ ନେଇଥିଲେ । ଗୁରୁଜୀ ସାଧୁରାମ ନାଏକଙ୍କ ସଂଚାଳନରେ ଉକ୍ତ କାର୍ଯ୍ୟକ୍ରମଟି ସଫଳତା ସହ ସଂପୂର୍ଣ୍ଣ ହୋଇଥିଲା ।

# ବିର୍ସାମୁଣ୍ଡାଙ୍କ ୧୨୪ତମ ଶ୍ରାଦ୍ଧବାର୍ଷିକୀ ପାଳିତ

**ଚମ୍ପୁଆ, ନ୍ୟୁଜ୍‌ବ୍ୟୁରୋ**

ଚମ୍ପୁଆ ବ୍ଲକ କୋଦଗଡ଼ିଆ ପଞ୍ଚାୟତ ଅନ୍ତର୍ଗତ ଚିମିଳା ଗ୍ରାମ ଠାରେ ହୋ ସମାଜର ମହାନ ସ୍ୱାଧୀନତା ସଂଗ୍ରାମୀ ସହୀଦ ବିର୍ସା ମୁଣ୍ଡାଙ୍କ ୧୨୪ତମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି । ସାଗେନ ସାକାମ ଆଦିବାସୀ ସାମାଜିକ ସଂଘ ଏବଂ ଆଦିବାସୀ ହୋ ସମାଜ ମହାସଭା ଆନୁକୂଲ୍ୟରେ ପାଳିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଆଦିବାସୀ ହୋ ସମାଜ ମହାସଭା କେନ୍ଦୁଝର ଜିଲ୍ଲା ସଭାପତି ଗୌରଚନ୍ଦ୍ର ମୁଣ୍ଡା ଯୋଗଦେଇ ବିର୍ସାମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିଥିଲେ । ବିର୍ସାମୁଣ୍ଡାଙ୍କ ଆତ୍ମଜୀବନୀ ଉପରେ ଆଲୋକପାତ କରିବା ସହ ଏହି ମହାନ ବିପ୍ଳବୀ ତଥା ସ୍ୱାଧୀନତା



ସଂଗ୍ରାମୀଙ୍କ ବଳୀଦାନ ଓ ଧୈର୍ଯ୍ୟ ପାଇଁ ସେ ଆମ ପାଖରେ ସବୁଦିନ ପାଇଁ ଅମର ହୋଇ ରହିବେ ବୋଲି ଶ୍ରୀ ମୁଣ୍ଡା କହିବା ସହିତ ଉପସ୍ଥିତ ଜନସାଧାରଣ ବିର୍ସାମୁଣ୍ଡାଙ୍କୁ ଅନୁସରଣ କରି ନ୍ୟାୟ ପାଇଁ ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସଂଗ୍ରାମ କରିବାକୁ ଆହ୍ୱାନ ଦେଇଥିଲେ । ଏହାସହିତ ସଙ୍ଗଠିତ ହୋଇ ଅନ୍ୟାୟ ଅତ୍ୟାଚାରର ମୁକାବିଲା କରିବାକୁ ପରାମର୍ଶ ଦେଇଥିଲେ । ଏହି ସ୍ୱାଧିନତା ସଂଗ୍ରାମୀଙ୍କ ଦେଶପ୍ରେମ, ଅଦମ୍ୟ ସାହସ ତଥା ଦେଶ ମାତୃକା ପାଇଁ ଦେଇଥିବା ବଳୀଦାନ ଆଜି ସମସ୍ତଙ୍କ ହୃଦୟରେ ସ୍ଥାନ ପାଇପାରିଛି । ଏହି ଅବସରରେ ବିଶିଷ୍ଟ ବୁଦ୍ଧିଜୀବୀଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯାଇଥିଲା । ଚିମିଳା ଗ୍ରାମର ୱାର୍ଡମେମ୍ବର ବିରବର ମୁଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଆଇନଜୀବୀ ବିନୋଦ ହାଇବୁରୁ, ଦାସ ମୁଣ୍ଡା, ଅଜୟ ମୁଣ୍ଡା ପ୍ରମୁଖଙ୍କ ସମେତ ସ୍ଥାନୀୟ ଶତାଧିକ ଆଦିବାସୀ ସଂପ୍ରଦାୟର ମହିଳା ଓ ପୁରୁଷ ଯୋଗ ଦେଇଥିଲେ ।

## ନୀଳଗିରି ସଂକୀର୍ତ୍ତନ ବୈଠକରେ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଶାଖା ଗଠିତ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକସ୍ଥ ରାଜବ୍ରହ୍ମପୁର ଗ୍ରାମସ୍ଥ ଝାଲୁକ ପୋଷି ଠାରେ ସାଇଶକ୍ତି ସଂକୀର୍ତ୍ତନ ମଣ୍ଡଳୀର ବାର୍ଷିକ ସମାରୋହ ଉପେନ୍ଦ୍ର କୁମାର ପାଥାଳ ଅଧ୍ୟକ୍ଷତାରେ ଏକ ଆଧାତ୍ମିକ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଂକୀର୍ତ୍ତନ ମଣ୍ଡଳୀର ଆହ୍ୱାନକ୍ରମେ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ଭଦ୍ରକର ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ପ୍ରଚାର ସମିତିର ପ୍ରବେଶକ ସୁଶ୍ରୀ ତପସ୍ୱିନୀ ପାଢ଼ୀ, ବାଲେଶ୍ୱର ଜିଲ୍ଲା ଆବାହକ ଲକ୍ଷ୍ମୀକାନ୍ତ ଶତପଥି ଓ ଶ୍ରୀକ୍ଷେତ୍ର ବାସିନୀ ମହାଲକ୍ଷ୍ମୀ ସଂକୀର୍ତ୍ତନ ମଣ୍ଡଳୀର ପ୍ରଶିକ୍ଷକ ସୁରେନ୍ଦ୍ର କୁମାର ଜେନା ପ୍ରମୁଖ ସେବକ ଯୋଗଦାନ କରି ଶ୍ରୀଜଗନ୍ନାଥଙ୍କ ତଥ୍ୟ ତତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ଏଠାରେ ପ୍ରଚାର ସମିତିର ଏକ ଶାଖା ଗଠନ କରାଯାଇ ସମିତିର ଲକ୍ଷ୍ୟ ଉଦ୍ଦେଶ୍ୟକୁ ଲୋକାଭିମୁଖୀ କରିବା ପାଇଁ ସ୍ଥିର କରାଯାଇଥିଲା । ଉକ୍ତଶାଖା ସମିତିର ମୁଖ୍ୟ କନକଲତା ପୋଥାଳ, ରଶ୍ମିତା ବିନ୍ଧାଣୀଙ୍କୁ ଆବାହକ ଓ ସଂଯୋଜକ ଭାବରେ ଦାୟିତ୍ୱ ପ୍ରଦାନ କରାଗଲା । ଏହି ବୈଠକରେ କମଳାକାନ୍ତ ପୋଥାଳ, ବନଲତା ଗିରି, ପ୍ରଭାତୀ ନାୟକ, ଶାନ୍ତିଲତା ଖିଲାର, ପାର୍ବତୀ ବିନ୍ଧାଣୀ, ଜୟନ୍ତୀ ପୋଥାଳ, ରୁନୁ ପୋଥାଳ, ସୁବର୍ଣ୍ଣ ପୋଥାଳ, ରଞ୍ଜିତା ଖିଲାର, ପୂର୍ଣ୍ଣଚନ୍ଦ୍ର ଗିରି, ତ୍ରିଲୋଚନ ବିନ୍ଧାଣୀ ପ୍ରମୁଖ ବହୁ ସଂକୀର୍ତ୍ତନ କଳାକାର ସମେତ ଗ୍ରାମବାସୀ ଯୋଗଦାନ କରିଥିଲେ ।

## ଅଗ୍ନି ବିପନ୍ନଙ୍କୁ ସହୀଦ ଭଗତ ସେନାର ସହାୟତା

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ନିର୍ବାଚନ ମଣ୍ଡଳୀ ଅଧୀନସ୍ଥ ସାବରଙ୍ଗ ପଞ୍ଚାୟତର ଆଟୋ ଗ୍ରାମରେ ଘଟିଥିବା ଘରପୋଡ଼ିର ବିପନ୍ନଙ୍କୁ ସହିଦ ଭଗତ ସେନା ପରିବାରର ସଦସ୍ୟମାନେ ସହଯୋଗର ହାତ ବଢାଇଛନ୍ତି । ଏଠାରେ ସୂଚନା ଯୋଗ୍ୟ ସାବରଙ୍ଗ ପଞ୍ଚାୟତର ଆଟୋ ଗ୍ରାମସ୍ଥିତ ନାଥସାହି ନିବାସୀ ସୂର୍ଯ୍ୟମଣି ନାଥଙ୍କ ଘର ନିଆଁ ଲାଗି ପୋଡ଼ିଯିବା ଫଳରେ ସେ ସର୍ବସ୍ୱାନ୍ତ ହୋଇପଡ଼ିଥିଲେ । ଏହି ଘରପୋଡ଼ିର ଖବର ପାଇ ସହିଦ ଭଗତ ସେନାର ସଦସ୍ୟମାନେ ଆବାହକ ତଥା ଭଦ୍ରକର ନବ ନିର୍ବାଚିତ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ସହ ଉକ୍ତ ଗ୍ରାମରେ ପହଞ୍ଚି ପୀଡ଼ିତ ପରିବାର ବର୍ଗଙ୍କୁ ପଲିଥିନ, ଶୁଖିଲା ଖାଦ୍ୟ ଦେଇଛନ୍ତି ।

# ବେଆଇନ୍ ବାଲି ଉତ୍ତୋଳନ : ହାଇଲେବୁଲ ପୋଲ ଭୁଶୁଡ଼ିବା ଆଶଙ୍କା

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଏହି ଜିଲ୍ଲାର ଧାମନଗର ବ୍ଲକ୍ ଆନନ୍ଦପୁର ପଞ୍ଚାୟତର ପଣସମାହାରା ଘାଟରେ ନିର୍ମିତ ଆନନ୍ଦପୁର-ସିଦ୍ଧେଶ୍ୱର ବୈତରଣୀ ସେତୁ ଅଳ୍ପଦିନରେ ଭୁଶୁଡି ପଡ଼ିବା ନେଇ ଆଶଙ୍କା ଦେଖାଦେଇଛି । ବେଆଇନ୍ ବାଲି ଉତ୍ତୋଳନ ଯୋଗୁଁ ଏଭଳି ଟିପ୍ପଣୀ ଦେଇଛନ୍ତି ସ୍ଥାନୀୟ ବାସିନ୍ଦା । ୨୦୧୮ରୁ ନିର୍ମାଣ ଆରମ୍ଭ ହୋଇଥିବା ପୋଲଟି ୨୦୨୨ ରେ ସରିଥିଲା । ତାହା ଦେଢବର୍ଷ ହେବ ଲୋକମାନେ ଏହା ଉପରେ ଯାତାୟତ କରୁଛନ୍ତି । ଏହି ପୋଲ ହେବା ଫଳରେ ଧାମନଗର ଓ ଯାଜପୁର ମଧ୍ୟରେ ଦୂରତା କମିଯାଇଛି । ଖୁବ୍ କମ୍ ସମୟରେ ଜଣେ ଲୋକ ଯାଜପୁରରେ ପହଞ୍ଚି ପାରୁଛି । ମାତ୍ର ବାଲି ମାଫିଆଙ୍କ ଦୌରାତ୍ମ୍ୟ ଏହାକୁ ଧ୍ୱଂସ କରିଦେବ ବୋଲି ଆଶଙ୍କା କରାଯାଉଛି । ଆନନ୍ଦପୁର ପଞ୍ଚାୟତର ପ୍ରାୟ ୩୨ ଜଣ ଟ୍ରାକ୍ଟର ମାଲିକ ଓ



୪ ଜଣ ଟ୍ରକ୍ ମାଲିକ ବେଆଇନ୍ ଭାବେ ଏହି ପୋଲ ତଳୁ ଗତ ୫ ମାସ ହେଲା ବାଲି ଉତ୍ତୋଳନ କରିଆସୁଛନ୍ତି । ସୈରାତ ନିଲାମ ନଥିବାବେଳେ ଗାଡି ମାଲିକମାନେ ନିଜ ନିଜ ଜେସିବି ଲଗାଇ ବାଲି ଉଠାଉଛନ୍ତି । ଆନନ୍ଦପୁର ୭ନଂ ୱାର୍ଡ ସୀମାବର୍ତ୍ତୀ ସ୍ଥାନରେ ଥିବା ନିରୁପମା ମହାକୁଡ଼ଙ୍କ ଜମି ପ୍ଲଟ୍ ନଂ ୬୩୭ ଓ ଏହାର ପଶ୍ଚିମକୁ ଲାଗିଥିବା ପ୍ଲଟ୍ ନଂ ୬୩୬ ରେ ୨ଟି ଗଡା କରି ଏମାନେ ବୈତରଣୀ ଶଯ୍ୟାରୁ ବାଲି ଉଠାଉଛନ୍ତି । ପ୍ରଥମେ ପ୍ରଥମେ ରାତିରେ ଜେସିବି ଲଗାଇ ବାଲି ଠୁଳ କରୁଥିଲେ । ଏବେ ଦିନ ଦ୍ୱିପ୍ରହରରେ ବି ବାଲି ଉଠାଉଛନ୍ତି । ବେଧଡକ ବାଲି ଉଠୁଥିଲେ ବି ତହସିଲ ପ୍ରଶାସନ ଓ ପୋଲିସ୍‌ର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନାହିଁ । ଦୈନିକ ଚାନ୍ଦା ନେଇ ତହସିଲ କର୍ମଚାରୀ ନୀରବ ରହୁଥିବାବେଳେ ପୁଲିସ୍ ମଧ୍ୟ କୌଣସି ପଦକ୍ଷେପ ନେଉନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ତହସିଲ କାର୍ଯ୍ୟାଳୟର ଯୁକ୍ତି ଯେ ବାଲି ନିଲାମ ଆମ ହାତରେ ନାହିଁ । ଖଣି ବିଭାଗ ଦାୟିତ୍ୱରେ ରହିଛି । ଅନ୍ୟପକ୍ଷରେ ଖଣି ବିଭାଗ ପ୍ରଥମେ ପ୍ରଥମେ ଆସି ବାରମ୍ବରା ଚଢ଼ଉ କରୁଥିଲେ । ପରବର୍ତ୍ତୀ ସମୟରେ ମାର୍ଚ୍ଚ ପହିଲାରୁ ବେଆଇନ୍ ବାଲି ଘାଟରେ ୧୪୪ ଧାରା ଲଗାଇ ଦେଇଗଲେ । ମାତ୍ର ଗାଡି ମାଲିକମାନେ ସେ ସବୁକୁ ଖାତିର ନକରି ଏବେ ନିଶରେ ତେଲ ମାରି ବାଲି ଚାଲାଣ କରିବାରେ ଲାଗିଛନ୍ତି । ଗ୍ରାମରେ ଥିବା ୨ଟି ଜେସିବିର ମାଲିକଙ୍କୁ ଅଂଶୀଦାର କରି ପ୍ରତ୍ୟେକ ଦିନ ପୋଲ ତଳୁ ଶହ ଶହ ଟ୍ରିପ୍ ବାଲି ଉଠାଯାଉଛି । ଫଳରେ ପୋଲର ବେସ୍ ପିଲର ଦୁର୍ବଳ ହେବାର ଆଶଙ୍କା ଦେଖାଯାଇଛି । ବାଲିଘାଟ ପରିଚାଳନା ଆଇନ୍ ଅନୁସାରେ ସ୍ଥାୟୀ ନିର୍ମାଣ ବା ପୋଲ ଠାରୁ ଉଭୟ ପାର୍ଶ୍ୱରେ ସର୍ବନିମ୍ନ ୩୦୦ ମିଟର ଦୂରରୁ ବାଲି ଉଠାଯିବା କଥା । କିନ୍ତୁ ଅତିଶୟ ଲୋଭର ବଶବର୍ତ୍ତୀ ହୋଇ ଗାଡ଼ି ମାଲିକମାନେ ପୋଲ ତଳୁ ବାଲି ତାଡ଼ିବାରେ ଲାଗିଛନ୍ତି । ଏଥିନେଇ ଜିଲା ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷ ଦୃଢ ପଦକ୍ଷେପ ଗ୍ରହଣ ନକଲେ ନିର୍ମାଣ ହୋଇଥିବା ହାଇଲେବୁଲ ପୋଲଟିର ଆୟୁଷ ଅଚିରେ ହ୍ରାସ ପାଇବ ବୋଲି ଜଣାପଡିଛି ।

## ଧାମନଗର କଲେଜରେ ସ୍ୱତନ୍ତ୍ର ଗ୍ରୀଷ୍ମ ସେବା ଶିବିରରେ ଅଗ୍ନି ନିର୍ବାପକ ପ୍ରଶିକ୍ଷଣ



**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ମହାବିଦ୍ୟାଳୟ, ଭଦ୍ରକର ଜାତୀୟ ସେବା ସଂସ୍ଥା ଦ୍ୱାରା ଆୟୋଜିତ ତଥା କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଭାରତ ସରକାରଙ୍କ ଦ୍ୱାରା ଅନୁମୋଦିତ ଚଳିତ ୭ ଜୁନ୍‌ରୁ ୧୩ ମଧ୍ୟରେ ସାତ ଦିନିଆ ସ୍ୱତନ୍ତ୍ର ଗ୍ରୀଷ୍ମ କାଳୀନ ସେବା ଶିବିର ପୋଷ୍ୟ ଗ୍ରାମ ନନ୍ଦିପୁରର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ନନ୍ଦିପୁରରେ ଅନୁଷ୍ଠିତ ହେବା ଅବସରରେ ଚତୁର୍ଥ ଦିନରେ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନଙ୍କୁ ଧାମନଗର ଅଗ୍ନି ନିର୍ବାପକ ଆରକ୍ଷୀ ଅଧିକାରୀ ବିଶ୍ୱଜିତ ରାଉତ ଏବଂ ତାଙ୍କ ଅନ୍ୟ ସହଯୋଗୀମାନଙ୍କ ଦ୍ୱାରା ଦୈନନ୍ଦିନ ଜୀବନରେ ଜରୁରୀକାଳୀନ ଅଗ୍ନି ଓ ପାଣିରେ ବୁଡ଼ିବା ଜନିତ ଦୁର୍ଘଟଣାରୁ କିପରି ନିଜକୁ ଏବଂ ଅନ୍ୟମାନଙ୍କୁ ମୃତ୍ୟୁ ମୁଖରୁ ରୋକାଯାଇ ପାରିବ ସେଥିପାଇଁ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣରେ ଅଗ୍ନି ଓ ଜଳର ସୃଷ୍ଟି, ପ୍ରକାର ଭେଦ ଏବଂ ଏହା ସହିତ ସମ୍ପର୍କୀତା ଅନ୍ୟାନ୍ୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଓ ବହୁ ଉପାଦେୟ ତଥ୍ୟମାନ ପ୍ରଦାନ କରିଥିଲେ । ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଡ. ମନୋଜ କୁମାର କର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଉପସ୍ଥିତ ଗ୍ରାମବାସୀ ଓ ଶିବିରର ସମସ୍ତ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ମାନେ ବହୁବିଧ ଜ୍ଞାନ ଅର୍ଜନ କରିଥିଲେ ।

# ମେଟ୍ରୋନ୍ ମହାସଂଘ ପକ୍ଷରୁ ପଞ୍ଚମ ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀ


**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ଅନୁସୂଚିତ ଜନଜାତି ଓ ଜାତି ମହିଳା ମେଟ୍ରୋନ୍ ମହାସଂଘ ପକ୍ଷରୁ ପଞ୍ଚମ ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀ ସ୍ଥାନୀୟ ଗୀତଗୋବିନ୍ଦ ସଦନ, ଭୁବନେଶ୍ୱର ଠାରେ ମହାସମାରୋହରେ ପାଳନ କରାଯାଇଛି । ଉକ୍ତ ସମ୍ମିଳନୀକୁ ରାଜ୍ୟ ସଭାନେତ୍ରୀ ମମତା ସାହୁ ସଭାପତିତ୍ୱ କରିଥିବା ବେଳେ ରାଜ୍ୟ ସାଧାରଣ ସମ୍ପାଦିକା ପ୍ରଭାତି ପାତ୍ର ବିବରଣୀ ପାଠ କରିଥିଲେ । ଆବାହକ ଦିଗମ୍ବର ଜେନା ପ୍ରଦୀପ ପ୍ରଜ୍ୱଳନ କରି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଶ୍ରୀ ଜେନା ମାଟ୍ରନ୍‌ମାନଙ୍କର ୭ଦଫା ଦାବି ସମ୍ବନ୍ଧେ ଆଲୋଚନା କରି ସେଥିମଧ୍ୟରୁ ୪ ଗୋଟି ଦାବି ବିଗତ ଦିନର ସରକାର ପୂରଣ କରିଛନ୍ତି ଏବଂ ଆଉ ବାକି ୩ଗୋଟି ଦାବି ବାବଦରେ ଖୁବ୍‌ଶୀଘ୍ର ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ରଖିଛନ୍ତି । ତା'ସହିତ ଦୀର୍ଘ ଦିନର ପରିଶ୍ରମର ଫଳ ମେଟ୍ରୋନ୍‌ମାନେ ପାଇଛନ୍ତି ଆଉ ବାକି ଯେଉଁଗୁଡ଼ିକ ରହିଛି ସେଗୁଡ଼ିକ ପାଇଁ ଓଡ଼ିଶାର ସମସ୍ତ ଜିଲ୍ଲାର ଜିଲ୍ଲା କମିଟି, ବ୍ଲକ କମିଟି ଗଠନ କରାଯାଇ ସଂଗଠନକୁ ମଜବୁତ୍ କରାଯିବା ନିମନ୍ତେ ଶ୍ରୀ ଜେନା ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଆଉ ନୂତନ ଭାବରେ ତିନିଗୋଟି ଦାବି ସରକାରଙ୍କ ନିକଟରେ ଦାବି କରାଯିବ (୧) ସିଫ୍ଟ ଡ୍ୟୁଟି ଦିଆଯାଉ (୨) ମେଟ୍ରୋନ୍‌ମାନଙ୍କୁ ହଷ୍ଟେଲରେ ଏକ କ୍ୱାର୍ଟର ଯୋଗାଇ ଦିଆଯାଉ (୩) ମେସ୍ ମ୍ୟାନେଜ୍‌ମେଣ୍ଟ ଯୋଗାଇ ଦେବା ନିମନ୍ତେ ଦାବିପତ୍ରରେ ଉଲ୍ଲେଖ କରାଯାଇଥିଲା ଏବଂ ନୂତନ ମନ୍ତ୍ରିମଣ୍ଡଳ ଗଠନ ହେଲାପରେ ବିଭାଗୀୟ ମନ୍ତ୍ରୀଙ୍କୁ ମହାସଂଘ ତରଫରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କୋଷାଧ୍ୟକ୍ଷା ସୁଷମା ନାୟକ, ୩୦ଗୋଟି ଜିଲ୍ଲାର କର୍ମକର୍ତ୍ତା ମାନଙ୍କ ମଧ୍ୟରେ ମୟୂରଭଞ୍ଜର ଜିରାମଣି ସିଂହ, ମମତା ସାହୁ, ଆରତୀ ପାତ୍ର, ବାସନ୍ତୀ ଦାସ, ସୁନ୍ଦରଗଡ଼ର ମଞ୍ଜୁଜୀନଫା ଖାଲ୍‌କୋ, ଲିଲି ବାପିଷ୍ଟା କୁଲୁ, ପ୍ରଭାସିନୀ, ଲୀନା କେର୍କେଟା, ଗଞ୍ଜାମର ତଅପୋଇ ଦାସ, ଚାରୁଲତା ଦେଇ, ମାନସୀ ମହାପାତ୍ର, ପୁରୀର ଅନୁପମା ବେହେରା, କେନ୍ଦୁଝରର ପ୍ରେମଲତା ମହନ୍ତ, ପ୍ରୀତିମୟୀ ଚକ୍ର, ରୀତା ସୁତାର, ଅନୁଗୁଳର - ସସ୍ମିତା ନାୟକ, ଜୟନ୍ତୀ ବିଶ୍ୱାଳ, ରାୟଗଡ଼ାର ସୌଦାମିନୀ ମହାନ୍ତି, ମମତା ସାହୁ, କୋରାପୁଟରୁ ବୀଣାପାଣି ବିଶ୍ୱାଳ, ଖୋର୍ଦ୍ଧାରୁ ସନ୍ଧ୍ୟାରାଣୀ ସମାନ୍ତରାୟ, କନ୍ଧମାଳରୁ ପ୍ରତିମା ମଲ୍ଲିକ, ଶାନ୍ତିଲତା ପ୍ରଧାନ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ ।

# ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ଜିଲ୍ଲା ସଦର ମହକୁମା ପ୍ରଧାନୀଗୁଡ଼ା ଠାରେ ଥିବା ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ନାମ ଲେଖିବା ପାଇଁ ଏକ ଦିବସୀୟ ସଚେତନତା ସଭା ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପରିଡା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଡ଼ଃ. ମାଧବ ଚନ୍ଦ୍ର ବିଷୋୟୀ ଆଂଚଳିକ ନିର୍ଦ୍ଦେଶକ ଇନ୍ଦୀରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ ଯୋଗଦାନ କରି ତହସିଲ ଭୁକ୍ତ ଜନଜାତି କିପରି ମାଗଣାରେ ଉଚ୍ଚ ଶିକ୍ଷିତ ହୋଇପାରିବେ ସେହି ବିଷୟରେ ଆଲୋଚନା କରିଥିଲେ । ମୁଖ୍ୟ ବକ୍ତା ଭାବେ ମାଲକାନଗିରି ମହାବିଦ୍ୟାଳୟର




ବାଣିଜ୍ୟ ବିଭାଗ ମୁଖ୍ୟ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ମାଗଣାରେ କିପରି ଉଚ୍ଚ ଶିକ୍ଷିତ ହୋଇପାରିବେ ସେ ବିଷୟରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଜ୍ଞାନ ଆହରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିପିନ ବିହାରୀ ଖଡ଼ଗେ, ରିତେଶ ଶର୍ମା ଓ ସମସ୍ତ ଅଧ୍ୟାପକ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ବର୍ଷା ହେଲେ ଗଜେନ୍ଦ୍ରପୁରର ୨୫ ପରିବାର ହନ୍ତସନ୍ତ : ସରକାରୀ ନକ୍ସାରେ ରାସ୍ତା ମାନ୍ୟତା ନାହିଁ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ବର୍ଷା ଅସରାଏ ହେଲେ ୨୫ ପରିବାର ଦହଗଞ୍ଜ ହେଉଛନ୍ତି । ରାସ୍ତରେ ସାଇକେଲ୍ ମୋଟର ସାଇକେଲ୍ ତ ଦୂରର କଥା, ପାଦରେ ଚାଲି ଚାଲି ଯିବାକୁ ଲୋକେ ନିଜକୁ ସୁରକ୍ଷିତ ମଣୁନାହାଁନ୍ତି । ସୁବିଧା ଅସୁବିଧା ସମୟରେ ଗାଁକୁ ଦମକଳ କିମ୍ବା ୧୦୮ ଯାନ ଯିବା ସ୍ୱପ୍ନ ପାଲଟିଛି । ସରକାରୀ ନକ୍ସାରେ ୪୦ ବର୍ଷ ହେବ ରାସ୍ତାର ଠିକଣା ନଥିବାରୁ ଏହା ଉପରେ ପ୍ରଶାସନିକ ଅଧିକାରୀ କିମ୍ବା ରାଜନେତା ଦୃଷ୍ଟି ଦେଉନାହାଁନ୍ତି । ଏପରି ଚିତ୍ର ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀ ବ୍ଲକ୍ ବାରିକପୁର ନିକଟ ଗଜେନ୍ଦ୍ରପୁର ଗ୍ରାମ୍ୟ ରାସ୍ତାରେ । ଉକ୍ତ ଗ୍ରାମରେ ପ୍ରାୟ ୨୦ ରୁ ୨୫ ହରିଜନ ପରିବାର ବସବାସ କରୁଥିବାବେଳେ ୪୦ ବର୍ଷ ହେବ ସେମାନଙ୍କ ପାଇଁ ଯାତାୟତ ସୁବିଧା ହୋଇପାରିନାହିଁ । ନିର୍ବାଚନ ବେଳେ ନେତାଙ୍କ ପ୍ରତିଶ୍ରୁତି ଓ ନିର୍ବାଚନ ପରେ ଅମଲାଙ୍କ ‘ହଁ ଦେଖିବା’ ବାକ୍ୟରେ ରହିଯାଇଛି ଲୋକଙ୍କ ଭାଗ୍ୟ । ସୂଚନା ମୁତାବକ ବାରିକପୁର ବନ୍ତ ପୂ ବିଭାଗ ରାସ୍ତା ଠାରୁ ଗାଁକୁ ୬୦୦ ମିଟର ଦୈର୍ଘ୍ୟ ବିଶିଷ୍ଟ ଏକ କଚ୍ଚା ରାସ୍ତା ଦୀର୍ଘବର୍ଷ ପୂର୍ବରୁ ନିର୍ମାଣ ହୋଇଥିଲା । ପରେ ଏହା ଉପରେ କେତେବେଳେ କେମିତି ମହରମ ମୁଠିଏ ମଧ୍ୟ ପଡିଥିଲା । ଏବେ ମାଟି ମୋରମ ମିଶା ରାସ୍ତାଟିରେ ଅସରାଏ ବର୍ଷା ହେଲେ କାଦୁଅ ସୃଷ୍ଟି ହେଉଛି । ଫଳରେ ଲୋକମାନେ ଯାତାୟତ କରିବାକୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଶହ ଶହ ଗାଁର ସାହିକୁ ସାହି କଂକ୍ରିଟ୍ ରାସ୍ତା ନିର୍ମାଣ ହେଉଥିବା ବେଳେ ଏଠି କିନ୍ତୁ ତାହା ସ୍ୱପ୍ନ ପାଲଟିଛି । ଗ୍ରାମବାସୀଙ୍କ ଦ୍ୱାରା ନିର୍ମିତ ରାସ୍ତାଟି ଏବେବି ସୁଦ୍ଧା ସରକାରୀ ନକ୍ସା ଓ ଦସ୍ତାବିଜରେ ଚିହ୍ନଟ ହୋଇନାହିଁ । ଫଳରେ ଉକ୍ତ ପଥରେ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ଯାତାୟତ ଉପଯୋଗୀ ଅର୍ଥ ବିନିଯୋଗ ହୋଇପାରୁନାହିଁ । ଏହା ଉପରେ ନିର୍ବାଚିତ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ଦୃଷ୍ଟି ନଦେବା ପରିତାପର ବିଷୟ ପାଲଟିଛି । ବନ୍ତ ବ୍ଲକ୍‌ର ଶେଷ ସୀମାରେ ଉକ୍ତ ଗ୍ରାମ ରହିଥିବା ହେତୁ ଏହା ଉପରେ ଅଧିକାରୀମାନେ ସେଭଳି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି । ସେ ଯାହାବି ହେଉ ବର୍ଷା ପୂର୍ବରୁ ରାସ୍ତାର ଅସ୍ଥାୟୀ ମରାମତି ସହିତ ପକ୍କେ କଂକ୍ରିଟ ନିର୍ମାଣ କରିବାକୁ ଗ୍ରାମର ନରହରି ଜେନା, ମାନସ ରଂଜନ ଜେନା, ଦିପୁ ଜେନା, ରାଜେନ୍ଦ୍ର ଜେନା, ଗିରିଧାରୀ ଜେନା, ଅନନ୍ତ ଜେନା, ରବିନ୍ଦ୍ର ଜେନା, କୈଳାସ ଜେନା, ମନୋଜ ଜେନା, ନାରଣ ଜେନା ପ୍ରମୁଖ ଦାବି କରିଛନ୍ତି ।

## ଶ୍ରୀବନ୍ତପୁର ତାରିଣୀ ପୀଠରେ ବାର୍ଷିକ ଉତ୍ସବ ପାଳିତ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଶ୍ରୀବନ୍ତପୁର ଠାରେ ଥିବା ମା' ତାରିଣୀଙ୍କ ପିଠରେ ଆଜି ଷୋହଳତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ଗ୍ରାମ ପୁଷ୍କରଣୀରୁ ୩୬୦କଳସ ଶୋଭାଯାତ୍ରାରେ ଅଣାଯାଇ ମା'ଙ୍କ ପିଠରେ ସ୍ଥାପନ କରାଯାଇଥିଲା । କର୍ତ୍ତା ଭାବେ ଜୟଶଙ୍କର ଚତ୍ତୁର୍ବେଦୀ, ଆଶାଲତା ଚତ୍ତୁର୍ବେଦୀ ଦାୟତ୍ୱ ତୁଲାଇଥିଲେ । ମୁଖ୍ୟ ପୂଜକ ଭାବେ ଯୋଗାନନ୍ଦ ପଣ୍ଡା, ମନ୍ଦିର ପୂଜକ ବୁଦ୍ଧଦେବ ଦାଶଙ୍କ ସହ ସାଥି ପୂଜକ ଗିରିଧାରୀ ତ୍ରୀପାଠୀ, ସୂରୁପାନନ୍ଦ ମିଶ୍ର, ଗଣନାଥ କର, ଆଶୁତୋଷ ତ୍ରିପାଠୀ ପୂଜା କାର୍ଯ୍ୟ ତୁଲାଇଥିଲେ । ମା'ଙ୍କ ପିଠରେ ଅଙ୍କୁରାରୋପଣ, ଘଟୋ ଲନ, ଗୋ ପୂଜନ, ସୂର୍ଯ୍ୟ ପୂଜା, ଯଜ୍ଞାରମ୍ଭ, ଅଗ୍ନି ସ୍ଥାପନ ଆଦି ଷୋଡ଼ଶ ଉପଚାରରେ ରିତିନୀତି ଅନୁଯାଇ ପୂଜାର୍ଚ୍ଚନା କରାଯାଇଥିଲା । ଏଥିରେ ମନ୍ଦିର ପରିଚାଳନା କମିଟିର ସଭାପତି ବଳରାମ ଜେନା, ସଂପାଦକ ଅକ୍ଷୟ କୁମାର ଜେନା, ଶୁଭଙ୍କର ଜେନା, ରମେଶ ଚନ୍ଦ୍ର ଜେନା, କୁଶଧ୍ୱଜ ଜେନା, ଉଚ୍ଛବ ନାୟକ, କୁଳମଣୀ ନାୟକ, ରୁନୁଲତା ଜେନା, ପମିଲତା ବାରିକ, ରୁନିରାଣୀ ଜେନା, ମାର୍କଣ୍ଡ ବେହେରା, ଗିରିଧାରି ଜେନା, ମହେନ୍ଦ୍ର ଜେନା, ପ୍ରଦୀପ ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ପାନୀୟ ଜଳ ଓ ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲା ନାଗରିକ ମଞ୍ଚ ପକ୍ଷରୁ ଦାବିପତ୍ର



**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**

କେନ୍ଦୁଝର ଜିଲାରେ ଦିନକୁ ଦିନ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଥିବା ବେଳେ ମାଛକାନ୍ଦଣା, କାଇଁଝରି, ବୈତରଣୀରେ ଜଳ ସ୍ତର ହ୍ରାସ ପାଇଛି। ବୈତରଣୀର ମିରିଗିସିଙ୍ଗା, ମାଛକାନ୍ଦଣା ଓ କାଇଁଝରିରୁ ପାନୀୟ ଜଳ ଯୋଗାଣ ଗ୍ରୀଷ୍ମ ଋତୁରେ ସମ୍ଭବ ହେଉନାହିଁ। ଗ୍ରାମାଞ୍ଚଳରେ ଅଧିକାଂଶ ଜଳ ଯୋଗାଣ ପ୍ରକଳ୍ପ ରକ୍ଷଣା ବେକ୍ଷଣ ଅଭାବ ଓ ବିଦ୍ୟୁତ ଦେୟ ବିକେୟା ପାଇଁ ଅଚଳ ରହିଛି। ଏଣୁ ଜିଲ୍ଲାରେ ଜଳ ଯୋଗାଣ ପ୍ରକଳ୍ପ, ଜଳ ଭଣ୍ଡାର ଗୁଡ଼ିକର ପୁନଃଉଦ୍ଧାର କରିବା ସହ ଅଚଳ ଜଳସେଚନ ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟକ୍ଷମ କରିବାକୁ କେନ୍ଦୁଝର ଜିଲ୍ଲା ପ୍ରଗତିଶୀଳ ନାଗରିକ ମଞ୍ଚ ନୂତନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛି। କେନ୍ଦୁଝରରେ ଓଡ଼ିଶା ଖଣି ନିଗମ ମାଧ୍ୟମରେ ଏକ ମେଗା ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା, କଳିଙ୍ଗ ଲୁହା କାରଖାନା ଓ ତାକୁ ପ୍ରଦାନ କରାଯାଇଥିବା ଖଣିକୁ ନେଇ ବିଭିନ୍ନ କାରଖାନାକୁ କାର୍ଯ୍ୟକ୍ଷମ କରିବା, କେନ୍ଦୁଝର ସହରର ଜୁଡ଼ିଆ ଠାରେ ଥିବା କୃଷି ଫାର୍ମ ଠାରେ ଏକ କୃଷି ମହାବିଦ୍ୟାଳୟ ସ୍ଥାପନ କରିବା, କାନପୁର ବୃହତ ଜଳସେଚନ ପ୍ରକଳ୍ପ ତୁରନ୍ତ କାର୍ଯ୍ୟକ୍ଷମ କରିବା, ଧରଣୀଧର ବିଶ୍ୱବିଦ୍ୟାଳୟ ଓ ଧରଣୀଧର ଭେଷଜ ମହାବିଦ୍ୟାଳୟକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, ଜଂଘିରାରୁ କାଳିଆହୋତା ଓ ଶୁଆକାଠୀରୁ ବଣେଇ ରାସ୍ତାକୁ ପ୍ରଶସ୍ତିକରଣ କରିବା, କାଞ୍ଜିପାଣିରୁ ଡିହଡହଲ ଭାୟା ତେଲକୋଇ ରାସ୍ତା ପ୍ରଶସ୍ତିକରଣ, ଜିଲ୍ଲାର ଖଣି ଶିଳ୍ପ ଓ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନରେ ଜିଲ୍ଲା ନିଯୋଜନ କେନ୍ଦ୍ର ମାଧ୍ୟମରେ ସ୍ଥାନୀୟ ଯୁବକ ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ, ଚମ୍ପୁଆ ଠାରେ କେନ୍ଦ୍ରୀୟ ବିଦ୍ୟାଳୟକୁ କାର୍ଯ୍ୟକ୍ଷମ କରିବା, ଚମ୍ପୁଆ ଓ ଆନନ୍ଦପୁର ଠାରେ ଷ୍ଟାଡିୟମ୍ ଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ, ତିନୋଟି ସବଡିଭିଜନରେ ଦୁଇ ହଜାର ସିଟ୍ କ୍ଷମତା ବିଶିଷ୍ଟ ଅଡିଟୋରିୟମ ନିର୍ମାଣ ଓ ତେଲକୋଇ ଠାରେ ହାତୀମୁଣ୍ଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଏବଂ ବୈତରଣୀ ନଦୀ ଓ ତାର ଉପର ମୁଣ୍ଡ ଅବବାହିକାରେ ବ୍ୟାପକ ବୃକ୍ଷ ରୋପଣ ଓ ଜଳ ସଂରକ୍ଷଣ ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ମଞ୍ଚର ଏକ ବୈଠକରେ ଜିଲ୍ଲାର ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ମଞ୍ଚ ପକ୍ଷରୁ ସଭାପତି ମଳୟ ମହାପାତ୍ର, ଉପସଭାପତି ଭରତଚନ୍ଦ୍ର ପାତ୍ର, ଧରିତ୍ରୀ ରାଉତ ଓ ଯୁଗ୍ମ ସମ୍ପାଦକ ସନ୍ତୋଷ ମହାପାତ୍ର ଭୁବନେଶ୍ୱର ଠାରେ ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରି ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

## ଜଳବନ୍ଦୀ ସମସ୍ୟାକୁ ନେଇ ସାଂସଦଙ୍କ ସମୀକ୍ଷା

# 'କୌଣସି ପରିସ୍ଥିତିରେ ପ୍ରଭାବିତ ହେବନି ଗୋଟିଏ ବି ଜୀବନ'

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଅସରାଏ ବର୍ଷାରେ ଉବୁଟୁବୁ ହେଉଛି ରାଜଧାନୀ। ବର୍ଷ ବର୍ଷ ଧରି ଜଳବନ୍ଦୀ ସମସ୍ୟା ସମାଧାନ ହୋଇ ପାରୁନି। ଏଭଳି ଏକ ଗୁରୁତର ପ୍ରସଙ୍ଗକୁ ନେଇ ସମୀକ୍ଷା କରିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ। ବିଏମ୍‌ସି ଏକାମ୍ର ହଲ୍‌ରେ ବସିଥିବା ଏହି ସମୀକ୍ଷା ବୈଠକରେ କୌଣସି ପରିସ୍ଥିତିରେ ଯେଭଳି ଗୋଟିଏ ବି ଜୀବନ ପ୍ରଭାବିତ ହେବନି ତାହା ଉପରେ ଗୁରୁତ୍ୱ ଦେଇଛନ୍ତି। ଏକାମ୍ର ବିଧାୟକ ବାବୁ ସିଂହ ମଧ୍ୟ ଜଳବନ୍ଦୀ ସମସ୍ୟା ସମାଧାନ ଦିଗରେ ପ୍ରସ୍ତାବ ଦେବାସହ ଯୁଦ୍ଧକାଳୀନ ଭିତ୍ତିରେ ନଳା ସଫା କରିବାକୁ କହିଛନ୍ତି। ମେୟର ସୁଲୋଚନା ଦାସ, କମିସନର ରାଜେଶ ପ୍ରଭାକର ପାଟିଲ୍, ବିଡିଏ ଉପାଧ୍ୟକ୍ଷ ବଲ୍‌ୱନ୍ତ ସିଂହଙ୍କ ଉପସ୍ଥିତିରେ ବିଭାଗୀୟ ଅଧିକାରୀମାନେ ନଳାର ସ୍ଥିତି ସମେତ ସମସ୍ୟା ଓ ସମାଧାନ ବାବଦରେ ଅବଗତ କରାଇଛନ୍ତି। ଏଯାବତ୍ ୫୦ ପ୍ରତିଶତ ନଳା ସଫା ହୋଇନଥିବାରୁ





ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ତେବେ ବିଏମ୍‌ସି ଆସନ୍ତା ମୌସୁମୀ ବର୍ଷା ପାଇଁ ପ୍ରସ୍ତୁତ ଥିବା ସାଂସଦଙ୍କୁ ପ୍ରତିଶ୍ରୁତି ଦେଇଛି। ଜଳବନ୍ଦୀ ସମସ୍ୟା ସହ କଳିଙ୍ଗ ଷ୍ଟାଡିୟମରେ ପ୍ରାତଃଭ୍ରମଣ ପାଇଁ ସୁଯୋଗ ଦେବା ଓ ଝାରପଡ଼ାରେ ଉଚ୍ଛେଦ ହୋଇଥିବା ହାଟ ବ୍ୟବସାୟୀଙ୍କ ସମସ୍ୟା ସମାଧାନ ଉପରେ ସାଂସଦ ଆଲୋଚନା କରିଥିଲେ। ତାଙ୍କ ସହ ଏକାଧିକ ବିଜେପି କର୍ମୀ ଯଥା, ଦୁଇ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ଓ ପ୍ରିୟଦର୍ଶୀ ମିଶ୍ର, ରଶ୍ମୀ ମହାପାତ୍ର ଓ ଅନ୍ୟମାନେ ରହିଥିଲେ। କିଛିଦିନ ହେବ ସାଂସଦ ଓ ବିଧାୟକ ବିଭିନ୍ନ ସ୍ଥାନରେ ବୁଲି ନଳାଗୁଡ଼ିକର ସ୍ଥିତି ଦେଖିଥିଲେ। ବିଭିନ୍ନ ସ୍ଥାନରେ ପରିସ୍ଥିତି ଉଦ୍‌ବେଗଜନକ ଥିବାରୁ ଏହି ସମୀକ୍ଷା ପାଇଁ ଯୋଜନା ହୋଇଥିଲା। ସାଂସଦ ବିଏମ୍‌ସି କମିସନରଙ୍କୁ ଚିଠିଲେଖି ସମୀକ୍ଷା ପାଇଁ କହିଥିଲେ। ସେହି ଅନୁସାରେ ବୈଠକ ବସିଥିଲା। ପାୱାର ପଏଣ୍ଟରେ ଉପସ୍ଥାପନ ହୋଇଥିଲା। ବିଏମ୍‌ସିର ସର୍ଭେ ମୁତାବକ ସହର ଭିତରେ ୧୧ଟି ଓ ଉପକଣ୍ଠରେ ଗୋଟିଏ, ଏଭଳି ୧୨ଟି ସ୍ଥାନ ସବୁଠାରୁ ଅଧିକ ସମ୍ବେଦନଶୀଳ ରହିଛି। ସେଗୁଡ଼ିକ ହେଉଛି ଇସ୍କନ ମନ୍ଦିର, ବମିଖାଲ, ସିଟି ମହିଳା ମହାବିଦ୍ୟାଳୟ, ଷ୍ଟୁଡିଓ ଛକ, ସୁବାସନଗର ବସ୍ତି, ରୁଦ୍ରପୁର, ସ୍ୱିଟି କମ୍ପ୍ଲେକ୍ସ, ରାଜୀବନଗର, ପାଇକନଗର, ବନଫୁଲ ବସ୍ତି ଓ ଲକ୍ଷ୍ମୀସାଗର ଗାଁ। ଏଠାରେ ଜଳ ନିଷ୍କାସନ ନେଇ ସମସ୍ୟା ଥିବାରୁ ସହର ଜଳମଗ୍ନ ହେଉଛି। ଏହାର ସମାଧାନ ପାଇଁ ପ୍ରୟାସ ଜାରି ରହିଥିବା ବିଏମ୍‌ସି ସୂଚନା ଦେଇଛି। ତେବେ ସବୁଠାରୁ ବଡ଼ ସମସ୍ୟା ହେଉଛି ଦୟା ୱେଷ୍ଟ କେନାଲ। ଦାଢ଼ା ଗ୍ରାମପଞ୍ଚାୟତ ନିକଟରେ ପୁରୀ ମୁଖ୍ୟ କେନାଲ୍‌ରୁ ବାହାରିଥିବା ଏହି କେନାଲ୍ ସହର ଭିତରେ ୧୬.୧କିମି ରହିଛି। ୧୧ଟି ଜାଗାରେ ଏହା ଭିତରକୁ ସ୍ୱରେଜ୍ ପାଇପ୍ ସିଧା ସଳଖ ସଂଯୁକ୍ତ ହୋଇଛି। ଫଳରେ ଏହାର ପ୍ରଦୂଷଣର ମାତ୍ରା ସର୍ବାଧିକ। କିନ୍ତୁ ଉଭୟପାର୍ଶ୍ୱରେ ଜବରଦଖଲ ଯୋଗୁ ଏହାର ପୁନରୁଦ୍ଧାର ସମ୍ଭବ ହେଉନାହିଁ, ଯଦିଓ ତାହା ହେଲେ ରାଜଧାନୀ ଜଳବନ୍ଦୀ ମୁକ୍ତ ହୋଇ ପାରିବ। ଏଥିପାଇଁ ବିଏମ୍‌ସି ଏକ ପ୍ଲାନ୍ ମଧ୍ୟ ପ୍ରସ୍ତୁତ କରିଛି। କିନ୍ତୁ ଏହା ଜଳସମ୍ପଦ ବିଭାଗ ଅଧୀନରେ ରହିଥିବାରୁ ସମ୍ଭବ ହୋଇ ପାରୁନାହିଁ। ଫଳରେ ଏହାର ସମାଧାନ ନେଇ ବିଏମ୍‌ସି ଏକପ୍ରକାର ହାତ ଟେକି ଦେଇଛି।

# ବିଦ୍ୟୁତର ଲୁଚକାଳି ଖେଳ : ସପ୍ତାହ ହେଲା ଅନ୍ଧାରରେ ଅଧିକାଂଶ ଗ୍ରାମାଞ୍ଚଳ





**ବାଲିଗୁଡ଼ା, ନ୍ୟୁଜ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡରେ ଆଜକୁ କିଛିଦିନ ହେଲା ବିଦ୍ୟୁତ ଲୁଚକାଳି ଖେଳି ଉପଭୋକ୍ତାଙ୍କୁ ହନ୍ତସନ୍ତରେ ପକାଇଲାଣି । ସାମାନ୍ୟ ପବନ ବର୍ଷା ହେଲେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ ଚାଲିଯାଉଛି । ଏପଟେ ପ୍ରବଳ ଖରା ଓ ଗରମ ସାଙ୍ଗକୁ ମନ ଇଚ୍ଛା ବିଦ୍ୟୁତକାଟ ଉପଭୋକ୍ତାଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିପକାଉଛି । ଚଳିତ ମାସ ୧୧ ତାରିଖରେ ଅଞ୍ଚଳରେ ହୋଇଥିବା କାଳବୈଶାଖୀ ପ୍ରବାହରେ ପ୍ରବଳ ପବନ ଓ ବର୍ଷାରେ ବିଦ୍ୟୁତଖୁଣ୍ଟ ଭାଙ୍ଗି ଅଧିକାଂଶ ଗାଁକୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଯାଇଛି। ବାଲିଗୁଡା ବ୍ଲକର ଅଧିକାଂଶ ପଞ୍ଚାୟତରେ ଆଜକୁ ଏକ ସପ୍ତାହ ହେଲା ସଜଡ଼ା ଯାଇନଥିବା ଯୋଗୁଁ ଅନ୍ଧାରରେ ରହିଛନ୍ତି। ବାଲିଗୁଡା ବ୍ଲକର ବଡଗାଁ, ସିନ୍ଦ୍ରିଗାଁ, ମାଣିକୁଟି, ବାଲିପଦର ଭଳି ଅନେକ ଗ୍ରାମରେ ବିଦ୍ୟୁତ ସେବା ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯିବା ଯୋଗୁଁ ଅଞ୍ଚଳବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ବିଦ୍ୟୁତ ସେବା ଦ୍ୱାରା ନିଜ ପରିବାର ପ୍ରତିପୋଷଣ କରି ଚଳୁଥିବା ଅଞ୍ଚଳର ବିଭିନ୍ନ ଧାନକଳ, ଚୁନା କଳ, ହଳଦୀ କଳ, କମ୍ପ୍ୟୁଟର, ଇଣ୍ଟର ନେଟ ସେବା ଭଳି ବିଭିନ୍ନ ସେବା ଯୋଗାଉଥିବା ପରିବାର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଇ ଦୁଇ ଦିନ ତଳେ ଅଞ୍ଚଳର କେତେକ ସାହିରେ ବିଦ୍ୟୁତ ନ ଥିବା ନେଇ କାର୍ଯ୍ୟାଳୟକୁ ଅଭିଯୋଗ ଦେବା ପାଇଁ ଯାଇଥିବା ସମୟରେ କାର୍ଯ୍ୟାଳୟ ବନ୍ଦ ରହିଥିଲା । ହଠାତ ବିଦ୍ୟୁତ ସେବା ଚାଲିଗଲେ ଅଭିଯୋଗ କରିବାର ଦୀର୍ଘ ସମୟ ପରେ ମଧ୍ୟ ସମାଧାନ ହୋଇପାରୁ ନଥିବା ଯୋଗୁଁ ଅଞ୍ଚଳରେ ତିବ୍ର ଅସନ୍ତୋଷ ବୃଦ୍ଧି ପାଉଛି। ଅଭିଯୋଗ କଲ ସେଣ୍ଟରରେ ଅଭିଯୋଗ କରିବାର ଦୀର୍ଘ ସମୟ ପରେ ମଧ୍ୟ ସମାଧାନ ନ ହେଲେ ବାଲିଗୁଡାର ବିଦ୍ୟୁତ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଗଲେ ଅଧିକାଂଶ ସମୟ ବନ୍ଦ ରହୁଛି, ଆଉ ଯେତିକି ସମୟ ଖୋଲା ଯାଉଛି, ସେହି ସମୟରେ ଅଭିଯୋଗ କଲେ ଅଭିଯୋଗ ଗ୍ରହଣ ନ କରି ଉପଭୋକ୍ତାଙ୍କୁ ହଇରାଣ ହରକତ କରାଯାଉଛି । ବିଭାଗୀୟ ଅଧିକାରୀ ମୋବାଇଲକୁ ବନ୍ଦ କରି ରଖୁଛନ୍ତି ବୋଲି ଅଂଚଳବାସୀ ଅଭିଯୋଗ କରିଛନ୍ତି । ଅପରପଟେ ବିଭାଗର କିଛି କର୍ମଚାରୀ କହିଛନ୍ତି ଯେ, କାଳ ବୈଶାଖୀରେ ଅଞ୍ଚଳର ବିଭିନ୍ନ ସ୍ଥାନରେ ବିଦ୍ୟୁତ ତାର ଉପରେ ବଡ ବଡ ଗଛ ପଡିଥିବାରୁ ବିଦ୍ୟୁତ ସରବରାହ ବନ୍ଦ ହୋଇଛି, ଏଣୁ ସେହି ସବୁ ଗାଁକୁ ଯାଇ ଜରୁରୀ କାଳୀନ ଭିର୍ତ୍ତିରେ ସଜାଡୁଛନ୍ତି, ତେଣୁ କାର୍ଯ୍ୟାଳୟରେ ପ୍ରାୟ କେହି ରହୁନାହାନ୍ତି ବୋଲି ପ୍ରକାଶ କରିଛନ୍ତି।

# ରାଷ୍ଟ୍ରୀୟ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ତିର୍ତ୍ତୋଲରେ ସମ୍ବର୍ଦ୍ଧନା

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ଚଳିତ ୨୦୨୪ ସାଧାରଣ ନିର୍ବାଚନରେ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର ବିଜେପିରୁ ବିଧାୟକ ଭାବେ ସମ୍ପଦ ଚନ୍ଦ୍ର ସ୍ୱାଇଁ ବିଜୟ ଲାଭ କରିଥିଲେ। ଦଳ ତାଙ୍କର କାର୍ଯ୍ୟ ସଂଗଠନ ଓ ଦଳ ପ୍ରତି ନିଷ୍ଠା ଦେଖି ରାଷ୍ଟ୍ରୀୟ ମନ୍ତ୍ରୀ ପଦବୀ ଦେଇଛନ୍ତି। ମନ୍ତ୍ରୀ ଶ୍ରୀଯୁକ୍ତ ସ୍ୱାଇଁ ଜିଲ୍ଲା ପ୍ରସିଦ୍ଧ ଝଙ୍କଡର ଅଧିଷ୍ଠାତ୍ରୀ ଦେବୀ ମା'ଶାରଳାଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରି ଶୋଭାଯାତ୍ରାରେ ପାରାଦ୍ୱୀପ ଆଭିମୁଖେ ଯାତ୍ରା କରିଥିଲେ। ଏହି ଅବସରରେ କନକପୁର ସରପଞ୍ଚ ରେବତୀ ମହାନ୍ତି ଶ୍ରୀ ସ୍ୱାଇଁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ପରେ କଟକ ପାରାଦ୍ୱୀପ ରାସ୍ତା ଶାରଳା ରୋଡ଼ ଛକଠାରେ ଜନସାଧାରଣ ଓ କର୍ମୀମାନେ ଫୁଲମାଳ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନେହେରୁ ପଡିଆ ଠାରେ ଥିବା ମହାବୀର ହନୁମାନ ମନ୍ଦିରରେ ଦର୍ଶନ କରିଥିଲେ। ସେଠାରେ ନେହେରୁ ପଡିଆ ବଜାର କମିଟି ସଭାପତି ନରହରି ମିଶ୍ର, ବଟକୃଷ୍ଣ ଦାଶ ଓ ଜନସାଧାରଣମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।



# ସୋନପୁର-ଝାରମୁଣ୍ଡାରେ ସିଆରଏସ୍‌ଙ୍କ ନୂତନ ଲାଇନ୍ କାର୍ଯ୍ୟ ନିରୀକ୍ଷଣ



**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ରେଳ ସୁରକ୍ଷା କମିଶନର ଶ୍ରୀ ବ୍ରିଜେଶ କୁମାର ମିଶ୍ର, ଦକ୍ଷିଣ ପୂର୍ବାଞ୍ଚଳ ସର୍କଲ ସୋନପୁର-ପୁରୁନାପାନି- ଖୋର୍ଦ୍ଧା ରୋଡର ଝାରମୁଣ୍ଡା ବିଭାଗ-ବାଲାଙ୍ଗୀର ନୂତନ ବି.ଜି. ୧୩.୦୬.୨୦୨୪ରୁ ୧୫.୦୬.୨୦୨୪ରେ ସମ୍ବଲପୁର ବିଭାଗରେ ରେଳ ଲାଇନ ପ୍ରକଳ୍ପ । ଶ୍ରୀ ମିଶ୍ର, ସୁରକ୍ଷା ସମ୍ବନ୍ଧୀୟ ଦିଗଗୁଡିକ ଯାଞ୍ଚ କରିଥିଲେ ଯେପରିକି ଓଭରହେଡ୍ ଉପକରଣ, ବ୍ରିଜ୍, ସିଗ୍ନାଲ୍ ଏବଂ ଟେଲିକମ୍ ଯୋଗାଯୋଗ ଉପକରଣ, ରେଳ ଟ୍ରାକ୍ ଇତ୍ୟାଦି ଏବଂ ଝାରମୁଣ୍ଡା ମଧ୍ୟରେ ସୋନପୁର ଷ୍ଟେସନ ମଧ୍ୟରେ ଏକ ସ୍ପିଡ୍ ଟ୍ରାଏଲ୍ ମଧ୍ୟ କରିଥିଲେ। ଡିଭିଜନରେ ଏହି ବିଭାଗର ନୂତନ ଲାଇନ ଏବଂ ବିଦ୍ୟୁତିକରଣ ପରେ ଏହା ଟ୍ରେନର ସୁଗମ ଚାଲିବାରେ ଅଧିକ ସୁବିଧା କରିବ । ଯାଞ୍ଚ ସମୟରେ ବିଭାଗୀୟ ରେଳ ପରିଚାଳକ ସମ୍ବଲପୁର, ଶ୍ରୀ ତୁଷାର କାନ୍ତି ପାଣ୍ଡେ, ମୁଖ୍ୟ ପ୍ରଶାସକ, ପୂର୍ବତଟ ରେଳବାଇ, ଶ୍ରୀ ପି ଶ୍ରୀନିବାସ ଏବଂ ମୁଖ୍ୟାଳୟ ଏବଂ ସମ୍ବଲପୁର ଡିଭିଜନର ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଯାଞ୍ଚରେ ଯୋଗ ଦେଇଥିଲେ।

# ପାଣି ପାଇଁ ଦୁଇ ମହିଳା ଗୋଷ୍ଠୀ ମାରପିଟ

**ବଡ଼ବିଲ, ନ୍ୟୁଜ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ବଡ଼ବିଲ ୩ ନମ୍ବର ୱାର୍ଡ ଠାକୁରାଣୀ ଅଞ୍ଚଳରେ ପାନୀୟଜଳ ସଂଗ୍ରହକୁ ନେଇ ଦୁଇ ମହିଳା ଗୋଷ୍ଠୀ ମଧ୍ୟରେ ମାରପିଟ୍ ହୋଇଛି। ଉଭୟ ଗୋଷ୍ଠୀର ୪ଜଣକୁ ପୁଲିସ ଅଟକ ରଖି ପଚରାଉଚରା କରୁଛି। ଓଏମ୍‌ଡିସି କମ୍ପାନି ପକ୍ଷରୁ ଠାକୁରାଣୀ ଅଞ୍ଚଳରେ ଏକ ବୋରୱେଲ ଖୋଳାଯାଇ ସ୍ଥାନୀୟ ଜନସାଧାରଣଙ୍କୁ ପିଇବାପାଣି ଯୋଗାଇ ଦିଆଯାଉଛି। ଏକ ଟ୍ୟାପ୍ ଖରାପ ହୋଇଯାଇଥିବାରୁ ପାନୀୟଜଳ ପାଇବାରୁ ଲୋକେ ବଞ୍ଚିତ ହୋଇଥିଲେ। ଓଏମ୍‌ଡିସି କମ୍ପାନିକୁ ଏନେଇ ଲୋକେ ବାରମ୍ବାର ଜଣାଇଥିଲେ ହେଁ କମ୍ପାନି କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନଥିଲେ। ଏକ ମହିଳା ଗୋଷ୍ଠୀ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ଟ୍ୟାପ୍ ଲଗାଇବା ସମୟରେ ଉକ୍ତ ଅଞ୍ଚଳର ଆଉ ଏକ ମହିଳା ଗୋଷ୍ଠୀ ତାଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଆକ୍ରମଣରେ ଉଭୟ ଗୋଷ୍ଠୀର ଏକାଧିକ ମହିଳା ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ସୀମା ଗୁପ୍ତା ଓ ପୁଷ୍ପା ଦେବୀଙ୍କ ଅବସ୍ଥା ଗୁରୁତର ରହିଛି। ଉଭୟଙ୍କୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ଜେଲ୍‌ରେ ରହି ରୋଜଗାର କରୁଛନ୍ତି ୧୪୦ରୁ ଉର୍ଦ୍ଧ୍ୱ ଅନ୍ତେବାସୀ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ମଣ୍ଡଳ କାରାଗାରରେ ସମୁଦାୟ ୯୨୪ ଜଣ ଅନ୍ତେବାସୀ ରହିଛନ୍ତି । ସେମାନଙ୍କ ମଧ୍ୟରୁ ୮୯୭ ଜଣ ପୁରୁଷ, ୨୬ ଜଣ ମହିଳା, ଜଣେ କିନ୍ନର ଅନ୍ତେବାସୀ ରହିଛନ୍ତି । ଜେଲ୍‌ରେ ଥିବା ମୋଟ ଅନ୍ତେବାସୀଙ୍କ ମଧ୍ୟରୁ ୧୪୦ରୁ ଉର୍ଦ୍ଧ୍ୱ ହେଉଛନ୍ତି ବିଚାରାଧୀନ ବନ୍ଦୀ । ଆଜୀବନ କାରାବରଣ କରିଥିବା ଅନ୍ତେବାସୀଙ୍କ ସହିତ ବିଚାରାଧୀନ ବନ୍ଦୀଙ୍କ ମଧ୍ୟରୁ ପ୍ରାୟ ୨୫ ପ୍ରତିଶତ ଜେଲ୍‌ରେ ବିଭିନ୍ନ କାର୍ଯ୍ୟରେ ନିଯୋଜିତ ରହିଛନ୍ତି । ଯାହା ସେମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧିରେ ସହାୟକ ହେଉଛି । ବ୍ରହ୍ମପୁର ମଣ୍ଡଳ କାରାଗାରରେ ରାଇସ୍ ଟ୍ରେ, ମଗ୍, ବାକ୍ସେଟ ଓ ଭାତ ଛଣା ଜାଲି ଆଦି କଏଦୀମାନେ ତିଆରି କରୁଛନ୍ତି । ଜେଲ୍ ଭିତରେ ରହିଛି ଏକ ଫୁଡ୍ ପ୍ରୋସେସିଂ ୟୁନିଟ୍ । ଯେଉଁଠାରେ ଅଟା, ମାଣ୍ଡିଆ ଚୁନା, ଲାଇଟ୍ କିମ୍ ଖୁଦ, ବିରି ଚାଉଳ, ଖୁଦ, ଇଡ଼ିଲି ରାୱା, ଛତୁଆ ଆଦି ସାମଗ୍ରୀ ପ୍ରସ୍ତୁତ କରାଯାଉଛି । ଏହିସବୁ





କାର୍ଯ୍ୟରେ କଏଦୀମାନେ ସକ୍ରିୟ ସାମିଲ ରହିଛନ୍ତି । ସେହିଭଳି ଜେଲ୍‌ରେ କଏଦୀଙ୍କ ଦ୍ୱାରା ପ୍ରସ୍ତୁତ ଫିନାଇଲ୍ ବାହାରକୁ ଅର୍ଥାତ୍ ବଜାରକୁ ବିକ୍ରି ପାଇଁ ପଠାଯାଉଛି । ଅନୁରୂପ ଭାବେ ହସ୍ତତନ୍ତକୁ ଏଠାରେ ବିଶେଷ ପ୍ରାଧାନ୍ୟ ଦିଆଯାଉଛି । ଫଳରେ କଏଦୀମାନେ ବିଭିନ୍ନ ପ୍ରକାର ଚାଦର, ଗାମୁଛା ଓ ସାର୍ଟ କପଡ଼ା ଆଦି ବୁଣି ପାରୁଛନ୍ତି । ଏଥିପାଇଁ ସେମାନଙ୍କୁ ସ୍ୱତନ୍ତ୍ର ତାଲିମ୍ ପ୍ରଦାନ କରାଯାଇଛି । ଜେଲ୍‌ରେ ଥିବା ଟେଲରିଂ ୟୁନିଟ୍‌ରେ ବହୁ କଏଦୀ କାର୍ଯ୍ୟରତ ଅଛନ୍ତି । ବାହାରୁ ଆସୁଥିବା ଅର୍ଡ଼ର ସହିତ ଜେଲର ଅନ୍ତେବାସୀଙ୍କ ପାଇଁ ଆବଶ୍ୟକ ଗଞ୍ଜି ଆଦି କଏଦୀମାନେ ସିଲେଇ କରୁଛନ୍ତି । ଅନ୍ୟପକ୍ଷରେ ଜେଲ୍ ଭିତରେ କଏଦୀମାନେ ମାଛ, ଜିଆ, ଛତୁ ଓ ପନିପରିବା ଆଦି ଚାଷ କରୁଛନ୍ତି । ନିକଟରେ ବ୍ରହ୍ମପୁର ଜେଲ୍ ମଧ୍ୟରେ ଏକ କାଠଶିଳ୍ପ ୟୁନିଟ୍ ସ୍ଥାପନ କରାଯାଇଛି । ଏଠାରେ କିଛି କଏଦୀ ନିଯୋଜିତ ରହି କାଠରେ ବିଭିନ୍ନ ସାମଗ୍ରୀ ତିଆରି କରୁଛନ୍ତି । ଯାହା ଅନେକଙ୍କ ଦ୍ୱାରା ପ୍ରଶଂସନୀୟ ହୋଇଛି। ବ୍ରହ୍ମପୁର ଜେଲ୍‌ରେ ପ୍ରସ୍ତୁତ ସାମଗ୍ରୀ ରାଜ୍ୟର ଅନ୍ୟ ୨୩ଟି ଜେଲ୍‌କୁ ପଠାଯାଇଥାଏ । ଜେଲ୍‌ରେ ବନ୍ଦୀମାନଙ୍କ ଦ୍ୱାରା ଦରି, ଚାଦର, ଆସନ, ଗାମୁଛା, ପାଇଜାମା, ସାର୍ଟ କପଡ଼ା, ରୁମାଲ୍, ପେଷ୍ଟ, ଫିନାଇଲ, ଜିଆର ବକ୍ସ ଓ ଡ଼ଷ୍ଟବିନ୍ ସହ ଅନ୍ୟାନ୍ୟ ସାମଗ୍ରୀ ତିଆରି ହୁଏ । କଏଦୀଙ୍କ ଦ୍ୱାରା ପ୍ରସ୍ତୁତ ଦରି, ଚଦର, ଗାମୁଛା, କୁର୍ତ୍ତା, ପେଣ୍ଟ ବ୍ରହ୍ମପୁର ଜେଲ୍‌ରୁ ୨୩ଟି ଜେଲ୍‌କୁ ପଠାଯାଉଥିବା ଜେଲ୍‌ର ସତ୍ୟ ନାରାୟଣ ବେହେରା ସୂଚନା ଦେଇଛନ୍ତି । ବନ୍ଦୀମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଯଥା ଅଟା, ବେସନ, ଛତୁଆ, ହଳଦୀଗୁଣ୍ଡ, ମାଣ୍ଡିଆ, ଚୁନା, ତେଲ୍ ଆଦି ୨୦୨୩-୨୪ ମସିହାରେ ମୋଟ ୧୩ ଲକ୍ଷ ୪୪ ହଜାର ୯୧୭ ମୂଲ୍ୟର କାରବାର ହୋଇଥିଲା । ସେହିଭଳି ୨୦୨୧-୨୨ରେ ମୋଟ ୧୧ ଲକ୍ଷ ୪୭ ହଜାର ୬୪୨ ଟଙ୍କାର ସାମଗ୍ରୀ ବିକ୍ରି ହୋଇଛି । ସେହିପରି ଗାମୁଛା, ପେଂଟ, ଚଦର ୯ ଲକ୍ଷ ୯ ହଜାର ୬୩୧ ଟଙ୍କା ହୋଇଥିବା ବେଳେ ୨୦୨୧-୨୨ରେ ୧୧ଲକ୍ଷ ୯ ହଜାର ୯୪୬ ଟଙ୍କାର ସାମଗ୍ରୀ ବିକ୍ରି ହୋଇଛି । ଅନୁରୂପ ଭାବେ ବଗିଚାରୁ ଉତ୍ପାଦିତ ପରିବାର ଯଥା ବାଇଗଣ, ଫୁଲକୋବି, ଟମାଟ, କଖାରୁ, ଲାଉ, ଜହ୍ନି ଓ କଦଳୀ ଆଦି ୩ଲକ୍ଷ ୭୭ ହଜାର ୫୦୦ ଟଙ୍କାର ବିକ୍ରି ହୋଇଥିବା ବେଳେ ୨୦୨୧-୨୨ରେ ୨ ଲକ୍ଷ ୯୫ ହଜାର ୪୨୩ ଟଙ୍କାର ପରିବାର ବିକ୍ରି ହୋଇଛି । ଚଳିତ ବର୍ଷ ମୋଟ ୨୬ ଲକ୍ଷ ୩୨ ହଜାର ଟଙ୍କା ସାମଗ୍ରୀ ବିକ୍ରି ହୋଇଛି । ସାମଗ୍ରୀ ଗୁଡ଼ିକୁ ବିକ୍ରି କରିବା ଦ୍ୱାରା ଆଦାୟ ହେଉଥିବା ମୋଟ ଅର୍ଥକୁ ତିନୋଟି ପର୍ଯ୍ୟାୟରେ ପାଇଥାନ୍ତି ଏଥିରେ ନିଯୋଜିତ ୧୪୦ରୁ ଉର୍ଦ୍ଧ୍ୱ ଅନ୍ତେବାସୀ ଅଣ କୁଶଳୀଙ୍କୁ ୯୫ ଟଙ୍କା ଓ ଅର୍ଦ୍ଧକୁଶଳୀଙ୍କୁ ୧୧୫ଟଙ୍କା ଓ କୁଶଳୀ ଅନ୍ତେବାସୀଙ୍କୁ ୧୪୫ ଟଙ୍କା ହିସାବରେ ପ୍ରାପ୍ୟ ମିଳିଥାଏ ।

## କର୍କଟ ରୋଗ ସମ୍ପର୍କିତ ସଚେତନତା ଶିବିର

# କର୍କଟ ରୋଗ ର କାରଣ ଓ ନିରାକରଣ ଉପରେ ସଚେତନ କଲେ ବିଶେଷଜ୍ଞ


**କଣ୍ଟାବାଞ୍ଜି/ବଲାଙ୍ଗିର, ନ୍ୟୁଜ ବ୍ୟୁରୋ**

ସାଂପ୍ରତିକ ସମୟରେ କର୍କଟ ରୋଗ ଏକ ଉତ୍କଟ ବ୍ୟାଧି ରୂପେ ମଣିଷ ସମାଜକୁ ଭୟ ଗ୍ରସ୍ତ କରିଥିବା ବେଳେ ଅନେକ ମୂଲ୍ୟବାନ ଜୀବନ କାଳରେ ଝଡି ପଡୁଛି। ଏହାର କାରଣ ପରିବର୍ତ୍ତିତ ଜୀବନ ଶୈଳୀ, ପରିବେଶ, ପ୍ରଦୂଷିତ ଜଳ, ବାୟୁ, ମାଟି, ଖାଦ୍ୟ ପେୟ ଯୋଗୁଁ ଏପରି ସମସ୍ୟା ଦେଖାଯାଉଛି। ଏହାର କାରଣ ଓ ନିରାକରଣ ପାଇଁ କାର୍ସି ନୋଭା କ୍ୟାନ୍ସର ହସପିଟାଲ, କଟକ ଓ ଓଡ଼ିଶା ୟୁନୀୟନ୍ ଅଫ ଜର୍ନାଲିଷ୍ଟ (ଓୟୁଜେ) ବଲାଙ୍ଗିର ଜିଲ୍ଲା ଶାଖାର ମିଳିତ ଉଦ୍ୟମରେ କର୍କଟ ରୋଗ ସଚେତନତା ଶିବିର ବଲାଙ୍ଗିର ଶାଖା ସଭାପତି ପ୍ରଦୀପ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ରୂପେ ବଲାଙ୍ଗିର ପୌରାଧ୍ୟକ୍ଷା ଲିପ୍ସା ସାହୁ, ମୁଖ୍ୟ ବକ୍ତା ରୂପେ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଯୋଶୀ ଯୋଗଦେଇ ଥିବା ବେଳେ କାର୍ସୀ ନୋଭା କ୍ୟାନ୍ସର ହସପିଟାଲର ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ଖିତିଶ କୁମାର ମିଶ୍ର ଯୋଗଦେଇ ପ୍ରୋଜେକ୍ଟର ମାଧ୍ୟମରେ କର୍କଟ ରୋଗ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ଓୟୁଜେ ବଲାଙ୍ଗିର ଶାଖାର ହରି ନାରାୟଣ ପୂଝାରୀ, ଶରତ ମିଶ୍ର, ସଦାଶିବ ସରାଫ, ବଂଶୀଧର ସେଠ, ପ୍ରଭାବିତ ସିଂ ସାଲୁଜା, ରିତୁରାଜ୍ ସିଂ, ତାପସ ବେହେରା, ଉମାକାନ୍ତ ପ୍ରଧାନ, ଅନ୍ତର୍ଯ୍ୟାମୀ ପଶାୟତ, ଦେବାଶିଷ ବହିଦାର, ସତ୍ୟପ୍ରିୟ ମିଶ୍ର, ଜ୍ୟୋତିରଞ୍ଜନ ପଣ୍ଡା, ସୁରଦାସ ବାଗ, ଆଶିଷ ଖଇତାନ, ବିଶିକେସନ୍ ମାଝୀ ରଞ୍ଜିତ ବେହେରା, ଗୁପ୍ତେଶ୍ୱର ପୁଷ୍ଟି, ଘଟେଶ୍ୱର୍ ମିଶ୍ର ସଙ୍ଗଠନ ସଦସ୍ୟ, ବରିଷ୍ଠ ନାଗରିକ, ବୁଦ୍ଧି ଜିବି, ସାଂସ୍କୃତିକ, ସାମାଜିକ ସଙ୍ଗଠନ ଯୋଗଦେଇଥିଲେ ଥିଲେ। କାର୍ଯ୍ୟ କ୍ରମକୁ ସାଧାରଣ ସମ୍ପାଦକ ଅଭୟ ତ୍ରିପାଠୀ ପରିଚାଳନା କରିଥିବା ବେଳେ ବରିଷ୍ଠ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।






# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**






**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ


**ତା୧୭।୬।୨୦୨୪, ଆଷାଢ଼ ଦି୩ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୦୫।୦୮।୧୨** **ଚନ୍ଦ୍ରୋଦୟ- ଦିଘ ୨।୧୫।୦୯**


ଏକାଦଶୀ- ଅହୋରାତ୍ର। ଚିତ୍ରା ନକ୍ଷତ୍ର- ଦିଘ ୧।୫୦ ପର୍ଯ୍ୟନ୍ତ । ତୁଳା ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧ ନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୩ ଗତେ ଦିଘ ୧୦।୨୮ ମଧ୍ୟେ। ରାଘ ୯।୧୭ ଗତେ ଘ ୧୦।୨୬ ମଧ୍ୟେ ।




**ମେଷ:** ଇଚ୍ଛା କରୁଥିବା ଦିଗରୁ ଅର୍ଥ ପ୍ରାପ୍ତିର ସମ୍ଭାବନା। ବ୍ୟବସାୟ ମଧ୍ୟମ ଧରଣର ହେବ। ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି। ମହିଳାମାନେ ସୁଖୀ ହେବେ।




**ବୃଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ଲାଭକରି ଉପକୃତ ହେବେ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ। ଶରୀର ସୁସ୍ଥ ରହିବ।



**ମିଥୁନ:** ସାଧନାରେ ସିଦ୍ଧି ଲାଭ କରିବେ। ଶୁଭ ଖବର ପାଇପାରନ୍ତି। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। ସାମାଜିକ ସ୍ତରରେ ମାନ ସମ୍ମାନ ବୃଦ୍ଧି ପାଇବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।



**କର୍କଟ:** କାର୍ଯ୍ୟକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଆୟ ସ୍ଥିର ରହିବ। ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହୋଇପାରେ। ପରୋପକାରୀ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବାର ସୂଚନା।




**ସିଂହ:** ହଠାତ୍ କୌଣସି ଘଟଣାକୁ ନେଇ ମାନସିକ ଅଶାନ୍ତି ଦେଖାଦେଇପାରେ। ମନ ଅସ୍ଥିର ରହିବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପାରିବାରିକ କଳହ ଦେଖା ଦେବାର ସୂଚନା ରହୁଛି।




**କନ୍ୟା:** ବ୍ୟବସାୟରେ ଲାଭବାନ୍ ହେବେ। ଦେବ ଦର୍ଶନ ସହିତ ଶୁଭ କାର୍ଯ୍ୟ ସ୍ଥିର କରିପାରନ୍ତି। ରୋଜଗାରରେ ଉନ୍ନତି ଦେଖାଦେବ। ଦେହ ଓ ମନ ଭଲ ରହିବ। ଘରେ ଆନନ୍ଦ ଲାଭ ହେବାର ସମ୍ଭାବନା।




**ତୁଳା:** ବ୍ୟବସାୟରେ ଲାଭବାନ ହେବେ। ଦେହ ଓ ମନ ଭଲ ରହିବ। ଘରେ ଆନନ୍ଦ ଦେଖାଦେବ। ବନ୍ଧୁ ଦର୍ଶନ ସହିତ ସାହାର୍ଯ୍ୟ ସହଯୋଗ ମଧ୍ୟ ପ୍ରାପ୍ତ ହେବ। ଆୟରେ ଉନ୍ନତି।




**ବିଛା:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। କାମ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି। ଘରେ ସୁଖ ଶାନ୍ତି ରହିବ। ଉତ୍ତମ ଭୋଜନ କରିପାରନ୍ତି। ପୁରାତନ ବନ୍ଧୁଙ୍କ ସହ ଭେଟ ହୋଇପାରେ।



**ଧନୁ:** ହଠାତ୍ କୌଣସି ଖବର ପାଇ ଆସଦିତି ହେବେ। ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟରେ ମନ ଦେବେ। ପାରିବାରିକ ଜୀବନ ଶାନ୍ତିମୟ ହେବ। ରୋଜଗାର ଭଲ ହେବ।



**ମକର:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ। ଦିନଟି ଆପଣଙ୍କ ନିମନ୍ତେ ସମସ୍ୟା ବହୁଳ ହେବ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଦୁଶ୍ଚିନ୍ତା ଦେଖାଦେବ। ମନ ଅସ୍ଥିର ରହିବ।



**କୁମ୍ଭ:** ଉତ୍ତମ ଭୋଜନ କରିପାରନ୍ତି। ବ୍ୟବସାୟ ମଧ୍ୟମ ଧରଣର ଚାଲିବ। ଦାମ୍ପତ୍ୟ ଜୀବନ ମଧୁରମୟ ହେବ। ଆୟରେ ଉନ୍ନତି ଦେଖାଦେବ। ଦେହ ଭଲ ରହିବ।



**ମୀନ:** ଅତ୍ୟଧିକ ପରିଶ୍ରମ ହେତୁ କ୍ଳାନ୍ତି ଅନୁଭବ କରିବେ। ଅପେକ୍ଷା କରିଥିବା ଖବରଟି ଅପରାହ୍ନେ ପାଇ ପାରନ୍ତି। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ ଶାନ୍ତିର ବାତାବରଣ ରହିବ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୮।୬।୨୦୨୪, ଆଷାଢ ଦି୪ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୦୫।୦୮।୨୨** **ଚନ୍ଦ୍ରୋଦୟ- ଦିଘ ୩।୮।୨୩**

**ଏକାଦଶୀ ମଳ-** ପ୍ରାଘ ୬।୨୫ ପର୍ଯ୍ୟନ୍ତ। **ସାଣିନକ୍ଷତ୍ର-** ଦିଘ ୩।୫୬ ପର୍ଯ୍ୟନ୍ତ। **ତୁଳାଚନ୍ଦ୍ର-** ଅହୋରାତ୍ର. **ଚନ୍ଦ୍ରଶୁଦ୍ଧି-**ମେଷ, ବୃଷ, ମିଥୁନ,ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର, **ଘାତଚନ୍ଦ୍ର-ନାସ୍ତି।** ଶ୍ରାର୍ଦ୍ଧଣ୍ଣୟ- ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ନିଷିଦ୍ଧା ଖାଦ୍ୟ- ଶିମ୍ବ ପ୍ରାଘ ୬।୨୫ ପରେ ପୋଇଶାଗ ଖାଇବା ମନା, **ଆଜିର ଶୁଭବେଳା-**ପ୍ରାଘ ୫।୧୧ ଗତେ ଘ ୬।୫୦, ଦିଘ ୬।୩୬ ଗତେ ଘ ୧୨।୧୪ ମଧ୍ୟେ। **ପର୍ବୋତ୍ସବ :** ସ୍ମାର୍ତ୍ତ ସମ୍ମତ ନିର୍ଜଳା ଏକାଦଶୀ, ବୈଷ୍ଣବ ସମ୍ମତ ଉନ୍ମିଳିନୀ ଏକାଦଶୀ, ରୁକ୍ମିଣୀ ବିବାହ, ସଂପକ ଦ୍ୱାଦଶୀ।

30 YEARS
ସମ୍ବାଦ କଳିକା


# ୮୬% ଭାରତୀୟ କର୍ମଚାରୀ ଦୁଃଖୀ

ଭାରତରେ କାର୍ଯ୍ୟ କରୁଥିବା ଲୋକମାନେ ନିଜ କାମରେ ବିଶେଷ ସନ୍ତୁଷ୍ଟ ନାହାନ୍ତି । ଅଧିକାଂଶ କର୍ମଚାରୀ ନିଜର ଜୀବନକୁ ସଂଘର୍ଷରତ ଓ ଦୁଃଖମୟ ବୋଲି କହିଛନ୍ତି । ଗ୍ୟାଲପ୍ର ବିଶ୍ୱ କର୍ମକ୍ଷେତ୍ର ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି । କାର୍ଯ୍ୟକ୍ଷେତ୍ରରେ ସନ୍ତୁଷ୍ଟିକୁ ନେଇ ଭାରତର ପ୍ରଦର୍ଶନ ନେପାଳଠାରୁ ବି ଖରାପ ରହିଛି । ଗ୍ୟାଲପ୍ ରିପୋର୍ଟ ଅନୁସାରେ ଭାରତରେ ମାତ୍ର ୧୪ ପ୍ରତିଶତ କର୍ମଚାରୀ କାମରେ ସଫଳ ଥିବା କହିଛନ୍ତି । ଅବଶିଷ୍ଟ ୮୬ ପ୍ରତିଶତ କର୍ମଚାରୀ କର୍ମକ୍ଷେତ୍ରରେ ସଂଘର୍ଷ କରୁଥିବା କିମ୍ବା ଦୁଃଖୀ ଥିବା କହିଛନ୍ତି । କେବଳ ଭାରତ ନୁହେଁ ସମଗ୍ର ଦକ୍ଷିଣ ଏସିଆରେ ଏଭଳି ସ୍ଥିତି ରହିଛି । ବିଶ୍ୱସ୍ତରରେ ହାରାହାରି ଭାବେ ୩୪ ପ୍ରତିଶତ କର୍ମଚାରୀ ନିଜକୁ ସଫଳ ବିବେଚନା କରୁଥିବା ବେଳେ ଦକ୍ଷିଣ ଏସିଆରେ ଏହି ହାର ଯଥେଷ୍ଟ କମ୍ ରହିଛି ।

ଏହି ସର୍ବେକ୍ଷଣରେ ଭାଗ ନେଇଥିବା ୩୫ ପ୍ରତିଶତ ଭାରତୀୟ କହିଛନ୍ତି ଯେ ପ୍ରତିଦିନ ସେମାନଙ୍କୁ ରାଗ ଲାଗୁଛି ଯାହା ଦକ୍ଷିଣ ଏସିଆରେ ସର୍ବାଧିକ । ୩୨ ପ୍ରତିଶତ କର୍ମଚାରୀ କହିଛନ୍ତି ଯେ ସେମାନେ ଚାପରେ ଅଛନ୍ତି । ଏହି ହାର କିନ୍ତୁ ସବୁଠୁ କମ୍ ରହିଛି । ଶ୍ରୀଲଙ୍କାର ୬୨ ପ୍ରତିଶତ ଏବଂ ଆଫଗାନିସ୍ତାନର ୫୮ ପ୍ରତିଶତ କର୍ମଚାରୀ ଚାପରେ ଥିବା କହିଛନ୍ତି । ଭାରତୀୟ କର୍ମଚାରୀମାନେ କାମକୁ ନେଇ ଏତେଟା ସନ୍ତୁଷ୍ଟ ନଥିଲେ ମଧ୍ୟ କାମ ସହିତ ଯୋଡ଼ି ହୋଇରହିବାରେ ସେମାନେ ଅନ୍ୟ ଦେଶର କର୍ମଚାରୀଙ୍କଠାରୁ ଆଗରେ ରହିଛନ୍ତି । ଭାରତରେ କର୍ମଚାରୀ ସମ୍ପୃକ୍ତି ହାର ୩୨ ପ୍ରତିଶତ ରହିଛି ଯାହା ବିଶ୍ୱର ହାରାହାରି ହାର ୨୩ ପ୍ରତିଶତଠାରୁ ଅଧିକ ।

ଗ୍ୟାଲପ୍ ପକ୍ଷରୁ ବିଭିନ୍ନ ଦେଶର କର୍ମଚାରୀମାନଙ୍କ ଶାରିରୀକ ଓ ମାନସିକ ସ୍ଥିତିକୁ ଅନୁଶୀଳନ କରି ସେମାନଙ୍କୁ ସଫଳ, ସଂଘର୍ଷରତ ଓ ଦୁଃଖୀ ଭଳି ତିନିଟି ବର୍ଗରେ ଭାଗ କରାଯାଇଛି । ଯେଉଁମାନେ ନିଜର ବର୍ତ୍ତମାନ ଓ ଭବିଷ୍ୟତ ସମ୍ଭାବନାକୁ ନେଇ ସକାରାତ୍ମକ ମତ ଦେଇଥିଲେ ସେମାନଙ୍କୁ ସଫଳ ବର୍ଗରେ ରଖାଯାଇଛି । ଯେଉଁମାନେ ନକାରାତ୍ମକ ମତ ଦେଇଥିଲେ ଏବଂ ଦୈନିକ ଚାପ ଓ ଆର୍ଥିକ ସମସ୍ୟା ଦେଇ ଗତି କରୁଥିବା କହିଥିଲେ ସେମାନଙ୍କୁ ସଂଘର୍ଷରତ ବର୍ଗରେ ରଖାଯାଇଛି । ଶାରିରୀକ ଓ ମାନସିକ ଯନ୍ତ୍ରଣା ଭୋଗୁଥିବା କହିଥିବା କର୍ମଚାରୀମାନଙ୍କୁ ଦୁଃଖୀ ବର୍ଗରେ ରଖାଯାଇଛି ।

# ପ୍ରକୃତିର ପ୍ରଳୟଙ୍କରୀ ପ୍ରତିଶୋଧ



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୪୩୮୦୩୪୧୬୩
E-mail : mayadharnayak2014@gmail.com

ପ୍ରତିମୁହୂର୍ତ୍ତରେ ବଦଳୁଛି ପ୍ରକୃତିର ନିୟମ । ଜଳବାୟୁ ପରିବର୍ତ୍ତନରେ ଆସିଛି ବ୍ୟାପକ ଅସ୍ୱାଭାବିକତା । ବହୁପୂର୍ବରୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପୃଥିବୀ ଉପରେ ପଡିଆସିଛି । ଲଗାତର ଗ୍ରୀଷ୍ମପ୍ରବାହ, ଆକାଶରୁ ନିଆଁବର୍ଷା, ଭୟଙ୍କର ମରୁଡି, ପ୍ରବଳ ଝଡ ତୋଫାନ ବାତ୍ୟା, ଭୂସ୍ଖଳନ, ଭୂମିକମ୍ପ, ସମୁଦ୍ର ଜଳପତ୍ତନ ବୃଦ୍ଧି ପ୍ରଭୃତି ଜଳବାୟୁ ପରିବର୍ତ୍ତନରେ ସମଗ୍ର ବିଶ୍ୱ ଥରହର । ଏହାର କୁପରିଣାମ ଭୋଗୁଛନ୍ତି ସାରାବିଶ୍ୱର ଜୀବଜଗତ । ପୃଥିବୀର ଉତ୍ତାପ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ମନୁଷ୍ୟକୃତ କାର୍ଯ୍ୟ ଇନ୍ଧନ ଦହନ, ଗାଡ଼ିମଟରରୁ ନିର୍ଗତ କାର୍ବନ ଡାଇଅକ୍ସାଇଡ୍ ଦ୍ୱାରା ଏବଂ ଶକ୍ତିଉତ୍ପାଦନ ପାଇଁ ଇନ୍ଧନ ଜଳାଉ । ୧୮୫୦ ମସିହାରେ ଶିଳ୍ପବିପ୍ଳବରେ କୋଇଲାରୁ ଶକ୍ତିଉତ୍ପାଦନ ହୋଇଥିଲା । ଅଧିକ କୋଇଲା ଜାଳିବା ଫଳରେ ବାୟୁମଣ୍ଡଳ ପ୍ରଦୂଷିତ ହୋଇ ଜୀବଜଗତ ଉପରେ ନକାରାତ୍ମକ ପ୍ରଭାବ ପଡ଼େ । ଏହାଦ୍ୱାରା ମଧ୍ୟ ପାଣିପାଗର ପରିବର୍ତ୍ତନ ଘଟେ । ପାଣିପାଗର ଅସମାନତା ଦେଖାଯାଏ ।

ଗ୍ରୀଷ୍ମପ୍ରବାହ ବୃଦ୍ଧିଦ୍ୱାରା ସ୍ୱାସ୍ଥ୍ୟସମସ୍ୟା ବଢୁଛି । ମୃତ୍ୟୁର ତାଣ୍ଡବ ସୃଷ୍ଟି ହେଉଛି । ଜଳବାୟୁ ପରିବର୍ତ୍ତନରେ ପରିବେଶ ପ୍ରଦୂଷଣ ଯୋଗୁ ସଂକ୍ରାମକ ଓ ଅଣସଂକ୍ରାମକ ରୋଗ ବ୍ୟାପକ ଭାବେ ହୋଇ ଚର୍ମକର୍କଟ ରୋଗ ବ୍ୟାପୁଛି । ପରିବର୍ତ୍ତିତ ଜଳବାୟୁରେ କୃଷି ଭୀଷଣ ଭାବେ ପ୍ରଭାବିତ । ଗଜାମରୁଡ଼ି, ରୋଗପୋକ ଯୋଗୁଁ ଖାଦ୍ୟଶସ୍ୟ ଅମଳ କମିଯାଉଛି । ମୃତ୍ତିକାର ତାପମାତ୍ରା ବୃଦ୍ଧିରେ ବିହନ ଗଜାହେବା କ୍ଷମତା ହରାଏ । ଜଳବାୟୁ ପରିବର୍ତ୍ତନ ପ୍ରାକୃତିକ ପରିବେଶକୁ ବିଗାଡ଼ିଦେଉଛି । କେଉଁଠି ଅତ୍ୟଧିକ ବର୍ଷା ଆଉ କେଉଁଠି ଅସହ୍ୟ ଗରମ ଅନୁଭବ ହେଉଛି । ଛ'ଋତୁ ମଧ୍ୟରୁ ଏବେ କେବଳ ବର୍ଷା, ଶୀତ, ଗ୍ରୀଷ୍ମ ଋତୁ ଜଣାପଡୁଛି । ଅନୁପାତ ମଧ ଠିକ୍ ରହୁନି । ଏହାର ପ୍ରଭାବ ଜନସମାଜ, ବୃକ୍ଷଲତା, ଜୀବଜନ୍ତୁ, ଶୈବାଳ, ସାମୁଦ୍ରିକ ପ୍ରାଣୀ ଉପରେ ପଡୁଛି ।

ଆକାଶରେ ବରଫ ତରଳୁଛି । କଳାବରଫ ଯୋଗୁ ତରଳୁଛି ଗ୍ଲାସିୟର । ଜଳମଗ୍ନ ହୋଇଯିବ ବଡ଼ବଡ଼ ସହର । ପ୍ରାକୃତିକ ପରିବେଶ ବଦଳିଯିବ । ଜଙ୍ଗଲରେ ଲାଗିବ ନିଆଁ । ନିଭୁନିଭୁ ବହୁଦିନ ଲାଗିବ । ପ୍ରତିବର୍ଷ ହେକ୍ଟର ହେକ୍ଟର ଜଙ୍ଗଲ ପୋଡ଼ି ଛାରଖାର ହୋଇଯାଉଛି । ବେଳେବେଳେ ଚାଷପାଇଁ ମଣିଷ ବି ଜଙ୍ଗଲରେ - ଧାନ କଟାହେଲାପରେ ଧାନବିଲରେ ନିଆଁ ଲଗେଇଦିଅନ୍ତି । ଏହାଦ୍ୱାରା ପ୍ରବଳଭାବରେ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି । ଜଙ୍ଗଲପୋଡି ମଣିଷପାଇଁ ହାନିକାରକ । ବ୍ରାଜିଲର ଆମାଜନ ଜଙ୍ଗଲରୁ ପୃଥିବୀର ୨୦ ପରସେଣ୍ଟ୍ ଅମ୍ଳଜାନ ମିଳିଥାଏ । ଆମାଜନ୍ ଜଙ୍ଗଲରେ ନିଆଁଲାଗି ଏହାର ବ୍ୟାପକ କୁପ୍ରଭାବ ବିଶ୍ୱଉପରେ ପଡିଛି । ଏହାର ବିଷାକ୍ତ ଗ୍ୟାସଦ୍ୱାରା ହୃଦ୍‌ରୋଗ, କ୍ୟାନ୍‌ସର୍ ଭଳି ମାରାତ୍ମକ ରୋଗର ଶିକାର ହେଉଛନ୍ତି । ୧୯୧୯ରେ ଆମାଜନ୍ ଜଙ୍ଗଲରେ ମାସମାସଧରି ନିଆଁ ଲାଗିରହିବା ଫଳରେ ଚାରିଆଡ଼େ ଧୂଆଁମୟ ହୋଇଯାଇଥିଲା । କେବଳ ଆମାଜନ୍ ଜଙ୍ଗଲ ନୁହେଁ - ପୃଥିବୀର ଅନେକ ଜଙ୍ଗଲରେ ପ୍ରତିବର୍ଷ ନିଆଁଲାଗି ବ୍ୟାପକ କ୍ଷୟକ୍ଷତି ହେଉଛି ।

ଗ୍ରୀସ୍‌ରେ ଜଂଗଲରେ ଲାଗିଛି ନିଆଁ । ଭୟାବହ ଅଗ୍ନିକାଣ୍ଡରେ ଜନଜୀବନ ଅସ୍ତବ୍ୟସ୍ତ । ସମଗ୍ର ଗ୍ରୀସ୍‌ରେ ବାଦଲରେ ଘୋଟିଯାଇଛି କଳାଧୂଆଁ । ଶୁଖିଲା ପାଗ ମେ' ଜୁନ ମାସରେ ସ୍ୱାଭାବିକ ଭାବେ ଜଂଗଲରେ ନିଆଁ ଲାଗେ । ଏଥର ଜୁଲାଇ ଶେଷସପ୍ତାହରେ ବର୍ଷା ଆରମ୍ଭରୁ ଜଂଗଲରେ ଲାଗିଛି ନିଆଁ । ଏଇଭଳି ଅବସ୍ଥା ଉପୁଜିଲେ ଜଂଗଲ ସବୁ ଖୁବ୍ କମ୍ ସମୟରେ ନିଶ୍ଚିହ୍ନ ହୋଇଯିବ । ଦିନକୁଦିନ ପ୍ରାକୃତିକ-ମନୁଷ୍ୟକୃତ ନିଆଁର ଆଁରେ ଜଂଗଲ ଘର ପଶିଯାଉଛି - ଦିନେ ଏ ଦୁନିଆକୁ ଜାଳିପୋଡ଼ି ପାଉଁଶ କରିଦେବ ।

ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ଧ୍ୱନି ପ୍ରଦୂଷଣ । କଳକାରଖାନା, ମଟରଗାଡ଼ି, ଚିମିନୀ ଆଦିରୁ ନିର୍ଗତ ଧୂଆଁ ଦ୍ୱାରା ବାୟୁମଣ୍ଡଳ ପ୍ରଦୂଷିତ ହୁଏ । ଏହାଦ୍ୱାରା ପୃଥିବୀର ତାପମାତ୍ରା ବୃଦ୍ଧିପାଏ । ପାଣିରେ ଅଧିକ ମାତ୍ରାରେ ଲବଣପଦାର୍ଥ ମିଶିଲେ ଜଳ ପ୍ରଦୂଷିତ ହୁଏ । ସମୁଦ୍ରପାଣି ଲୁଣିଆ । ଏବେ ସାରାବିଶ୍ୱରେ ଯେଉଁ କିଣା ବୋତଲପାଣି, ଅନ୍ୟାନ୍ୟ ଠିପିବନ୍ଦ ପାନୀୟ ବୋତଲ ପାନ କରୁଛେ - ବେପାରୀମାନେ ଅଧିକ ସମୟ ଗୋଦାମରେ ରଖି ବିକ୍ରିକରିବାପାଇଁ କେମିକାଲ ଦେଇଦିଅନ୍ତି । ସେସବୁ ପାନୀୟ ପାଟିକୁ ମିଠା, ପେଟକୁ ବିଷ ସମାନ । ଆମେ ଜାଣି ହେଉ ବା ଅଜାଣରେ ହେଉ ବିଶ୍ୱବିଷଭଣ୍ଡାରରୁ ସେଇ ବିଷସବୁ ପିଇବାରେ ଲାଗିଛେ - ଯାହାଦ୍ୱାରା ମଧୁମେହ ରୋଗଠାରୁ ଯାବତପ୍ରକାର ଦୁରାରୋଗ୍ୟ ବ୍ୟାଧିର ଶିକାର ହେଉଛେ । ଫଳରେ ବିନା ଔଷଧରେ ଦିନ କଟୁନି । ପୁଣି ଔଷଧ ମଧ୍ୟ ଭେଜାଲ୍ ।

ଏବେ ମୌସୁମୀ ବାଟବଣା ହୋଇଗଲାଣି । ଜଳବାୟୁ ପରିବର୍ତ୍ତନ ଦ୍ୱାରା ଋତୁଚକ୍ରର ମଧ ପରିବର୍ତ୍ତନ ପ୍ରଭାବିତ । ଗ୍ରୀଷ୍ମଋତୁ ବଢିଯାଉଛି - ବର୍ଷା, ଶୀତଋତୁ କମିଯାଉଛି । ନିଶ୍ୱାସପ୍ରଶ୍ୱାସ ପାଇଁ ଶୁଦ୍ଧବାୟୁ, ଉତ୍ତମ ପାନୀୟଜଳ, ସୁରକ୍ଷିତ ବାସସ୍ଥାନ ମିଳିବା କଷ୍ଟକର ହୋଇପଡୁଛି । ଅତ୍ୟଧିକ ବର୍ଷା ଓ ବନ୍ୟା, ଅନାବୃଷ୍ଟି, ଝଡତୋଫାନ, ଗ୍ରୀଷ୍ମପ୍ରବାହ ଯୋଗୁଁ ପ୍ରତିବର୍ଷ ଲକ୍ଷଲକ୍ଷ ଜୀବଜନ୍ତୁ ମୃତ୍ୟୁମୁଖରେ ପଡୁଛନ୍ତି ।

ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ସମଗ୍ର ଜଗତ ଉପରେ ନକାରାତ୍ମକ ପ୍ରଭାବ ପଡୁଛି । କେବଳ ମାନବଜାତି ପ୍ରଭାବିତ ହେଉନାହାଁନ୍ତି - ଜୀବଜନ୍ତୁଙ୍କ ଉପରେ ପ୍ରଭାବ ପଡୁଛି । ଅତ୍ୟଧିକ ତାପମାତ୍ରା ଯୋଗୁଁ ଅନେକ କୀଟପତଙ୍ଗ, ପଶୁପକ୍ଷୀ ମରିଯାଉଛନ୍ତି । ପୋଖରୀ, ନଈ, ସମୁଦ୍ରରେ ଜଳଚର, ମାଛମାନେ ମରି ଭାସୁଛନ୍ତି । ଭୌଗୋଳିକ କ୍ଷେତ୍ର ଓ ବିଭିନ୍ନ ପ୍ରଜାତିଙ୍କ ଠାରେ ଆକାର ପରିବର୍ତ୍ତନ ଘଟିବାରେ ଲାଗିଛି । ପାଖାପାଖି ୧୦ଲକ୍ଷ ପ୍ରଜାତି ବିଲୁପ୍ତ ହେବାର ଆଶଙ୍କା ପ୍ରକାଶ ପାଇଲାଣି । ଆଉ କୋଇଲିର ଦେଖାନାହିଁ । କୁହୁକୁହୁ ଗୀତ ଗାଉନି । ଭଦଭଦଳିଆ ପକ୍ଷୀ ବିଲୁପ୍ତିର ପଥେ - ବିରଳ ହେବାକୁ ଯାଉଛି ପ୍ରଜାପତିର ଚିତ୍ରିତ କଳେବର । 'ଘରଚଟିଆ' କୁଆଡେ ବୁଲୁଛନ୍ତି - ତାଙ୍କର ଦେଖାନାହିଁ । ସାମୁଦ୍ରିକ କଇଁଛ, ଅତ୍ୟଧିକ ଥଣ୍ଡାରେ ବାସକରୁଥିବା 'ମେରୁଭାଲୁ' ଗରମ ସହ୍ୟ କରିନପାରି ମରମର ଅବସ୍ଥାରେ ।

ଜଳବାୟୁ ପରିବର୍ତ୍ତନ ପାଇଁ ଚୀନ୍ ବହୁଳାଂଶରେ ଦାୟୀ । ଚାଇନା କମ୍ୟୁନିଷ୍ଟ ପାର୍ଟି ସମାଜବାଦ ରାସ୍ତାରୁ ହଟି ସଂଶୋଧନବାଦ, ପୁଞ୍ଜିବାଦ ରାସ୍ତାରେ ଜିଦିଆ ସର୍ବୋଚ୍ଚନେତା ଡେଙ୍ଗ-ସିଆଙ୍ଗପିଂ ୪୦ବର୍ଷ ପୂର୍ବରୁ ସମୁଦ୍ରରେ ନୂଆ ବିରାଟ ପାଚେରି ସୃଷ୍ଟିକରି ମହାଧନୀ ହେବାକୁ କାର୍ଯ୍ୟ କଲେ । ସଂପତ୍ତି ବୃଦ୍ଧିର ନିଶା ଯେ ଭବିଷ୍ୟତରେ ଧ୍ୱଂସଆଡକୁ ଗତି କରିବ - ସେ କଥା ନେତାମାନେ ମନକୁ ନେଇନଥିଲେ । ସମୁଦ୍ରପତ୍ତନ ବୃଦ୍ଧି ହେଲେ ସବୁକିଛି ବୁଡ଼ିଯିବ - ଯାହାକି ୨୦୫୦ବେଳକୁ ହେବାକୁ ଯାଉଛି ବୋଲି ବୈଜ୍ଞାନିକମାନେ ସତର୍କ କରାଇଦେଲେଣି । ଚୀନବାସୀ ଝଡତୋଫାନ୍, ବନ୍ୟାରେ ବୁଡ଼ିଯିବେ । ଚୀନ୍‌ର ପଶ୍ଚିମରୁ ଦକ୍ଷିଣ-ପୂର୍ବଆଡକୁ ତୋଫାନ୍ ମାଡିଆସିବ । ଡେଙ୍ଗଙ୍କ ଦୂରଦୃଷ୍ଟିବିହୀନ କାର୍ଯ୍ୟକଳାପ ପାଇଁ ଚାଇନାବାସୀ - ଏପରିକି ବିଶ୍ୱବାସୀଙ୍କୁ ମୂଲ୍ୟ ଦେବାକୁ ପଡୁଛି ।

ଚାଇନାର ବନ୍ୟାରେ ହଜାର ହଜାର ଜନଜୀବନ-ଧନସଂପତ୍ତି ଛାରଖାର ହୋଇଯାଉଛି । କେବଳ ଚୀନ୍ ନୁହେଁ, ବିଭିନ୍ନ ଦେଶରେ ପ୍ରଳୟଙ୍କାରୀ ବନ୍ୟାର ପ୍ରକୋପ ଦେଖାଦେଉଛି । ଚାଇନାର 'ନୀଳସାଗର' ସେ ଦେଶପାଇଁ ଆଗକୁ ବିପଦକୁ ଡାକିଆଣୁଛି । ସଂପ୍ରତି ଜି-ଜିନ୍‌ପିଙ୍ଗ୍ ଯୁଗରେ ବହୁ ଗଣତାନ୍ତ୍ରିକ ଦେଶ ବିମୁଖ । ଚୀନ ୟୁକ୍ରେନ୍ ଯୁଦ୍ଧରେ ରୁଷ ପକ୍ଷରେ ଅଛି । ବର୍ତ୍ତମାନ ସମଗ୍ରବିଶ୍ୱରେ ଚାଇନା ତା'ର ଉତ୍ପାଦିତ ଦ୍ରବ୍ୟକୁ ଶସ୍ତାରେ ବିକ୍ରି କରୁଛି - ଯାହାଫଳରେ ଅନ୍ୟ କେତେକ ଦେଶ ଚୀନ୍ ବିରୁଦ୍ଧରେ ଯାଇପାରୁନାହାଁନ୍ତି କି ନିଜେ ପ୍ରୟୋଜନୀୟ ସାମଗ୍ରୀ ଉତ୍ପାଦନ କରିପାରୁନାହାଁନ୍ତି । ଫଳରେ ଚାଇନା ସାମଗ୍ରୀ ଉପରେ ନିର୍ଭରଶୀଳ । ବ୍ରିଟିଶ୍ ଭଳି ଚୀନ୍ ନେତୃତ୍ୱ ବର୍ତ୍ତମାନ ବିଭେଦନୀତି ଆପଣାଇ ଶାସନ କରୁଛି । ଆମେରିକାକୁ ପଛରେ ପକାଇ ଚୀନ୍ ଆଗେଇଯାଉଛି । ବିଶ୍ୱଜଳବାୟୁ ସଂସ୍ଥାକୁ କିଂବା କୌଣସି ବିଶ୍ୱସଂସ୍ଥାକୁ ଖାତିରିନାହିଁ । ଏହି ଜି-ଜିନ୍‌ପିଙ୍ଗ ବିଶ୍ୱଧ୍ୱଂସର ଜଣେ କାଣ୍ଡାରି ଭାବେ ଇତିହାସରେ ନାଁ ରଖିଦେଇଯିବେ ।

ଆସିଗଲା ସୁପର ଏଲ୍‌ନିନୋ । ପ୍ରାକୃତିକ ପାଣିପାଗ ପ୍ରକ୍ରିୟା - 'ଏଲ୍‌ନିନୋ' ପ୍ରଶାନ୍ତ ମହାସାଗରରେ ଆରମ୍ଭ ହୋଇଯାଇଛି । ଏହି ଏଲ୍‌ନିନୋ ବିଶ୍ୱତାପମାତ୍ରାକୁ ଆହୁରି ବଢାଇଦେବ ବୋଲି ଆମେରିକାର ବୈଜ୍ଞାନିକମାନେ ସତର୍କବାଣୀ ଶୁଣାଇଲେଣି । ଏହାଫଳରେ ୨୦୨୪ ପୃଥିବୀ ଇତିହାସରେ ସବୁଠୁ ଅଧିକ ଉତ୍ତପ୍ତବର୍ଷ ହୋଇପାରେ । ପୃଥିବୀର ପାଣିପାଗକୁ ବିଗିଡେଇଦେବ । ୨୦୨୩ରେ ଜୁନ୍ ମାସରେ ଆକାଶରୁ ଅଗ୍ନି ବର୍ଷୁଛି । ଶେଷବେଳକୁ ଚରମସ୍ତରରେ ପହଂଚି ୨୦୨୪ରେ ସାରାବିଶ୍ୱରେ ବହୁ ଅଘଟଣ ଘଟିବ । କେଉଁଠି ବନ୍ୟା ତ କେଉଁଠି ମରୁଡି, ପୁଣି କେଉଁଠି ମାତ୍ରାଧିକ ବର୍ଷା ମଧ ହେବ । ଏଲ୍‌ନିନୋ ଓ ଲାନିନା ପ୍ରଭାବରେ ବିଷୁବମଣ୍ଡଳୀୟ ପ୍ରଶାନ୍ତ ମହାସାଗରରେ ସମୁଦ୍ରଜଳରେ ଭିନ୍ନତା ଦେଖାଯିବ । ଚୀନ୍ ପୃଥିବୀକୁ ୩୨୮୦୮ ଫୁଟ୍ ଖୋଳି ଡିଜେଲ୍, ପେଟ୍ରୋଲ୍, ଖଣିର ସନ୍ଧାନ କରୁଛି । ରୁଷିଆ ପୃଥିବୀକୁ ଖୋଳି ବେଶିଦୂର ଯାଇପାରିନି । ଏମାନେ ସିନା ତେଲ, ଖଣିଜପଦାର୍ଥ ସନ୍ଧାନରେ ମେଦିନୀ ମାତାର ବକ୍ଷ ବିଦାରି ଅନ୍ତନାଡି ପର୍ଯ୍ୟନ୍ତ ଯାଇଛନ୍ତି - ଏଣେ ଚନ୍ଦ୍ରରେ ଗାତ ଖୋଳି ଜବରଦଖଲ କରିବାକୁ ଆମେରିକା ଲକ୍ଷ୍ୟ ରଖିଛି । ଏମାନଙ୍କର ସଂପତ୍ତିଲୋଭ ଆକାଶଛୁଆଁ । ଏଣେ ଭାରତ ଆମେରିକା, ଚୀନ୍, ରୁଷରୁ ଆମ ଭୋକିଲା - ମାଗଣାଖିଆଙ୍କୁ ଖାଦ୍ୟ-ଧନ ବାଣ୍ଟିବାପାଇଁ କରଜ ଆଣୁଛି । ମିଛଟାରେ ପବନରେ ଖଣ୍ଡା ବୁଲାଉଛି । ମୋବାଇଲମାଲିକମାନେ ପବନ ବିକି ସମସ୍ତଙ୍କ ପକେଟ୍ କଣା କରିସାରିଲେଣି । ଏବେ ଭାରତ, ୟୁରୋପୀୟ ଦେଶମାନଙ୍କରେ ଭୀଷଣ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ସାଧାରଣ ଜୀବନଯାତ୍ରା ବ୍ୟାହତ । ପ୍ରବଳ ଗରମ ଓ 'ଲୁ' ପ୍ରବାହ ଯୋଗୁଁ ଅନେକ ଲୋକଙ୍କ ପ୍ରାଣବାୟୁ ଉଡିଯାଉଛି ।

ବିଶ୍ୱ ନିଜର ଭବିଷ୍ୟତହୀନତାକୁ ଭେଟିବାକୁ ଯାଉଛି - ସାମ୍ନାରେ ସେଇ ମହାସନ୍ଧିକ୍ଷଣର ସୂତ୍ରପାତ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇସାରିଲାଣି । ବିଶ୍ୱଜଳବାୟୁ ପରିବର୍ତ୍ତନ ସଂସ୍ଥାରେ ସବୁଦେଶ ମିଶି ସକାରାତ୍ମକ କାର୍ଯ୍ୟକରିବାକୁ ନିଷ୍ପତ୍ତି ନିଅନ୍ତି । ସେ ନିଷ୍ପତ୍ତିକୁ ଅଧିକାଂଶ ଦେଶ କାର୍ଯ୍ୟକାରୀ କରୁନାହାଁନ୍ତି । ଏହି ସଂସ୍ଥା ପରିଚାଳନା ପାଇଁ ଆମେରିକା ଯେଉଁ ଅର୍ଥ ଦେଇଆସୁଥିଲା - ତା'ର ଅର୍ଥନୈତିକ ସଂକଟ ଯୋଗୁଁ ସେ ଦେଇପାରୁନି । ସିଂହଭାଗ ଅର୍ଥ ନପାଇ ସଂସ୍ଥା ଏକପ୍ରକାର ଅଚଳ ଅବସ୍ଥାରେ ଅଛି । ତା'ହେଲେ ଏ ବିଶ୍ୱ ତିଷ୍ଠିବ କିପରି ? ଏବେ ଭାରତ, ୟୁରୋପୀୟ ଦେଶମାନଙ୍କରେ ଭୀଷଣ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ସାଧାରଣ ଜୀବନଯାତ୍ରା ବ୍ୟାହତ । ପ୍ରବଳ ଗରମ ଓ 'ଲୁ' ପ୍ରବାହ ଯୋଗୁଁ ଅନେକ ଲୋକଙ୍କ ପ୍ରାଣବାୟୁ ଉଡିଯାଉଛି । ଆମେ ଜନ୍ମ ହେଇଛେ ଦିନେନା ଦିନେ ମରିବା । ଆମେ ଅନ୍ୟଦୋଷରୁ ଏବଂ ନିଜଦୋଷରୁ ପୋକମାଛିଭଳି ମରିବା କାହିଁକି ?

# ପରିବେଶର ସନ୍ତୁଳନ ବିଗିଡିବାରେ ଲାଗିଛି




ହିମାଂଶୁ ଶେଖର ଆଚାର୍ଯ୍ୟ
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ - ୯୩୩୭୨୨୧୯୨୪

ସାରାଦେଶରେ ଗ୍ରୀଷ୍ମର ପ୍ରକୋପ । ସତେ ଯେମିତି ନିଆଁ ବର୍ଷୁଛି । ଗତ ଫେବୃୟାରୀ ଠାରୁ ଆରମ୍ଭ ହୋଇଯାଇଛି ଗ୍ରୀଷ୍ମ ପ୍ରବାହ । ଘରୁ ପଦାକୁ ବାହାରିଲା ମାତ୍ରେ ମୁଣ୍ଡଫଟା ଖରା ଗ୍ରୀଷ୍ମ ପ୍ରବାହରେ ଜର୍ଜରିତ ହେଉଛି ଜୀବନ । ଅଂଶୁଘାତ ନେଉଛି ଜୀବନ । ଲୋକମାନେ ଭାବିବାକୁ ବାଧ୍ୟ ହେଉଛନ୍ତି ଏହି ଅସ୍ୱାଭାବିକ ପରିବର୍ତ୍ତନ ଦେଖି । ନୂଆଦିଲ୍ଲୀ ଠାରୁ ଆରମ୍ଭ କରି ଅଧିକାଂଶ ରାଜ୍ୟରେ ଅଂଶୁଘାତର ଭୟ ଦିନକୁ ଦିନ ବଢିବାରେ ଲାଗିଛି । ଆମ ରାଜ୍ୟ ମଧ୍ୟ ଏଥିରୁ ବାଦ୍ ପଡିନି । ଅଂଶୁଘାତ ଜନିତ ମୃତ୍ୟୁ ଆମ ରାଜ୍ୟରେ ମଧ୍ୟ ଇତିହାସ ପୁଣି କଡଲେଉଟାଇଛି । ୧୯୯୮ର ଅଂଶୁଘାତ ମରଣ ପୁଣି ଫେରିଛି । ହଠାତ୍ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଆମ ପାଇଁ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଭକ୍ତକବି ମଧୁସୂଦନ ରାଓଙ୍କ ଛଅଋତୁ ଗୀତ ଆଜି ଅତୀତ । ଋତୁ ଚକ୍ରରେ ପରିବର୍ତ୍ତନ ଘଟିଲାଣି । ପୌଷ ଓ ମାଘର ହାଡ ଭଙ୍ଗା ଶୀତ ଆଉ ନାହିଁ । ଶୀତର ପ୍ରଭାବ ଢେର କମି ଗଲାଣି । ଗରମ ପୋଷାକ ଆଗ ଭଳି ଦରକାର ପଡୁନି । ବରଂ ଘରେ ଫ୍ୟାନ୍‌ର ଆବଶ୍ୟକତା ପଡୁଛି । ଫାଲ୍‌ଗୁନ-ଚୈତ୍ର ନା ଥାଏ ଖରା ନା ଶୀତ । ମଳୟ ପବନ ସାଥେ ଭାସିଆସେ କୋଇଲିର କୁହୁତାନ । ମୃଦୁ ମଳୟ ପବନ ତନୁମନରେ ଶିହରଣ ଆଣେ । କିନ୍ତୁ ଆଗଭଳି ଶୁଭୁନାହିଁ କୋଇଲିର ସ୍ୱର କି ବହୁନାହିଁ ସୁଲୁସୁଲିଆ ପବନ । ହେମନ୍ତ ଓ ଶରତ ଋତୁର କଥା ନକହିବା ଭଲ । ଗ୍ରୀଷ୍ମଋତୁର ଅବଧି ବଢି ବଢି ଚାଲିଛି । କେବଳ ବୈଶାଖ-ଜ୍ୟେଷ୍ଠ ନୁହେଁ ବର୍ଷର ଅନେକ ସମୟରେ ମୁଣ୍ଡଫଟା ଖରା । ସବୁଠି ହା-ହୁତାଶମୟ ପରିବେଶ ।

ଅଳ୍ପ ଦିନ ତଳର କଥା ଆକାଶରୁ ଖରା ତ ନୁହେଁ ସତେ ଯେମିତି ନିଆଁ ହୁଳା ଖସୁଥିଲା । ସତେ ଯେମିତି ଯମଦୂତ ସାଜି ଖରା ଆସିଥିଲା । କାହାକୁ ମରଣ ମୁହଁକୁ ଟାଣିନେଲା ତ ଆଉ କାହାକୁ କଲବଲ କଲା । ଦୁଇମାସ ହେବ ରାଜ୍ୟରେ ପ୍ରଚଣ୍ଡ ଖରା ଯୋଗୁ ଆଉଟ ପାଉଟ ହେଉଛି ଜୀବନ କିଛିଦିନ ତଳେ ଦିଲ୍ଲୀର ସର୍ବୋଚ୍ଚ ତାପମାତ୍ର ୫୨.୯ଡିଗ୍ରୀ ରେକର୍ଡ କରାଯାଇଥିଲା ଯାହା ଦେଶର ସର୍ବୋଚ୍ଚ ତାପମାତ୍ରା । ସେହିପରି ଆମ ଦେଶରେ ଚଳିତବର୍ଷ ପଞ୍ଜାବ, ହରିୟାଣା, ରାଜସ୍ଥାନ, ଉତ୍ତରପ୍ରଦେଶ ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶର ଅନେକ ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀରୁ ଅଧିକ ଥିଲା। ଏପରିକି ପଞ୍ଜାବ ହରିୟାଣାରେ ତାପମାତ୍ରା ୪୭ ଡିଗ୍ରୀ ଉପରେ ଥିଲା । ସେହିପରି ଆମ ରାଜ୍ୟର ତାପମାତ୍ରା ମଧ୍ୟ ଅନୁରୂପ ଭାବେ ଅଧିକ ଥିଲା । ଏପରିକି ଦୈତନଗରୀ କଟକ ଓ ଭୁବନେଶ୍ୱର ମଧ୍ୟ ତାତିର ପ୍ରକୋପରୁ ରକ୍ଷା ପାଇପାରିନଥିଲା। ୨୦୨୩ ମସିହା ଥିଲା ଭାରତରେ ଦ୍ୱିତୀୟ ଉଷ୍ଣତମ ବର୍ଷା କିନ୍ତୁ ଚଳିତ ବର୍ଷ ତାପମାତ୍ରା ବୃଦ୍ଧି ଚିନ୍ତା ବଢାଇ ଦେଇଛି । ଏପରିକି ମୈସୁମୀ ଆସିବା ପରେ ବି ତାପମାତ୍ରା କମୁନି। ଉପକୂଳ ଓଡିଶା ଆଭ୍ୟନ୍ତରୀଣ ଓଡିଶାରେ ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳି । ଏବେବି କମିନି ତାତିର ପ୍ରଭାବ । ଦେହ ହାତ ପୋଡିଗଲାଭଳି ଲାଗୁଛି । ୧୯୮୮ ମସିହାରେ ଅଂଶୁଘାତ ଜନିତ ମୃତ୍ୟୁ କୋକୁଆ ଭୟ ସୃଷ୍ଟି କରିଥିଲା ପାଖାପାଖି ୨୦୦୦ ଲୋକଙ୍କ ପ୍ରାଣ ନେଇଥିଲା ଅଂଶୁଘାତ । ସେହିପରି ୨୦୦୫ ମସିହାରେ ପୁଣି ଥରେ ଅଂଶୁଘାତ ମୃତ୍ୟୁ ହୋଇଥିଲା । ଏଥର ଓଡିଶାରେ ଅଂଶୁଘାତ ମୃତ୍ୟୁ ୨୪୦ ଥିଲା । ୨୦୦୯ରେ ମଧ୍ୟ ଅଂଶୁଘାତର ଭୟ ଗୋଡାଇଥିଲା । ଚଳିତ ବର୍ଷ ମଧ୍ୟ ଅଂଶୁଘାତ ଜନିତ ମୃତ୍ୟୁ ବଢିଚାଲିଛି ଯାହାକି ମୁଣ୍ଡବିନ୍ଧାର କାରଣ ପାଲଟିଛି।

ଏହାକୁ ଦେଖି ପରିବେଶବିତ୍‌ମାନେ ଗ୍ଲୋବାଲ ଓ୍ୱାର୍ମିଂବା ବିଶ୍ୱତାପନ ଏଥିପାଇଁ ଦାୟୀ ବୋଲି କହୁଛନ୍ତି । ସେଥିପାଇଁ ଜଳବାୟୁରେ ଋତୁଚକ୍ରରେ ଅସ୍ୱାଭାବିକ ପରିବର୍ତ୍ତନ ଘଟୁଛି । ସେହିପରି ସବୁଜଗୃହ ବାଷ୍ପ ଜୀବାଶ୍ମ ଇନ୍ଧନରୁ ଅଧିକ ପରିମାଣର ନିର୍ଗତ ହୋଇ ବାୟୁମଣ୍ଡଳକୁ ଯାଉଛି । ଯାହା ଉତ୍ତାପକୁ ବୃଦ୍ଧି କରୁଛି ଓ ଜଳବାୟୁରେ ପରିବର୍ତ୍ତନ ଘଟୁଛି। ଏଥରସହିତ ସହରାଞ୍ଚଳରେ କଂକ୍ରିଟ୍ ଜଙ୍ଗଲ, ଯାନବାହନ ଚଳାଚଳ ଓ ଶୀତତାପ ଯନ୍ତ୍ର ବହୁଳ ବ୍ୟବହାର ଏଥିପାଇଁ ଦାୟୀ ବୋଲି କୁହାଯାଉଛି । ଜଳବାୟୁ ପରିବର୍ତ୍ତନ ଯେଉଁ ହାରରେ ହେଉଛି ସେଥିରୁ ତାପମାତ୍ରା କମିବ ବୋଲି ମନେହେଉନି । ଫଳରେ ଆଗକୁ ହୁଏତ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟା ଅଧିକା ହୋଇପାରେ ବୋଲି ଆଶଙ୍କା କରାଯାଉଛି । ବୈଜ୍ଞାନିକମାନଙ୍କ ମତରେ ଜଳବାୟୁ ପରିବର୍ତ୍ତନ ପ୍ରଭାବରୁ ତାପମାତ୍ରାରେ ଏପରି ଅସ୍ୱଭାବିକ ପରିବର୍ତ୍ତନ ଦେଖାଯାଉଛି । ଭାରତ ଭଳି ଦେଶରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ କୃଷି ଉପରେ ବି ପଡୁଛି । ଆଗକୁ ଏହି କ୍ଷେତ୍ର ଅଧିକ କ୍ଷତିଗ୍ରସ୍ତ ହେବ । ଏପରିକି ଖାଦ୍ୟଶୃଙ୍ଖଳ ପ୍ରଭାବିତ ହେବା ଆଶଙ୍କୁ ମଧ୍ୟ ଏଡାଇ ହେବନି । ସକାଳ ୭ଟାରେ ଏବେ ତାତି ୩୦ ଡିଗ୍ରୀ ପାର୍ ମଧ୍ୟାହ୍ନରେ ତାତି ୪୫ ଡିଗ୍ରୀ ଉପରେ ଏପରି ଅବସ୍ଥାରେ ଜୀବଜଗତ କଲବଲ । ପଙ୍ଖା ଖୋଲିଦେଲେ ବାହାରୁଛି ଗରମ ପବନ । ମୌସୁମୀ ଆଗମନରେ ତାପମାତ୍ରା କମିବାର ଆଶା ଥିଲେ ମଧ୍ୟ ଜଳବାୟୁରେ ଆର୍ଦ୍ରତା ଏହାକୁ କେତେ କମାଇ ପାରିବ ତାହା କହିହେବନି । ବଦଳି ଯାଇଛି ଋତୁଚକ୍ର । ସୂର୍ଯ୍ୟଙ୍କ ତାପମାତ୍ରାରେ ମଧ୍ୟ ଅହେତୁକ ବୃଦ୍ଧି ପାଉଛି । ଏହାର କାରଣ ହେଉଛି ବିଶ୍ୱତାପନ । ଯେଉଁଭଳି ଭାବେ ଜଙ୍ଗଲ କ୍ଷୟ ଓ ପ୍ରକୃତିର କ୍ଷତି କରାଯାଉଛି ତାହାର ଫଳ ଆଜି ଆମେ ଭୋଗୁଛେ । ଗୋଟିଏ ପଟେ ଜନସଂଖ୍ୟା ବଢୁଥିବାବବେଳେ ଅନ୍ୟପଟେ ଦ୍ରୁତସହରୀକରଣ ମଧ୍ୟ ବୃଦ୍ଧି ପାଉଛି । ନିଜର ଆବଶ୍ୟକତା ମେଣ୍ଟାଇବା ପାଇଁ କାହିଁ କେଉଁ ଯୁଗରୁ ଠିଆ ହୋଇଥିବା ମହାଦ୍ରୁମକୁ ଆମେ କାଟି ଚାଲିଛେ। କେବଳ ସେତକି ନୁହେଁ ମାଟିକୁ ପୋତି ଚାରିଆଡେ ସୃଷ୍ଟି କରୁଛେ କଂକ୍ରିଟ ଜଙ୍ଗଲ । ଏହି କଥାକୁ ଆଖି ଆଗରେ ରଖି ୧୯୭୨ ମସିହାରେ ମିଳିତ ଜାତିସଂଘର ସାଧାରଣ ପରିଷଦ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରିବାପାଇଁ ସ୍ଥିର କରଥିଲା । ଏହି ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ପ୍ରଦୂଷଣର ଭୟଙ୍କରତା ସମ୍ବନ୍ଧରେ ପ୍ରତ୍ୟେକ ଦେଶର ଜନସାଧାରଣଙ୍କୁ ସଚେତନ କରିବା ଓ ଏହି ପ୍ରଦୂଷଣର ଦୂରୀକରଣ ପାଇଁ ସର୍ବତ୍ର ଜନସହଯୋଗକୁ ଉତ୍ସାହିତ କରିବା । ଯାହାଫଳରେ ପରିବେଶର ସୁରକ୍ଷା ହେବା ସଙ୍ଗେ ସଙ୍ଗେ ଆଗାମୀ ପିଢି ପାଇଁ ପରିବେଶ ସଂରକ୍ଷିତ ହୋଇ ରହିପାରିବ । ଏସବୁ ସତ୍ତ୍ୱେ ପୃଥିବୀ ସମେତ ଆମ ଦେଶ ତଥା ରାଜ୍ୟରେ ପ୍ରତିଦିନ ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ପାଉଛି। ଫଳରେ ପରିବେଶ ପ୍ରଦୂଷଣକୁ ରୋକିବାରେ ଆମର ପ୍ରଚେଷ୍ଟା ସେତେ ସନ୍ତୋଷଜନକ ହୋଇପାରୁନାହିଁ । ଫଳସ୍ୱରୂପ, ତାପାୟନ ବଢି ଚାଲିଛି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି, ମୃତ୍ତିକା କ୍ଷୟ ବଢିବାରେ ଲାଗିଛି, ବୃଷ୍ଟିପାତ ହ୍ରାସ ପାଉଛି ଓ ଉତ୍ପାଦନ ବ୍ୟାହତ ହେଉଛି । ବର୍ଷ ବର୍ଷ ଧରି ପ୍ରକୃତି ମାତା ଉପରେ ହୁମ୍‌ଦୁମ୍ ଚାଲିଛି । ମାଆ ଚପଳ ବାଳକର ହୁମ୍‌ଦୁମ୍ ସମ୍ଭାଳି ନିଏ । କିନ୍ତୁ ଏକବିଂଶ ଶତାବ୍ଦୀର ମଣିଷ ବଡ ହୋଇଛି । ଏହାର ଜ୍ଞାନ ହୋଇଛି । ବିଜ୍ଞାନ ବଳରେ ଜଗତକୁ ଜିଣିବାର ପ୍ରୟାସ ଜାରି ରଖିଛି । କିନ୍ତୁ ଏସବୁ ସତ୍ତ୍ୱେ ସେ ଜାଣି ନ ଜାଣିଲା ପରି ପ୍ରକୃତି ଉପରେ ଅତ୍ୟାଚାର କରିଚାଲିଛି । କାରଣ ଖୋଜି ବସିଲେ ପ୍ରକୃତି ବିଶ୍ୱ ମାନବ ସମାଜକୁ ଦେଇଛି ଜଳ, ବାୟୁ, ମୃତ୍ତିକା ଓ ଜଙ୍ଗଲ । ମାତ୍ର ଦ୍ରୁତ ଜନ ବିସ୍ଫୋରଣ, ଶିଳ୍ପ ଅଭିବୃଦ୍ଧି, ସଡକ ନିର୍ମାଣ, ଲୋକଙ୍କ ଚାହିଦା ମେଣ୍ଟାଇବା ପାଇଁ ବସତି ନିର୍ମାଣ ପ୍ରଭୃତି ହେତୁ ବ୍ୟାପକ ଜଙ୍ଗଲ କଟା ଚାଲିଛି । ଫଳରେ ବାୟୁ ମଣ୍ଡଳରୁ ଅମ୍ଳଜାନ କମି ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ୍ ବୃଦ୍ଧି ପାଇ ବିଶ୍ୱ ତାପମାତ୍ରା ବଢିବାରେ ଲାଗିଛି । ଖାଲି ସେତିକି ନୁହେଁ କଳକାରଖାନାରୁ ନିର୍ଗତ ଗ୍ୟାସ୍ ଏବଂ ଅନ୍ୟାନ୍ୟ ରାସାୟନିକ ପ୍ରକ୍ରିୟା ଓ ପ୍ରତିକ୍ରିୟାରୁ ବାୟୁ, ଜଳ, ମୃତ୍ତିକା ମଧ ପ୍ରଦୂଷିତ ହେଉଛି । ଅଜ୍ଞାନ ବାଳକ ସିନା ଜାଣି ନ ଥିଲା, ହେଲେ ଏବର ବିଜ୍ଞାନୀପୁଅମାନେ ଭଲଭାବେ ଜାଣିଛନ୍ତିଯେ ପ୍ରକୃତିମାତା ସୁକୁମାର ଭାବେ ଗଢା । ବୈଜ୍ଞାନିକଙ୍କ ମତରେ ତାପ ଓ ଶୀତଳତା ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ପାଇଁ ବୃକ୍ଷରାଜି ଓ ବନାନୀ ଏକାନ୍ତ ଆବଶ୍ୟକ । ବର୍ତ୍ତମାନ ଗାଁ ଗଣ୍ଡା ବୃକ୍ଷ ଶୂନ୍ୟ । କାଁ ଭାଁ ଦୁଇ ଚାରିଟା ଗଛ ଥିବ କି ନ ଥିବ । ସେଗୁଡିକର ଶାଖା ମଧ କର୍ତ୍ତିତ । ଯାହାଫଳରେ ଅଦିନରେ ଅନେକ ପ୍ରାକୃତିକ ବିପର୍ଯ୍ୟୟକୁ ଆମେ ଡାକି ଆଣିଛୁ ବୋଲି କହିଲେ ଭୁଲ୍ ହେବ ନାହିଁ । ବିଗତ ଦିନରେ ମିଆଁମାର ଓ ବାଂଲାଦେଶରେ ସାମୁଦ୍ରିକ ବାତ୍ୟା ଯୋଗୁଁ ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣହାନି ଘଟିଲା ତାହାର ମୂଳ କାରଣ ହେଉଛି ଜଙ୍ଗଲ ଧ୍ୱଂସ । ଆମ ଦେଶରେ ମଧ୍ୟ ସେହିପରି ଜଙ୍ଗଲ ଧ୍ୱଂସ ଯୋଗୁଁ ଅସମୟରେ ବନ୍ୟା, ଝଡବାତ୍ୟା, ବଜ୍ରପାତ, ସୁନାମି, ଅଂଶୁଘାତ ଓ ଭୂକମ୍ପ ଭଳି ବିପର୍ଯ୍ୟୟର ସମ୍ଭାବନା ବଢି ବଢି ଚାଲିଛି । ଏବେ ଚିକିତ୍ସା ବିଜ୍ଞାନ ଅନୁସାରେ ଅଂଶୁଘାତରେ ଆକ୍ରାନ୍ତ ହେଲେ ସାଧାରଣତଃ ଶରୀରର ତାପମାତ୍ରା ୧୪୦ ଡିଗ୍ରୀ ଫାରେନ୍‌ହାଇଟ୍ ପର୍ଯ୍ୟନ୍ତ ବୃଦ୍ଧିପାଇପାରେ । ପ୍ରବଳ ମୁଣ୍ଡବିନ୍ଧା ସାଙ୍ଗକୁ ଚେତା ହରାଇବାର ଆଶଙ୍କା ଥାଏ । ଏହାର ଆଉ ଏକ ଲକ୍ଷଣ ହେଉଛି ଶରୀରୁ ଜଳୀୟ ଅଂଶ ଶୁଖିଯିବା । ଆଉ କିଛି ଲୋକେଙ୍କ ଠାରେ ଶ୍ୱାସକ୍ରିୟା ମଧ୍ୟ ପ୍ରଭାବିତ ହୋଇଥାଏ। ଅଂଶୁଘାତ ଆକ୍ରାନ୍ତ ଯୋଗୁଁ ହୃଦ୍‌ସ୍ପନ୍ଦନ ହାର ଅଚାନକ ବଢିଯାଇଥାଏ । ତୁରନ୍ତ ଚିକିତ୍ସା କରାନଗଲେ ଅଂଶୁଘାତ ଆକ୍ରାନ୍ତ ବ୍ୟକ୍ତିର ମୃତ୍ୟୁର ଆଶଙ୍କା ଥାଏ । ଏଭଳି ପରିସ୍ଥିତିରେ ଆମକୁ ଅଂଶୁଘାତ ଜନିତ ମାର୍ଗଦର୍ଶିକାକୁ ମାନିବାକୁ ପଡିବ । ଜରୁରୀ କାମ ନଥିଲେ ଘରୁ ପଦାକୁ ବାହାରିବା ମନା। ବାହାରକୁ ଗଲେ ସାଙ୍ଗରେ ପାଣିବୋତଲ, ଛତା, ଓଦାଗାମୁଛା ନେବାକୁ ହେବ । କାରଣ ଆମ ସଚେତନତା ହିଁ ଆମ ପାଇଁ ସତର୍କତା । ଆମ ଜୀବନର ସୁରକ୍ଷା ଆମ ହାତରେ। ଏକଥା ମନେରଖିବାକୁ ହେବ ।

# ସାଇବର ସମାଜର ଅଦୃଶ୍ୟ ଅପରାଧୀ



ରବିନାରାୟଣ ପଟ୍ଟନାୟକ
ପଟିଆ, ଭୁବନେଶ୍ୱର
ମୋ-୯୯୩୮୧୧୩୨୨୬

ଡିଜିଟାଲ ଯୁଗରେ ଛୋଟ ପିଲାଙ୍କ ଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ହାତରେ ସ୍ମାର୍ଟ ଫୋନ ଓ ଇଣ୍ଟରନେଟ ବହୁଳ ବ୍ୟବହାର ହେଉଛି । ଆଉ ଏହାର ସୁଯୋଗ ନେଉଛନ୍ତି ସାଇବର ଠକ। ସଚେତନତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରିବା ପରେ ମଧ ସାଇବର ଠକେଇ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ବର୍ତ୍ତମାନ ସାଇବର ଠକ ମାନେ ବିଭିନ୍ନ ପ୍ରକାର ଉପାୟରେ ଲୋକମାନଙ୍କୁ ଠକିବାରେ ଲାଗିଛନ୍ତି। ବିଭିନ୍ନ ପ୍ରକାରର ଲୋଭ ଦେଖାଇ କିମ୍ବା ଭୟଭୀତ କରି ଲୋକଙ୍କ ଠାରୁ ଠକୁଛନ୍ତି । ସାଧାରଣ ଭାବେ ଦେଖିବାକୁ ମିଳୁଛି ଯେଉଁ ଲୋକଟି ଠକାମୀର ଶିକାର ହେଉଛନ୍ତି ତାଙ୍କର ନିଜ ସାମାନ୍ୟ ଅସାବଧାନତା ଯୋଗୁଁ ଏହି ପରି ଘଟଣା ଘଟୁଛି । ଯେତେବେଳେ କୌଣସି ଅପରିଚିତ ବ୍ୟକ୍ତି ଫୋନ୍ କରିକି କୌଣସି ବ୍ୟକ୍ତିଗତ ତଥ୍ୟ କିମ୍ବା ଆକାଉଣ୍ଟ ସଂପର୍କରେ ପଚାରୁଛି ସେଇ ସମୟରେ ଜଣେ ସତର୍କ ହେବା ଉଚିତ୍ କାରଣ କୌଣସି ଅପରିଚିତ ବ୍ୟକ୍ତିଙ୍କୁ ନିଜ ବ୍ୟକ୍ତିଗତ ତଥ୍ୟ ପ୍ରକାଶ କରିବା ଅନୁଚିତ୍ । ସାଇବର ଠକ ପ୍ରଥମେ କଲ କରି ଲୋକଙ୍କ ବିଶ୍ୱାସ ଜିତିବା ପାଇଁ ଚେଷ୍ଟା କରନ୍ତି ଯାହା ଫଳରେ କି ତାଙ୍କ ଉପରେ ଜଣଙ୍କର ସନ୍ଦେହ ସୃଷ୍ଟି ହେବ ନାହିଁ। ଏହା ପରେ ତାଙ୍କ ଠାରୁ ବିଭିନ୍ନ ପ୍ରକାର ଶୈଳୀରେ ତଥ୍ୟ ହାସଲ କରିଥାନ୍ତି । ବର୍ତ୍ତମାନ ସମୟରେ ସାଇବର ଠକ ବିଭିନ୍ନ ପ୍ରକାର ବାହାନା ଦେଖେଇକି ଠକୁଛନ୍ତି ।

ଫୋନ କରିକି ବ୍ୟାଙ୍କ ନାମରେ ଲୋକଙ୍କୁ ଜାଲରେ ଫସାଉଛନ୍ତି ସାଇବର ଠକ । ଆକାଉଣ୍ଟ ସଂପର୍କରେ ତଥ୍ୟ ମାଗି ଆକାଉଣ୍ଟ ଠିକ କରିବା ପାଇଁ କହି ଫସାଉଛନ୍ତି । ନଦେଲେ ଆକାଉଣ୍ଟ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ କହି ଡରାଉଛନ୍ତି ଲୋକଙ୍କୁ । ଯାହା ଫଳରେ ଜଣେ ନିଜର ସମସ୍ତ ବ୍ୟକ୍ତିଗତ ତଥ୍ୟ ପ୍ରକାଶ କରୁଛନ୍ତି। ଏମିତି କି ଫୋନ୍‌କୁ ଓଟିପି କିମ୍ବା ଲିଙ୍କ ପଠାଉଛନ୍ତି ଆଉ ଏହାକୁ କ୍ଲିକ୍ କରିବା ମାତ୍ରେ ସାଇବର୍ ଠକ ମାନେ କିଛି ସମୟ ମଧ୍ୟରେ ଆକାଉଣ୍ଟ ଶୂନ୍ୟ କରି ଦେଉଛନ୍ତି ।

ଅନଲାଇନରେ ମଧ ମାତିଛନ୍ତି ସାଇବର ଠକ। ପାର୍ଟ ଟାଇମ୍ ଜବ କରିବାକୁ କହି ଠକି ନେଉଛନ୍ତି ଲକ୍ଷାଧିକ ଟଙ୍କା। ହ୍ୱାଟ୍ସଆପ ଗ୍ରୁପରେ ଦେଉଛନ୍ତି ମେସେଜ। ତାପରେ ଗ୍ରୁପରେ ଆଡ କରି ଦେଉଛନ୍ତି ଲୋଭନୀୟ ଅଫର। ଥରେ ଫସିଗଲେ ଆକାଉଣ୍ଟ ହେଇ ଯାଉଛି ଖାଲି ସେହିପରି ଆଜିକାଲି ଅନେକ କମ୍ପାନୀ ଫ୍ରାଞ୍ଚାଇଜ ଅଫର କରୁଛନ୍ତି । ନୂଆ ବ୍ରାଞ୍ଚ ଖୋଲିବା କଥା କହି ବ୍ୟବସାୟ ବୃଦ୍ଧିର ପ୍ରଲୋଭନ ଦେଖାଉଛନ୍ତି ଠକ । ଏଥିପାଇଁ ଜଣାଶୁଣା କମ୍ପାନୀର ନାଁ କହି ସେହି କମ୍ପାନୀ କର୍ମଚାରୀ ଭାବେ ନିଜକୁ ପରିଚୟ ଦେଇ ଗ୍ରାହକଙ୍କ ବିଶ୍ୱାସ ଜିତିବାକୁ କିଛି ଫେକ୍ ଡକୁମେଣ୍ଟ ମଧ ଦେଖାଉଛନ୍ତି । ଆଉ ପରେ ଏହାକୁ ବିଶ୍ୱାସ କରିବା ପରେ ଫୋନ କଲ ପାଇଥିବା ବ୍ୟକ୍ତି ଠକାମୀର ଶିକାର ହୋଇଥାନ୍ତି ।

ଆଉ ଯଦି ଏମିତି କଲ୍ ଆସୁଛି ଆଉ ଏସବୁ ଜିନିଷ ଯଦି କିଏ ଆପଣଙ୍କୁ କହୁଛି ତାହେଲେ ତୁରନ୍ତ ଆପଣଙ୍କ ନିକଟସ୍ଥ ପୋଲିସ ଥାନାରେ ଯାଇ ଏ ବାବଦରେ ସୂଚନା ଦିଅନ୍ତୁ କିମ୍ବା ସାଇବର ଥାନାକୁ ଯାଇ ଅଭିଯୋଗ କରନ୍ତୁ । ଆପଣ ଚାହିଁଲେ ସାଇବର ହେଲ୍ପ ଡେସ୍କର ବି ସହାୟତା ନେଇପାରିବେ । ତାଛଡା ଯଦି ଆପଣ ଏପରି କୌଣସି ସାଇବର ଠକଙ୍କୁ ଟଙ୍କା ଟ୍ରାନଜାକସନ୍ କରିଦେଇଛନ୍ତି, ତାହେଲେ ତୁରନ୍ତ ୧୯୩୦ ନମ୍ବରରେ କଲ୍ କରନ୍ତୁ । ଯାହାପରେ ଉକ୍ତ ଟ୍ରାଞ୍ଜାକସନକୁ ବନ୍ଦ କରିବାକୁ ଚେଷ୍ଟା କରାଯାଇଥାଏ । ଠକେଇ ହେବାର ଗୋଲଡେନ ପିରିୟଡ ଭିତରେ ଅର୍ଥାତ ପ୍ରଥମ ଏକ ଘଣ୍ଟା ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୭ ଜୁନ୍ ୨୦୨୪ ସୋମବାର





ବିଏମ୍‌ସି ଓ ଟାଟା ପାୱାର ପକ୍ଷରୁ ଚାଲିଛି ଗଛ କଟା

# ରାଜଧାନୀରୁ କମୁଛି ସବୁଜ ବନାନୀ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସହରୀକରଣ ନାଁରେ କ୍ରମାଗତ ଭାବେ ରାଜଧାନୀର ସବୁଜ ବନାନୀ ହ୍ରାସ ପାଇବାରେ ଲାଗିଛି । ରାସ୍ତାଘାଟ ଓ ବୃହତ୍ ଅଟ୍ଟାଳିକା ପାଇଁ ଶହ ଶହ ବର୍ଷର ପୁରୁଣା ଗଛ ବଳି ପଡୁଛି । ଏଥିଯୋଗୁ ରାଜଧାନୀରେ ବିଶେଷକରି ଗ୍ରୀଷ୍ମ ଋତୁରେ ତାପମାତ୍ରାରେ ଅହେତୁକ ବୃଦ୍ଧି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି । କିନ୍ତୁ ଏପରି ସମୟରେ ବୃକ୍ଷରୋପଣ ଓ ଗଛକୁ ସୁରକ୍ଷା ହେବା ପରିବର୍ତ୍ତେ ବିଏମ୍‌ସି, ସିଟି ଫରେଷ୍ଟ ଡିଭିଜନ୍ ଓ ଟାଟା ପାୱାର୍ କର୍ତ୍ତୃପକ୍ଷ ଗଛକୁ ଟ୍ରିମିଂ ନାଁରେ କାଟି ସଫା କରିଦେଉଛନ୍ତି । ଫଳରେ ଭବିଷ୍ୟତରେ ଗଛଗୁଡ଼ିକ ବଞ୍ଚିବାର ଆଶା କ୍ଷୀଣ ହୋଇଯାଉଛି । ଏନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ସୂଚନାନୁସାରେ ମୌସୁମୀ ଓଡ଼ିଶା ଛୁଇଁସାରିଛି । ରାଜଧାନୀ ସମେତ ସାରା ରାଜ୍ୟରେ କାଁ ଭାଁ ବର୍ଷା ଆରମ୍ଭ ହୋଇଯାଇଛି । ବର୍ଷା ପୂର୍ବରୁ ପ୍ରଶାସନ ପକ୍ଷରୁ ଗଛ ଗୁଡ଼ିକ ସୁସ୍ଥ ଅଭିବୃଦ୍ଧି ପାଇଁ ସବୁ ବର୍ଷ ପରି ଚଳିତବର୍ଷ ମଧ୍ୟ ଟ୍ରିମିଂ କାର୍ଯ୍ୟ ଆରମ୍ଭ ହୋଇଯାଇଛି । ହେଲେ ପରିତାପର ବିଷୟ ହେଲା ଯେଉଁମାନେ ଟ୍ରିମିଂ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି, ସେମାନେ ସତର୍କତାର ସହ ଡାଳ କାଟିବା ପରିବର୍ତ୍ତେ ମନଇଚ୍ଛା ଗଛ କାଟି ସମ୍ପୂର୍ଣ୍ଣ ଥୁଣ୍ଟା କରିଦେଉଛନ୍ତି । ଫଳରେ ଖରା ହେଲେ ଗଛ ସମ୍ପୂର୍ଣ୍ଣ ମରିଯିବାର ଆଶଙ୍କା ଉପୁଜିଛି । ଖଣ୍ଡଗିରି କସ୍‌ମୋପଲିସ ଠାରେ ଏଭଳି ଗଛ କଟାଯାଉଥିବା ବେଳେ ସ୍ଥାନୀୟ ଲୋକେ ବିରୋଧ କରିଥିଲେ । ମାତ୍ର କାଟୁଥିବା ଲୋକମାନେ ଏହାକୁ ଭ୍ରୂକ୍ଷେପ କରିନଥିଲେ । ସେହିଭଳି ମାଷ୍ଟରକ୍ୟାଣ୍ଟିନ୍, ଗଙ୍ଗନଗର, ବମିଖାଲ, କଳ୍ପନା ଭଳି ପ୍ରମୁଖ ରାସ୍ତା ଗୁଡ଼ିକରେ ଗଛ ଗୁଡ଼ିକ ଏଭଳି ନିର୍ଦ୍ଦୟ ଭାବେ ଥୁଣ୍ଟା କରିଦେଇଥିବା ଦେଖିବାକୁ ମିଳୁଛି । ବିଶେଷକରି ଟିପିସିଓଡିଏଲ୍ର ତାର ଗଛ ଡାଳରେ ଲାଗିଯାଉଥିବା ଦର୍ଶାଇ ସେମାନେ ଭାରି ମାତ୍ରାରେ କାଟୁଥିବାର ଅଭିଯୋଗ ହେଉଛି । ସେହିଭଳି ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିବାକୁ ଯିବା ପୂର୍ବରୁ ପ୍ରତିମୂର୍ତ୍ତି ନିକଟରେ ଥିବା ଗଛ ଗୁଡ଼ିକରୁ ଡାଳ ସବୁ ଥୁଣ୍ଟା କରିଦିଆଯାଇଥିବା ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା । ଏଥିଯୋଗୁ ରାଜଧାନୀରୁ ଛାଇ ଉଭାନ ହୋଇଯିବା ସହ ପକ୍ଷୀମାନେ ବସିବା ପାଇଁ ସାମାନ୍ୟ ଟିକେ ଜାଗା ମିଳୁନି ବୋଲି



ପକ୍ଷୀପ୍ରେମୀମାନେ କ୍ଷୋଭର ସହ କହିଛନ୍ତି । ପୂର୍ବରୁ ସହରର କଳେବର ବୃଦ୍ଧି ଓ ବିଭିନ୍ନ ସମ୍ପ୍ରସାରଣ କାର୍ଯ୍ୟ ବାହାନାରେ ୫୦/୬୦ ବର୍ଷ ତଳର ବଡ଼ ବଡ଼ ଗଛକୁ ବଳି ପକାଇ ଦିଆଯାଉଛି । ନିକଟ ଅତୀତରେ କୋର୍ଟ ପରିସରରୁ ପ୍ରାୟ ୧୦ରୁ ଅଧିକ ବଡ଼ ବଡ଼ ଗଛ କାଟି ଦିଆଯାଇଛି । ଭୂତଳ ପାର୍କିଂ ନିର୍ମାଣ ପାଇଁ ୫୦/୬୦ ବର୍ଷ ତଳର ବର, ଅଶ୍ୱତ୍ଥ, ପଣସ ଭଳି ଗଛକୁ କାଟି ପକାଇଛନ୍ତି । କ୍ୟାପିଟାଲ୍ ହସ୍ପିଟାଲ୍, ବିଧାୟକ କ୍ୱାର୍ଟର୍ସ, ସିଆର୍‌ପିଏଫ୍ ଭିଆଇପି କଲୋନୀରୁ କଳିଙ୍ଗ ଷ୍ଟୁଡିଓ ଛକ ପର୍ଯ୍ୟନ୍ତ ଆଦି ଅଞ୍ଚଳରୁ ଶହ ଶହ ପୁରୁଣା ବଡ଼ ବଡ଼ ଗଛ କଟା ସରିଛି । ପ୍ରଶାସନ ପକ୍ଷରୁ ଗଛ ପ୍ରତି ଏଭଳି ଦୟନୀୟ ବ୍ୟବହାର କରାଯିବା ଯୋଗୁ ତାପମାତ୍ରା ବୃଦ୍ଧିର କଷ୍ଟ ଭୋଗିବାକୁ ପଡୁଛି ବୋଲି ପରିବେଶ୍‌ବିତ୍‌ମାନେ ରୋକ୍‌ଠୋକ୍ ଶୁଣାଇଛନ୍ତି । ଏବେଠାରୁ ସଚେତନ ନହେଲେ ଆଗାମୀ ଦିନରେ ଆହୁରି ଭୟଙ୍କର ପରିସ୍ଥିତି ଉପୁଜିବ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି । ଅନ୍ୟପକ୍ଷରେ ଚଳିତବର୍ଷ ରାଜଧାନୀରେ ସର୍ବାଧିକ ତାପମାତ୍ରା ୪୬ ଡିଗ୍ରୀ ଅତିକ୍ରମ କରିଥିବା ବେଳେ ୧ ମାର୍ଚ୍ଚରୁ ୯ ଜୁନ୍ ମଧ୍ୟରେ ୨୭ ଦିନ ଗ୍ରୀଷ୍ମ ଲହରୀ ସ୍ଥିତି ଅନୁଭୂତ ହୋଇଛି । ଯାହାକି ସାରା ଦେଶରେ ସର୍ବାଧିକ ବୋଲି ଭାରତୀୟ ପାଣିପାଗ ବିଭାଗ ତଥ୍ୟରୁ ଜଣାପଡ଼ିଛି । ତେଣୁ ବେଳ ହୁଁ ସାବଧାନ ହେବା ସହ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି କରାଯାଉଛି । ଏ ସମ୍ପର୍କରେ ବିଶିଷ୍ଟ ପରିବେଶ୍‌ବିତ୍ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି, ଗଛମାନଙ୍କର ଡାଳ କାଟି ସେମାନଙ୍କୁ କ୍ଷତାକ୍ତ କରାଯାଉଛି, ଯାହା ନିହାତି ଆବଶ୍ୟକ ନଥିଲେ କରାଯିବା ଅନୁଚିତ୍ । ପ୍ରଶାସନ ଠାରୁ ସାଧାରଣ ଜନତାଙ୍କ ପର୍ଯ୍ୟନ୍ତ ଏ ବିଷୟରେ ସଚେତନ ହେଲେ ଏକ ପ୍ରଦୂଷଣ ମୁକ୍ତ ସବୁଜିମାପୂର୍ଣ୍ଣ ପରିବେଶରେ ଜୀବନ ଯାପନ କରିବା ନଗରାଞ୍ଚଳବାସୀଙ୍କ ପକ୍ଷରେ ସମ୍ଭବପର ହେବ । ଅନ୍ୟଥା ଆଗକୁ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଅତ୍ୟନ୍ତ ଅସହ୍ୟ ବୋଧ ହେବ ବୋଲି ସେ କହିଛନ୍ତି । ଏନେଇ ସିଟି ଫରେଷ୍ଟ ଡିଭିଜନ୍‌ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଆମେ ଯେଉଁ ଗଛ ଡାଳ ଚାଞ୍ଛୁଛୁ, ଅତି ସୁରକ୍ଷିତ ଭାବେ ଗଛକୁ କ୍ଷତି ନ ପହଞ୍ଚାଇବା ଭଳି କାଟୁଛୁ । ମାତ୍ର ବିଏମ୍‌ସି ଓ ଟିପିସିଓଡିଏଲ୍ ପକ୍ଷରୁ ଯେଉଁମାନଙ୍କୁ ଏହି ଗଛ କାଟିବା କାମରେ ନିୟୋଜିତ କରାଯାଉଛି, ସେମାନେ ଅଣକୁଶଳୀ ହୋଇଥିବାରୁ ମନଇଚ୍ଛା କାଟି ଦେଉଛନ୍ତି । ଏ ବାବଦରେ ଆଲୋଚନା କରାଯାଇ ଆଗାମୀ ଦିନରେ ଏହାର ସମାଧାନ କରାଯିବ ବୋଲି ସେ କହିଛନ୍ତି ।

## ବିଜେପୁର ପଞ୍ଚାୟତରେ ପାନୀୟ ଜଳ ସଙ୍କଟ

**ଭବାନୀପାଟଣା, ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବିଜେପୁର ପଞ୍ଚାୟତ ଅନ୍ତର୍ଗତ ବିଜେପୁର ବଜାରପଡାରେ ଦୀର୍ଘ ବର୍ଷ ହେବ ପାଣି ସମସ୍ୟା ଦେଖାଦେଇଛି ହେଲେ ଏହି ସମସ୍ୟାକୁ ନେଇ ପଞ୍ଚାୟତ ଓ ବ୍ଲକ ପ୍ରଶାସନକୁ ବାରମ୍ବାର ଅଭିଯୋଗ କଲାପରେ ମଧ୍ୟ ପ୍ରଶାସନ ଏଯାଏଁ କୌଣସି ବ୍ୟବସ୍ଥା ନକରିବାରୁ ଜଳ କଷ୍ଟ ଭୋଗିବାକୁ ପଡୁଛି ବୋଲି ବିଜେପୁର ବଜାର ପଡାବାସୀ ମତ ପ୍ରକାଶ କରିଛନ୍ତି । ଏହି ପଡ଼ାରେ ହାରାହାରି ୩୫ ଘର ଦୀର୍ଘ ବର୍ଷ ଧରି ବସବାସ କରୁଥିବା ବେଳେ ଗୋଟିଏ ମାତ୍ର ନଳକୂପ ଅଛି ହେଲେ ପର୍ଯ୍ୟାପ୍ତ ପରିମାଣରେ ପାଣି ବାହାରୁ ନଥିବାରୁ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଥିବାର ଚିତ୍ର ସାମ୍ନାକୁ ଆସୁଛି । ଉକ୍ତ ପଡ଼ାରେ ବୁଧବାର ବଜାର ବସେ ବଜାରକୁ ଆସୁଥିବା ଲୋକଙ୍କ ପାଇଁ ଛୋଟ ପାଣି ଟାଙ୍କିର ବ୍ୟବସ୍ଥା ମଧ୍ୟ କରାଯାଇଥିଲା ହେଲେ ତାହା ଅଚଳ ହେବାର ୨ ବର୍ଷ ହୋଇଗଲାଣି ଏବେଯାଏଁ ମରାମତି ହୋଇପାରିନାହିଁ । ଯାହାଫଳରେ ବଜାରକୁ ଆସୁଥିବା ଲୋକେ ମଧ୍ୟ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଥିବା ବେଳେ ବିଜେପୁର ବଜାରପଡା ଓ ବଜାରରେ ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ ଗ୍ରାମବାସୀ ପଞ୍ଚାୟତ ଓ ବ୍ଲକ ପ୍ରଶାସନଙ୍କୁ ଗୁହାରି କରିଛନ୍ତି । ତେବେ ପ୍ରଶାସନ କେବେ ଉକ୍ତ ପଡାବାସୀଙ୍କ ସମେତ ବଜାରରେ ପାନୀୟ ଜଳ ବ୍ୟବସ୍ଥା କରୁଛି ତାହା ଦେଖିବାକୁ ବାକି ରହିଲା ।

## ତିନିମୁହାଣୀ ଠାରେ ନିର୍ମାଣ ହେବ ଆଉ ଏକ ନୂତନ ପୋଲ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳର ପ୍ରବେଶ ପଥ ତିନିମୁହାଣୀ ଠାରେ ଗୋବରୀ ନଦୀ ଉପରେ ଆଉ ଏକ ନୂତନ ପୋଲ ନିର୍ମାଣ ହେବାର ପରିକଳ୍ପନା କରାଯାଇଛି । ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ପୁରୁଣା ପୋଲ ନିକଟରେ ଆଉ ଏକ ପୋଲ ନିର୍ମାଣ ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ବର୍ତ୍ତମାନ ଥିବା ପୋଲଟି ବହୁ ପୁରୁଣା ଓ ଟ୍ରାଫିକ୍ ସମସ୍ୟା ସମାଧାନରେ ସହାୟକ ହୋଇପାରୁନଥିବା ବେଳେ ଆଉ ଏକ ପୋଲ ନିର୍ମାଣ କରାଯାଇ କଟକ-ଚାନ୍ଦବାଲି ରାସ୍ତାରୁ ଟ୍ରାଫିକ୍ ସମସ୍ୟା ଦୂର କରାଯିବ । ବ୍ରିଟିଶ ସମୟରୁ ଥିବା ଏହି ପୋଲ ଉପରେ ଆଉ ଏକ ପୋଲ ନିର୍ମାଣ କରିବା କାର୍ଯ୍ୟ ଜୋର୍‌ସୋର୍‌ରେ ଆରମ୍ଭ କରାଯାଇଛି । ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରତିକାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ଏସଡିଓ ଆଜାମୁଦ୍ଦିନ ଖାନଙ୍କ ଉପସ୍ଥିତିରେ ସେତୁ କାର୍ଯ୍ୟ ଆରମ୍ଭ ହୋଇଛି । ଏହି ପୋଲ ସମ୍ପୂର୍ଣ୍ଣ ହେଲେ ଭଦ୍ରକ, ଚାନ୍ଦବାଲି, ରାଜକନିକା, ଆଳି, ପଟ୍ଟାମୁଣ୍ଡାଇ, ରାଜନଗର ପ୍ରଭୃତି ଅଞ୍ଚଳକୁ ଦୈନିକ ଯାତାୟାତ କରୁଥିବା ହଜାର ହଜାର ଛୋଟବଡ ଗାଡି ସହଜରେ ଗନ୍ତବ୍ୟ ସ୍ଥାନରେ ପହଞ୍ଚି ପାରିବ ବୋଲି ଜଣାପଡିଛି ।

## ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଶିଶୁ ଶ୍ରମ ନିରୋଧ ଦିବସ ପାଳିତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ତରଫରୁ ଶିଶୁ ଶ୍ରମ ନିରୋଧ ଦିବସ ଏକ ସଚେତନତା କାର୍ଯ୍ୟକ୍ରମ ପଲ୍ଲିଶ୍ରୀ ମହିଳା ଓ ଶିଶୁ ସୁରକ୍ଷା ସମିତି କୋରୁଅ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କୁ ଅତି ଉଚ୍ଚକୋଟୀର ଗଳ୍ପ ଓ ଉପଦେଶ ମାଧ୍ୟମରେ ଛୋଟ ଛୋଟ ପିଲାମାନଙ୍କର ମନ କିପରି ପାଠପଢାରେ ଆଗ୍ରହ ହେବ ସେ ସହିତ ସଂସ୍କାରୀ ହୋଇ ଭଲ ମଣିଷ ହୋଇପାରିବେ ଏବଂ ସମାଜର ସ୍ରୋତରେ ଆଗରେ ରହି ଇତିହାସ ସୃଷ୍ଟି କରିପାରିବେ ସେ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଏଥି ସହିତ ଶିଶୁ ଶ୍ରମିକ ପ୍ରଥାକୁ ଦୃଢ ଭାବରେ ବିରୋଧ କରି ସମ୍ପୂର୍ଣ୍ଣ ଭାବେ ଦେଶରୁ ବନ୍ଦ କରିବା ପାଇଁ ସମସ୍ତେ ଆଗେଇ ଆସିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ସମିତିର ଅଧ୍ୟକ୍ଷ ଶ୍ରୀକାନ୍ତ କୁମାର ନାୟକ ଶିଶୁ ଶ୍ରମିକକୁ ଦୃଢ ବିରୋଧ କରାଯିବା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଶ୍ରୀକାନ୍ତ କୁମାର ସ୍ୱାଇଁ, ଶାନ୍ତନୁ ବଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଗଡ଼ିଲା ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ



**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ହସକୁରା ଶିଶୁଟିଏ ହିଁ ଆଗାମୀ ଦିନର ବିକଶିତ ନାଗରିକଟିଏ ହେବାକୁ ସମର୍ଥ ହୋଇଥାଏ । ତାର ଆନନ୍ଦପୂର୍ଣ୍ଣ ପ୍ରକୃତି ତାକୁ ବିକାଶ ପଥର ପଥିକ କରାଏ । ଏଣୁ ଶ୍ରମର ବୋଝ କିମ୍ବା ମାନସିକ ନିର୍ଯ୍ୟାତନାରୁ ମୁକ୍ତି ଦେଇ ସେମାନଙ୍କୁ ଆକାଶର ଉଡ଼ନ୍ତା ପକ୍ଷୀ ପରି ଗଢ଼ି ତୋଳିବା ପାଇଁ ସବୁଠାରୁ ସବୁସ୍ତରରେ ଉଦ୍ୟମ ହେବା ସହିତ ଏଥିପାଇଁ ସରକାରଙ୍କ ଦ୍ୱାରା ପ୍ରଣୀତ ଆଇନ୍ ବ୍ୟବସ୍ଥା ସମ୍ବନ୍ଧରେ ସଚେତନତା ହେବା ଓ ଶିଶୁଶ୍ରମ ମୁକ୍ତ ସମାଜ ଗଠନ କରିବା ଦିଗରେ ଆମର ଦାୟିତ୍ୱ ସମ୍ବନ୍ଧରେ ଅବଗତ ହେବାର ଆବଶ୍ୟକତା ରହିଛି । ଆନ୍ତର୍ଜାତିକ ଶିଶୁ ଶ୍ରମ ନିଷେଦ୍ଧ ଦିବସ ପାଳନ ଅବସରରେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ଶ୍ରମ ବିଭାଗ ଜରିଆରେ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଏକ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶାନ୍ତନୁ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସମ୍ବିତ କୁମାର ମହାନ୍ତି, ସି.ଡ଼ି.ଓ. ସରୋଜ କୁମାର ଦତ୍ତ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଦେବରାଜ ପାଣିଗ୍ରାହୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପତାକା ପ୍ରଦର୍ଶନ ପୂର୍ବକ ରଥ ପରିକ୍ରମାର ଉଦ୍‌ଘାଟନ କରିଥିଲେ । ଶିଶୁ ଶ୍ରମିକ ଭଳି ଏକ ମାରାତ୍ମକ ପ୍ରଥାକୁ ବନ୍ଦ କରିବା ନେଇ ସଂପୃକ୍ତ ବାର୍ତ୍ତାକୁ ସଙ୍ଗୀତ ଓ ବ୍ୟାନରରେ ପ୍ରଦର୍ଶନ କରି ରଥ ଜରିଆରେ ସଚେତନତା ଉଦ୍ଦେଶ୍ୟରେ ପ୍ରଚାର ପ୍ରସାର କରାଯିବା ପାଇଁ ଉଦ୍ୟମ କରାଯାଇଛି । ଶିଶୁ ଶ୍ରମିକ ମୁକ୍ତ ଓଡ଼ିଶା ଗଠନ ପାଇଁ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ଶିଶୁ ଶ୍ରମିକ ଭାବେ କାମରେ ନିୟୋଜିତ କରାଉଥିବା ବ୍ୟକ୍ତି ମାନଙ୍କୁ ସାବଧାନ କରାଇ ଦିଆଯାଉଛି । ଶିଶୁ ଶ୍ରମିକ ନିଷେଧ ପାଇଁ ପ୍ରଣୀତ ଆଇନ୍ ଓ ଦଣ୍ଡ ବ୍ୟବସ୍ଥା ସମ୍ବନ୍ଧରେ ସମସ୍ତେ ସଚେତନ ହେବା ଜରୁରୀ । ୧୪ ବର୍ଷରୁ କମ୍ ବୟସର ଶିଶୁକୁ କୌଣସି କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ । ୧୫ ରୁ ୧୮ ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦ ସଙ୍କୁଳ କାମରେ ନିୟୋଜନକୁ ବାରଣ କରାଯାଇଛି । ଏପରି କାମ କରାଉଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ୨ ବର୍ଷ ଯାଏ ଜେଲ୍‌ଦଣ୍ଡ ବା ଉଭୟର ବ୍ୟବସ୍ଥା ଅଛି । ସେହି ଭୁଲ୍ ୨ୟ ଥର ହେଲେ ୩ ବର୍ଷ ଯାଏ କାରାଦଣ୍ଡ ମିଳିବ । ଶିଶୁ ଶ୍ରମିକ ଘଟଣା ନଜରକୁ ଆସିଲେ ନିଶୁଳ୍କ ସହାୟତା ନମ୍ବର ୧୫୫୩୬୮ ଏବଂ ଚାଇଲ୍ଡ଼ ଲାଇନ୍ ନଂ ୧୦୯୮କୁ ଯୋଗାଯୋଗ କରିପାରିବେ କିମ୍ବା ଜିଲ୍ଲାପାଳ, ଜିଲ୍ଲାର ସଂପୃକ୍ତ ଅଧିକାରୀ ଜିଲ୍ଲାଶ୍ରମ ଅଧିକାରୀ ଜିଲ୍ଲା ଶିଶୁ ଅଧିକାରୀଙ୍କୁ ମଧ୍ୟ ଜଣାଇପାରିବେ । ଜିଲ୍ଲାଶ୍ରମ ଅଧିକାରୀ ପ୍ରେମମଞ୍ଜରୀ ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଶିଶୁ ମଙ୍ଗଳ କମିଟି ସଦସ୍ୟ ଅମର ବାରିକ୍, ଶିଶୁ ମୁକ୍ତାଶ୍ରୟ ଆସିୟାନାର ସଂଯୋଜକ ରିଆଜ ଅହମଦ, ଶ୍ରମ ବିଭାଗର ସରକାରୀ ଅଧିକାରୀ ରତ୍ନାକର ମଲ୍ଲିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଆନୁସଙ୍ଗିକ ସହଯୋଗ କରିଥିଲେ । ଏହି ସଚେତନତା ପାଇଁ ଜୁନ୍ ମାସ ତମାମ୍ ସଂପୃକ୍ତ ବିଭାଗ ଦ୍ୱାରା ବିଭିନ୍ନ ଉପାୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସ୍କୁଲ ଖୋଲିବା ପରେ ସ୍କୁଲ ପିଲାମାନଙ୍କ ମଧ୍ୟରେ ରଙ୍ଗୋଲି, ବକ୍ତୃତା, ପେଣ୍ଟିଂ ଆଦି ଜିଲ୍ଲାସ୍ତରରେ ପ୍ରତିଯୋଗିତା କରାଯିବ । ଶିଶୁ ଶ୍ରମିକ ନିଷେଦ୍ଧ ସଚେତନତା ନେଇ ଜିଲ୍ଲାସ୍ତରରେ ରାଲି, ଦସ୍ତଖତ ଅଭିଯାନ, ସଚେତନତା ମୂଳକ ବୈଠକ, ଶିଶୁ ଶ୍ରମିକ ନିୟୋଜିତ କରିନଥିବା ପ୍ରତିଷ୍ଠାନ, ବାଣିଜ୍ୟିକ ପ୍ରତିଷ୍ଠାନର ନିଯୁକ୍ତିଦାତାମାନଙ୍କୁ ଗୋଲାପ ଦେଇ ସ୍ୱାଗତ ଜଣାଇବା ଏବଂ ପିଲାମାନଙ୍କୁ ପରିଦର୍ଶନ କରାଇବା ଆଦି କାର୍ଯ୍ୟକ୍ରମ ଆୟୋଜିତ ହେବାର କାର୍ଯ୍ୟସୂଚୀ ରହିଛି ।

## ରକ୍ଷଣାବେକ୍ଷଣ ଅଭାବରୁ ରମ୍ଭା ପୋଖରୀଗୁଡ଼ିକ ବ୍ୟବହାର ଅନୁପଯୋଗୀ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ସହରାଞ୍ଚଳରେ ଆବଶ୍ୟକୀୟ ରକ୍ଷଣାବେକ୍ଷଣ ଅଭାବରୁ କେଉଁଠି ଶୁଖିଲା ପଡିଛି ତ ଓ କାହାର ମୃତ୍ୟୁ ହେଲେ ଶୁଦ୍ଧି କାର୍ଯ୍ୟ କରିବା ଲାଗି ତୁଠ କାର୍ଯ୍ୟ କରିବା ପାଇଁ ପୋଖରୀର ଅଭାବ ବାସିନ୍ଦା ମାନଙ୍କୁ ବିବ୍ରତ କରୁଥିବାର ଦେଖାଯାଇଛି । ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ରମ୍ଭା ସହରରେ ଜନସଂଖ୍ୟା ଦ୍ରୁତ ଗତିରେ ବଢ଼ି ଚାଲିଥିବା ବେଳେ ଲୋକ ମାନଙ୍କର ନିତ୍ୟ ବାହ୍ୟ ବ୍ୟବହୃତ ଜଳ ଯଥା- ସ୍ନାନ, ଶୌଚ, ଶୁଦ୍ଧି କାର୍ଯ୍ୟ ପାଇଁ ପୋଖରୀର ଆବଶ୍ୟକତା ପଡିଥାଏ, ହେଲେ ସହରାଞ୍ଚଳ ବିଭିନ୍ନ ୱାର୍ଡରେ ଥିବା ଅଧିକାଂଶ ପୋଖରୀ ରକ୍ଷଣାବେକ୍ଷଣ



ଅଭାବରୁ ବ୍ୟବହାର ଅନୁପଯୋଗୀ ହୋଇପଡିରହିଛି । ଯଦ୍ୱାରା ଦୈବାତ୍ କୌଣସି ଲୋକଙ୍କର ମୃତ୍ୟୁ ଘଟିଲେ ତାଙ୍କ ପରିବାର ଲୋକ ମୃତ ବ୍ୟକ୍ତିଙ୍କର ଶୁଦ୍ଧି କାର୍ଯ୍ୟ ପୋଖରୀ କୂଳରେ ହିଁ ତୁଠ କାର୍ଯ୍ୟ ଆରମ୍ଭ ହୋଇଥାଏ । ବ୍ୟବହାର ଅନୁପଯୋଗୀ ପୋଖରୀ ଗୁଡିକ ଯୋଗୁଁ ଲୋକମାନେ ଉପାୟ ଶୂନ୍ୟ ହୋଇ ସେହି ବ୍ୟବହାର ଅନୁପଯୋଗୀ ପ୍ରଦୂଷିତ ପୋଖରୀ ମାନଙ୍କରେ ତୁଠ କାର୍ଯ୍ୟ କରିବାକୁ ବାଧ୍ୟ ହେଉଛନ୍ତି । ଅନ୍ୟ ପଟେ ଜଳ ବ୍ୟବସ୍ଥା କରିପାରୁନଥିବା ଗରିବ ଶ୍ରେଣୀର ଲୋକମାନେ ସ୍ନାନ ଶୌଚ ଲାଗି ନିରୁପାୟ ହୋଇ ସେହି ପ୍ରଦୂଷିତ ପୋଖରୀ ଗୁଡିକରେ ନିଜର ଆବଶ୍ୟକତା ମେଣ୍ଟାଉଛନ୍ତି । ବିଶେଷ କରି କୌଣସି ବ୍ୟକ୍ତିର ମୃତ୍ୟୁ ହେଲେ ଶୁଦ୍ଧି କର୍ମ ପାଇଁ ପୋଖରୀ କୂଳରେ ତୁଠ କରି ଶୁଦ୍ଧି କାର୍ଯ୍ୟ ସମାପନ କରାଯାଇଥାଏ । ହେଲେ ପ୍ରଶାସନ, ବିଭାଗୀୟ କର୍ତ୍ତୃପକ୍ଷ ମାନଙ୍କ ନିଷ୍କ୍ରିୟତା ଯୋଗୁଁ ପୋଖରୀ ଗୁଡିକ ଦୂଷିତ ହୋଇ ବ୍ୟବହାର ଅନୁପଯୋଗୀ ହୋଇ ପଡିରହି ମଶା, ମାଛି, ସରୀସୃପ ମାନଙ୍କର ଉତ୍ପତ୍ତି ସ୍ଥଳ ପାଲଟିଛି । ଯଦି ପୋଖରୀ ଗୁଡିକର ବିଶୋଧନ କରାଯାଇ ବ୍ୟବହାର ଉପଯୋଗୀ କରାଯାଇପାରନ୍ତା ତେବେ ସହରର ଲକ୍ଷାଧିକ ଲୋକ ମାନଙ୍କର ବାହ୍ୟ ବ୍ୟବହୃତ ଜଳର ଆବଶ୍ୟକତା ବହୁଳ ଭାବେ ପୂରଣ ହୋଇପାରନ୍ତା ଏବଂ ପାନୀୟ ଜଳର ଅପବ୍ୟବହାର ମଧ୍ୟ ବହୁଳ ଭାବେ ହୁଅନ୍ତା ନାହିଁ ବୋଲି ସାଧାରଣ ମତ ପ୍ରକାଶ ପାଇଛି ।

## ଡେବ୍ରିଗଡ଼ ଅଭୟାରଣ୍ୟରେ ଉନ୍ନତ ପର୍ଯ୍ୟଟନ ସୁବିଧା ପରେ ତାରା ମଣ୍ଡଳ ଦର୍ଶନ ସାମିଲ୍

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ୍ ଅନ୍ତର୍ଗତ ହୀରାକୁଦ ଜଳଭଣ୍ଡାର କୂଳରେ ଥିବା ଡେବ୍ରିଗଡ଼ ଅଭୟାରଣ୍ୟରେ ଷ୍ଟାର ଗେଜିଂ - ତାରକାମଣ୍ଡଳ ଦର୍ଶନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଅଭୟାରଣ୍ୟର ଆକାଶରେ ଥିବା ନକ୍ଷତ୍ର ଏବଂ ତାରା ମଣ୍ଡଳକୁ ପର୍ଯ୍ୟଟକ ମାନଙ୍କ ନିକଟତର କରିବା ପାଇଁ ଡିଭିଜନର ଏହି କାର୍ଯ୍ୟକ୍ରମ ବାଳକ, ବାଳିକାଙ୍କ ଠାରୁ ଆରମ୍ଭ କରି ସମସ୍ତ ବର୍ଗର ଲୋକଙ୍କ ପାଇଁ ଆକର୍ଷଣରେ ପରିଣତ ହୋଇଛି । ପ୍ରତ୍ୟହ ସନ୍ଧ୍ୟା ୭ଟାରୁ ଅଭୟାରଣ୍ୟ ଭ୍ରମଣକାରୀ ମାନଙ୍କ ପାଇଁ ପ୍ରକୃତି ପର୍ଯ୍ୟଟନ ଅଧିବେଶନ ଜରିଆରେ ଏହି ସୁବିଧା ପ୍ରଦାନ କରାଯାଉଛି । ଏହି କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ସ୍ଥାନୀୟ ଲୋକଙ୍କୁ ପ୍ରଶିକ୍ଷଣ ଦିଆଯାଉଛି । ଡେବ୍ରିଗଡ଼ର ପଶ୍ଚିମ ଦିଗରେ ଦୃଶ୍ୟମାନ ହେଉଥିବା ତାରା ଶ୍ରୀୟସ୍, ଉତ୍ତରରେ ଦୃଶ୍ୟମାନ୍ ଧ୍ରୁବତାରା ବା ପୋଲଷ୍ଟାର, ନର୍ଥ ଷ୍ଟାର୍‌ର ଚାରିପାଖରେ ବୁଲୁଥିବା ସପ୍ତର୍ଷି ମଣ୍ଡଳ, ସପ୍ତର୍ଷି ମଣ୍ଡଳ ନିକଟରେ ଥିବା ବୃହତ୍ତମ ନକ୍ଷତ୍ର ଉର୍ଷା ମେଜର, ତା' ନିକଟସ୍ଥ ଉର୍ଷା ମାଇନର ପ୍ରଭୃତି ନକ୍ଷତ୍ର ଦେଖିବାର ସୁଯୋଗ ପର୍ଯ୍ୟଟକମାନେ ପାଉଛନ୍ତି । ପୁରାଣ ଅନୁଯାୟୀ, ସପ୍ତର୍ଷୀ - କ୍ରତୁ, ପୁଲହ, ପୁଲସ୍ତ୍ୟ, ଅତ୍ରି, ଅଙ୍ଗିରା, ବଶିଷ୍ଠ, ମରିଚି ତଥା ନିକଟରେ ଥିବା ଅତି ଛୋଟ ନକ୍ଷତ୍ର ଅରୁନ୍ଧତୀ ନକ୍ଷତ୍ର ମଣ୍ଡଳକୁ ନେଇ ଗଠିତ ନକ୍ଷତ୍ର ମଣ୍ଡଳ ହୀରାକୁଦ ଆର୍ଦ୍ର ଭୂମିର ଠିକ୍ ଉପରେ ରହିଥିବାରୁ ସ୍ପଷ୍ଟ ଭାବରେ ଦେଖାଯାଉଛି । ଏହା ସହିତ ଉର୍ଷା ମେଜର ଓ ଉର୍ଷା ମାଇନର ଆକର୍ଷଣର କେନ୍ଦ୍ର ହୋଇଛି । ଏଥିପାଇଁ ଡେବ୍ରିଗଡ଼ ପ୍ରାକୃତିକ ଶିବିରରେ ଷ୍ଟାର ଗେଜିଂ ପାଇଁ ୬ଟି କକ୍ଷ ତିଆର କରାଯାଇଛି । ଏଠାରେ ବ୍ରହ୍ମାଣ୍ଡକୁ ବୁଝିବା ପାଇଁ ପାଠାଗାର, ଟେଲିସ୍କୋପ ଓ ବିଭିନ୍ନ ପୁସ୍ତକ ରହିଛି । ସେହିଭଳି ଏଠାରେ ଓଡ଼ିଶାର ଜ୍ୟୋର୍ତିବିଜ୍ଞାନୀଙ୍କ ଦ୍ୱାରା ଉତ୍ତୋଳିତ ଆଲୋକ ଚିତ୍ର ମଧ୍ୟ ସ୍ଥାନ ପାଇଛି । ଏହା ତାରା ମଣ୍ଡଳ ଦର୍ଶନ ହିମାଳୟର କେତେକ ସ୍ଥାନରେ ଥିବା ବେଳେ ରାଜ୍ୟରେ ପ୍ରଥମ କରି ଡେବ୍ରିଗଡ଼ରେ ଆରମ୍ଭ କରାଯାଇଛି । ତାରକା ଚିହ୍ନଟ ପାଇଁ ପ୍ରଦୂଷଣ ମୁକ୍ତ ପରିବେଶ ସକାଶେ ହୀରାକୁଦ ଆର୍ଦ୍ରଭୂମି ଉପଯୁକ୍ତ ହୋଇଛି ବୋଲି ଡିଭିଜନର ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାଶ କହିଛନ୍ତି । ଏଠାରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ମଧ୍ୟ ସହଜରେ ଦର୍ଶନ କରି ହେଉଛି । ୩୫୩ ବର୍ଗ କିଲୋମିଟର ହୀରାକୁଦର ଡେବିଗ୍ରଡ଼ ଅଭୟାରଣ୍ୟ ଏକାଧିକ ଝରଣା, ଗୁମ୍ଫା, ଐତିହାସିକ ସ୍ଥଳ, ଆର୍ଦ୍ରଭୂମି, ବନ୍ୟପ୍ରାଣୀଙ୍କ ପାଇଁ ଉନ୍ନତ ପର୍ଯ୍ୟଟନ ସ୍ଥଳ ହୋଇଥିବା ବେଳେ ହୀରାକୁଦ ଜଳଭଣ୍ଡାର ମଧ୍ୟରେ ଥିବା ତିନୋଟି ଦ୍ୱୀପରେ ପର୍ଯ୍ୟଟକଙ୍କ ପାଇଁ ବ୍ୟବସ୍ଥା, ଜଳଭଣ୍ଡାରରେ ନୌବିହାର, ଡେବ୍ରିଗଡ଼ ଅଭୟାରଣ୍ୟରେ ଆଭିଜାତ୍ୟ କଟେଜ୍ ଏବଂ ସଫାରୀ ସହିତ ତାରା ମଣ୍ଡଳ ଦର୍ଶନ ନୂଆଁ ବିଜ୍ଞାନ ସମ୍ମତ ସୁବିଧା ଯୋଡ଼ିବାରେ ସହାୟକ ହୋଇଛି ।

## ଦାନପୁର ଗ୍ରାମୀୟ ଜଳ ଯୋଗାଣ ପ୍ରକଳ୍ପରେ ଅବ୍ୟବସ୍ଥା ଅଭିଯୋଗ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ଦାନପୁର ଗ୍ରାମୀୟ ଜଳ ଯୋଗାଣ ପ୍ରକଳ୍ପ ଦୀର୍ଘ ଦିନ ହେଲା ଅଚଳ ହୋଇ ପଡିଥିବାରୁ ସ୍ଥାନୀୟ ଅଞ୍ଚଳର ଗ୍ରାମାବସୀ ମାନେ ପାନୀୟ ଜଳ ପାଇଁ ଅସବିଧାନ ଭୋଗୁଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ ଯେ, ଦାନପୁର ପାନୀୟ ଜଳ ଯୋଗାଣ ପ୍ରକଳ୍ପର ମଟର ଚାଲୁନଥିବା ଏବଂ ପାଇପ ଗୁଡିକ ଖୋଲା ଅବସ୍ଥାରେ ପଡି ରହିଥିବାରୁ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ପ୍ରବଳ ଗ୍ରୀଷ୍ମ ତାପରେ ପାନୀୟ ଜଳ ନପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ସମ୍ପର୍କରେ ଜିଲ୍ଲା ପାନୀୟ ଜଳ ଯୋଗାଣ ଅଧିକାରୀ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି ତୁରନ୍ତ ମଟର ଚାଲୁ କରି ଉକ୍ତ ଅଞ୍ଚଳରେ ଜଳ ଯୋଗାଇବା ପାଇଁ ଗ୍ରାମର ଶରତ ମହାପାତ୍ର, ଗୋପବନ୍ଧୁ ଜେନା, ଅରୁଣ ଉପରା, ମନସା ଦାସ, କରୁଣାକର ଦାସ, ନବୀନ ବେହେରା, ନିର୍ମଳ ଜେନା ପ୍ରମୁଖ ଦାବି କରିଛନ୍ତି ।

## ପ୍ରଶାସନିକ ଅବହେଳାରୁ ଭାଙ୍ଗିଗଲାଣି ଉଦ୍ୟାନ ଉପକରଣ




**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ମହାନଗର ନିଗମ ଏବଂ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ତରଫରୁ ସହରର ବିଭିନ୍ନ ସ୍ଥାନରେ ଉଦ୍ୟାନ ପରିଚାଳନା କରାଯାଉଛି । ହେଲେ ଏଗୁଡ଼ିକର ରକ୍ଷଣା ବେକ୍ଷଣରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳୁଛି । ଫଳରେ ଉଦ୍ୟାନଗୁଡ଼ିକରେ ଲାଗିଥିବା ଖେଳଣା ଉପକରଣ ଏବଂ ଅନ୍ୟାନ୍ୟ ଉପକରଣ ଭାଙ୍ଗି ରୁଜି ଗଲାଣି । ସନ୍ଧ୍ୟା ହେଲେ ପୂର୍ବରୁ ସହରବାସୀଙ୍କ ଭିଡ଼ ଏସବୁ ଉଦ୍ୟାନରେ ଦେଖିବାକୁ ମିଳିଥିଲା । କିନ୍ତୁ ଧୀରେ ଧୀରେ ଉଦ୍ୟାନଗୁଡ଼ିକରେ ଭିଡ଼ କମିବାରେ ଲାଗିଛି । ଅନେକ ଉଦ୍ୟାନ ପରିତ୍ୟକ୍ତ ଅବସ୍ଥାକୁ ଚାଲିଗଲାଣି । ଷ୍ଟେସନ୍ ରାସ୍ତାରେ ରହିଛି ବହୁ ପୁରାତନ ନେହେରୁ ଉଦ୍ୟାନ । ବ୍ରହ୍ମପୁର ମହାନଗର ନିଗମ ଅଧିନରେ ଏହି ଉଦ୍ୟାନ ରହିଛି । ୧୯୯୪ ମସିହା ଅକ୍ଟୋବର ୯ ତାରିଖରେ ଏହି ଉଦ୍ୟାନ୍ ତତ୍‌କାଳୀନ ପୌରାଧକ୍ଷଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ସହରରେ ଯେଉଁ କେତେକ ଉଦ୍ୟାନ ରହିଛି, ଏହା ହେଉଛି ସେଥିରୁ ଅନ୍ୟତମ ପୁରାତନ ଉଦ୍ୟାନ । ବିଭିନ୍ନ ସମୟରେ ମହାନଗର ନିଗମ ତରଫରୁ ଏହାର ଉନ୍ନତିକରଣ ଦିଗରେ ପଦକ୍ଷେପ ନିଆଯାଇଛି । ହେଲେ ଗତ କିଛି ବର୍ଷ ହେଲା ଉଦ୍ୟାନର ଅବସ୍ଥା ଶୋଚନୀୟ ହେବାରେ ଲାଗିଛି । ଉପକରଣଗୁଡ଼ିକ ନଷ୍ଟ ହୋଇଗଲାଣି । ସଫାସୁତରାକୁ ମଧ୍ୟ ଗୁରୁତ୍ୱ ଦିଆଯାଉନାହିଁ । ଲୋକମାନେ ଖାଦ୍ୟ ସାମଗ୍ରୀ, ପ୍ୟାକେଟ୍ ଏବଂ ପଲିଥିନ୍ ଏଣେତେଣେ ପକାଉଛନ୍ତି । ଘାସ କଟାନଯିବା ଫଳରେ ସେଗୁଡ଼ିକରେ ଶରୀସୃପ ରହୁଛି । ବ୍ୟାୟାମ ଉପକରଣଗୁଡ଼ିକ ଭାଙ୍ଗି ଗଲାଣି । ପ୍ରାତଃରେ ବହୁ ବରିଷ୍ଠ ନାଗରିକ ବ୍ୟାୟାମ ଏବଂ ଚଲାବୁଲା ପାଇଁ ଉଦ୍ୟାନକୁ ଆସିଥାନ୍ତି । ହେଲେ ପ୍ରାୟତଃ ସମସ୍ତ ଉପକରଣ ଭାଙ୍ଗିରୁଜି ଯାଇଥିବା ଯୋଗୁଁ ସେ ଗୁଡ଼ିକ ବ୍ୟବହାର ଉପଯୋଗୀ ହୋଇପାରୁନି । କେବଳ ବ୍ୟାୟାମ ଉପକରଣ ନୁହଁ, ଶିଶୁମାନଙ୍କ ଖେଳ ପାଇଁ ଲାଗିଥିବା କ୍ରୀଡ଼ା ଉପକରଣଗୁଡ଼ିକ ଖରାପ ହେଲାଣି । କେବଳ ଦୋଳି ବ୍ୟତୀତ ଅନ୍ୟ ଉପକରଣ ଗୁଡ଼ିକ ବିପଦ ସଙ୍କୁଳ ଅବସ୍ଥାରେ ରହିଛି । ବହୁ ଉପକରଣ ଜଙ୍ଗ୍ ଲାଗିଯିବା ସହିତ ଭାଙ୍ଗିଗଲାଣି । କାମଚଳା ପାଇଁ ପ୍ଲାଷ୍ଟିକ୍ ତାରରେ ଭଙ୍ଗା ଉପକରଣଗୁଡ଼ିକୁ ଯୋଡ଼ା ଯାଇଛି । ହେଲେ ମରାମତି କରାଯାଉନାହିଁ । ନୂଆ ଉପକରଣ ଖଞ୍ଜିବା ପାଇଁ ଦାବି ହେଉଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ । କେବଳ ଉପକରଣ ନୁହଁ ରକ୍ଷଣାବେକ୍ଷଣରେ ମଧ୍ୟ ଚରମ ଅବହେଳା ଦେଖିବାକୁ ମିଳୁଛି । ପାଣି ଫୁଆର ରହିଛି । ହେଲେ କାମ କରୁନି । ଆବର୍ଜନା ପାଣି ସେଥିରେ ଭରି ରହୁଛି । ମଶା ମାଛିଙ୍କ ବଂଶ ବିସ୍ତାର ହେଉଛି । କେବଳ ନେହେରୁ ଉଦ୍ୟାନ ନୁହଁ, ଗାନ୍ଧୀ ପାର୍କ ହେଉ ଅବା ସହରର ଅନ୍ୟାନ୍ୟ ସ୍ଥାନରେ ଥିବା ଉଦ୍ୟାନ, ପ୍ରାୟତଃ ସବୁର ଅବସ୍ଥା ଶୋଚନୀୟ ହୋଇଯାଇଛି ।

## ସଂରକ୍ଷଣ ବ୍ୟବସ୍ଥା ନଥିବାରୁ ଅଦାର ଉଚିତ୍ ମୂଲ୍ୟ ପାଇବାରୁ ଚାଷୀ ବଞ୍ଚିତ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ଚାହିଦା ଓ ଯୋଗାଣ ଭିତରେ ସମନ୍ୱୟ ରଖା ନଗଲେ ଚାଷୀ ଅଭାବୀ ବିକ୍ରିର ସାମ୍ନା କରୁଥିବା ବେଳେ ଖାଉଟିଙ୍କୁ ଅସ୍ୱାଭାବିକ ଦାମ୍‌ରେ ସାମଗ୍ରୀ କିଣିବାକୁ ପଡିଥାଏ । ଜିଲ୍ଲା ପ୍ରଶାସନର କଟକଣା ନଥିବାରୁ ଏବେ ମାଲକାନଗିରିରେ ଅଦା କିଣାବିକାରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି । ଗତ କିଛି ବର୍ଷ ହେଲା ଅଦା ପାଇଁ ପ୍ରସିଦ୍ଧ ସ୍ୱାଭିମାନ ଅଞ୍ଚଳ ଚିତ୍ରକୋଣ୍ଡାରୁ ବେପାରୀମାନେ ଚାଷୀଙ୍କ ପାଖରୁ ଅଦା କେଜି ୬୦ରୁ ୭୦ ଟଙ୍କାରେ କିଣି ନେଇ ଜିଲ୍ଲା ସଦର ବଜାରରେ ୨୫୦ରୁ ୩୦୦ ଟଙ୍କାରେ ବିକ୍ରି କରୁଛନ୍ତି । ଗୋଟେ ପଟେ ଚାଷୀ ଅଭାବୀ ବିକ୍ରୀର ଶିକାର ହେଉଥିବା ବେଳେ ସାଧାରଣ ଖାଉଟି ତ୍ରାହି ତ୍ରାହି ଡାକୁଛନ୍ତି । ଅଦା ସଂରକ୍ଷଣ ବ୍ୟବସ୍ଥା ସହିତ ପକ୍ରିୟାକରଣ ୟୁନିଟ୍ ପ୍ରତିଷ୍ଠା କରାଗଲେ ଉପକୃତ ହୋଇପାରିବେ ବୋଲି ଚାଷୀମାନେ କହିଛନ୍ତି । ଚିତ୍ରକୋଣ୍ଡା ଅଞ୍ଚଳର ଅଦାଚାଷୀ ରାମ ପାଙ୍ଗି, ରଘୁ ଗୋଲନା, ଘନଶ୍ୟାମ ମୁଦୁଲି ପ୍ରମୁଖ କହିଛନ୍ତି, ଗତ କିଛିବର୍ଷ ହେଲା ସେମାନଙ୍କ ଅଞ୍ଚଳ ଅଦାର ବେଶ୍ ଚାହିଦା ରହିଆସୁଛି । ଜୈବିକ ପଦ୍ଧତିରେ କରାଯାଉଥିବାରୁ ଆନ୍ଧ୍ର ବେପାରୀମାନେ ଅମଳ ବେଳେ ଏଠାକୁ ଆସି ଚାଷୀଙ୍କ ପାଖରୁ ଅଦା କିଣି ନେଉଛନ୍ତି ଓ ଚାଷୀଙ୍କ ପାଖରୁ କେଜି ପ୍ରତି



ସର୍ବାଧିକ ୭୦ ଟଙ୍କାରେ ମାଲ୍ ନେଉଛନ୍ତି । ହେଲେ ଖୋଲା ବଜାରରେ ସେହି ଅଦାକୁ ସେମାନେ ୩୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରି ମାଲାମାଲ୍ ହେଉଛନ୍ତି । ଫଳରେ ସାଧାରଣ ଖାଉଟିଙ୍କୁ ହଇରାଣ ହେବାକୁ ପଡୁଛି । ସ୍ୱାଭିମାନ ଅଞ୍ଚଳର ଉତ୍ପାଦିତ ଅଦା ସବୁ ଆନ୍ଧ୍ରକୁ ଚାଲି ଯାଉଛି । ଚିତ୍ରକୋଣ୍ଡା ବ୍ଲକର ବଡ଼ପଡ଼ା, ପାପରମେଟଲା, ଯୋଡାମ୍ବ, ପଣସପୁଟ, ବଡପଦର ପଞ୍ଚାୟତରେ ସେତୁ ଯୋଜନାରେ ପ୍ରାୟ ୧୦୦ ଏକରରୁ ଅଧିକ ଜମିରେ ଏଥର ଅଦା ଚାଷ କରାଯାଇଛି । ସରକାରଙ୍କ ତରଫରୁ ଏଥିପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ଏଥର ଅଧିକ ଅମଳ ହୋଇଥିବା ବେଳେ ସ୍ଥାନୀୟ ବଜାରରେ ତାହାର ଦେଖାନାହିଁ । ଉଭୟ ଚାଷୀ ଓ ଖାଉଟି ଲୁଟ୍‌ର ଶିକାର ହେଉଛନ୍ତି । ଅନ୍ୟପକ୍ଷରେ ଜିଲ୍ଲାରେ ଉଚ୍ଚ କ୍ଷମତାସମ୍ପନ୍ନ ଶୀତଳଭଣ୍ଡାର ହୋଇପାରୁ ନଥିବାରୁ ଚାଷୀମାନେ ଅଦା ଅମଳ ହେବା ମାତ୍ରେ କମ୍ ମୂଲ୍ୟରେ ବାହାର ବେପାରୀଙ୍କୁ ବିକ୍ରି କରିବାକୁ ବାଧ ହେଉଛନ୍ତି । ଚଳିତ ବର୍ଷ ଆନ୍ଧ୍ରରେ ଅଦା ଅମଳ ବାଧାପ୍ରାପ୍ତ ଥିବାରୁ ମାଲକାନଗିରି ଅଦାକୁ ଆନ୍ଧ୍ର ବେପାରୀମାନେ ନେଇଯାଉଛନ୍ତି । ଅଦା ଦର ଆକାଶଛୁଆଁ ହୋଇଛି ବୋଲି ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀମାନେ କହିଛନ୍ତି । ଉଦ୍ୟାନ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ମହେନ୍ଦ୍ର କୁମାର ମାଝୀ କହିଛନ୍ତି, ସ୍ୱାଭିମାନ ଅଞ୍ଚଳର ଶୀତଳ ଜଳବାୟୁ ଓ ପାହାଡ଼ିଆ ମାଳଭୂମି ଅଦା ଚାଷ ପାଇଁ ଅନୁକୂଳ ହୋଇଥିବାରୁ ଚାଷୀମାନେ ଏଥିପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି । ତେଣୁ ଚଳିତବର୍ଷ ପ୍ରଥମ ଥର ପାଇଁ ୧୬ ଜଣ ଚାଷୀଙ୍କୁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ତାଲିମ୍ ଦିଆଯାଇ ଉନ୍ନତ ମାନର ଅଦା ବିହନ ଯୋଗାଇ ଦିଆଯାଇଥିଲା । ୫ ଏକରରୁ ଅଧିକ ଜମିରେ ସେମାନେ ଉନ୍ନତମାନର ଅଦା ଚାଷ କରିଛନ୍ତି । ଏକର ପିଛା ୧୫ କ୍ୱିଣ୍ଟାଲ ଲେଖାଏଁ ଅମଳ କରୁଛନ୍ତି । ପରବର୍ତ୍ତୀ ସମୟରେ ଅଧିକ ଚାଷୀଙ୍କୁ ଅଦା ଚାଷ ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି । ତେବେ ସଂରକ୍ଷଣ ବ୍ୟବସ୍ଥା ନଥିବାରୁ ଅନେକ ସମୟରେ ଅଦାର ଉଚିତ୍ ମୂଲ୍ୟ ପାଇବାରୁ ଚାଷୀ ବଞ୍ଚିତ ହେଉଥିବା ସେ ସ୍ୱୀକାର କରିଛନ୍ତି ।

# ସମାଲୋଚକଙ୍କୁ ମୁହଁତୋଡ଼ ଜବାବ ଦେଲେ ଗିଲ୍



**ନୂଆଦିଲ୍ଲୀ**

ଟି–୨୦ ବିଶ୍ୱକପ୍ ୨୦୨୪ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଧ୍ୟ ୧୫ ଜଣିଆ ଦଳ ସହିତ ଚାରିଜଣ ରିଜର୍ଭ ଖେଳାଳି ଘୋଷଣା କରିଥିଲା। ଏହି ରିଜର୍ଭ ଖେଳାଳିଙ୍କ ମଧ୍ୟରେ ଶୁଭମନ ଗିଲ, ରିଙ୍କୁ ସିଂ, ଖାଲିଲ ଅହମ୍ମଦ, ଆଭେଶ ଖାନ ରହିଥିଲେ। କିନ୍ତୁ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ସମାପ୍ତ ହେବା ପରେ ଶୁଭମନ ଗିଲ ଏବଂ ଆଭେଶ ଦେଶକୁ ଫେରିବାର ଖବର ସାମ୍ନାକୁ ଆସିଥିଲା। ଏହା ସହ କୁହାଯାଇଥିଲା ଯେ ବିଶୃଙ୍ଖଳା ଆଚରଣ ଓ ରୋହିତ ଶର୍ମାଙ୍କ ସହ ସମସ୍ୟା ପାଇଁ ତାଙ୍କୁ ଟୁର୍ଣ୍ଣାମେଣ୍ଟରୁ ବାହାର କରି ଦିଆଯାଇଛି। ଏନେଇ କିଛି ସମାଲୋଚକ ମଧ୍ୟ ଗିଲ୍‌ଙ୍କୁ ସମାଲୋଚନା କରିଥିଲେ। ଏହି ସମୟରେ, ଶୁଭମନ ଗିଲ୍ ଏହି ଗୁଜବକୁ ନିଜ ପୋଷ୍ଟ ମାଧ୍ୟମରେ ଉପଯୁକ୍ତ ଉତ୍ତର ଦେଇଛନ୍ତି।

ଶୁଭମନ ଗିଲ, ରୋହିତ ଶର୍ମା ଏବଂ ତାଙ୍କ ଝିଅ ସମାଇରାଙ୍କ ସହ ଏକ ଇନଷ୍ଟାଗ୍ରାମ ଷ୍ଟୋରି ସେୟାର କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ଏହି ଛବିର କ୍ୟାପ୍‌ସନରେ ଗିଲ୍ ଲେଖିଛନ୍ତି, ସେ ଏବଂ ସମାୟରା ରୋହିତ ଶର୍ମାଙ୍କଠାରୁ ଅନୁଶାସନର କଳା ଶିଖୁଛନ୍ତି। ଉଲ୍ଲେଖ ଥାଉ କି କିଛି ଦିନ ପୂର୍ବେ ଖବର ଆସିଥିଲା ଯେ ଅନୁଶାସନହୀନତା ପାଇଁ ତାଙ୍କୁ ଟୁର୍ଣ୍ଣାମେଣ୍ଟରୁ ବାହାର କରିଦିଆଯାଇଛି। ଏହା ମଧ୍ୟ କୁହାଯାଉଥିଲା ଯେ ଗିଲ୍ ଇନଷ୍ଟାଗ୍ରାମରେ ରୋହିତ ଶର୍ମାଙ୍କୁ ଅନଫଲୋ କରିଦେଇଛନ୍ତି। କିନ୍ତୁ ଗିଲ୍‌ଙ୍କ ଇନଷ୍ଟାଗ୍ରାମ ପୋଷ୍ଟ ଏହି ସବୁ ଗୁଜବକୁ ଶେଷ କରିଦେଇଛି। କେତେକ ରିପୋର୍ଟ ଅନୁଯାୟୀ, ଗିଲ ସ୍ୱଦେଶ ଫେରି ଆସିବା ପଛରେ କୌଣସି ଅନୁଶାସନହୀନତା କାରଣ ନାହିଁ। ବାସ୍ତବରେ, ରିଜର୍ଭ ଖେଳାଳିଙ୍କ ବିଷୟରେ ଏହା ପୂର୍ବରୁ ଯୋଜନା କରାଯାଇଥିଲା ଯେ ଗ୍ରୁପ ପର୍ଯ୍ୟାୟ ପରେ ଗିଲ୍ ଏବଂ ଆଭେଶ ଘରକୁ ଫେରିବେ, ସେମାନଙ୍କ ସ୍ଥାନରେ ରିଙ୍କୁ ସିଂ ଏବଂ ଖାଲିଲ ଅହମ୍ମଦ ସୁପର ୮ ପାଇଁ ୱେଷ୍ଟଇଣ୍ଡିଜ ଯିବେ।

# ଦକ୍ଷିଣ ଆଫ୍ରିକାକୁ ୧୪୩ ରନ୍‌ରେ ହରାଇଲା ଭାରତୀୟ ମହିଳା ଦଳ

**ବେଙ୍ଗାଲୁରୁ**

ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ମହିଳା ଦିନିକିଆ କ୍ରିକେଟ ମ୍ୟାଚ୍‌ରେ ଭାରତ ୧୪୩ ରନରେ ବିଜୟ ହାସଲ କରିଛି। ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରବିବାର ଖେଳାଯାଇ ଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଉପଅଧିନାୟିକା ସ୍ମୃତି ମନ୍ଧାନାଙ୍କ ଶତକ ସହାୟତାରେ ୮ ଉଇକେଟ ବିନିମୟରେ ୨୬୫ ରନ କରିଥିଲା। ଜବାବରେ ଭ୍ରମଣକାରୀ ଦଳ ନିର୍ଦ୍ଧାରିତ ଓଭରରେ ୩୭.୪ ଓଭରରେ ୧୨୨ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଟପ୍ ସ୍କୋରର ସୁନେ ଲୁସ୍ ୩୩ ରନ କରିଥିବା ବେଳେ ଉଇକେଟକିପର ସିନାଲୋ ଜାଫ୍ଟା ୨୭ରନ କରିଥିଲେ। ମାରିଜେନ କାପ୍ ୨୪ ରନ କରିଥିଲେ। ଭାରତୀୟ ଦଳର ସବୁଠାରୁ ସଫଳ ବୋଲର ଆଶା



ଶୋଭାନା ୨୧ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ଦୀପ୍ତି ଶର୍ମା ୧୦ ରନ ଦେଇ ୨ ଉଇକେଟ ହାସଲ କରିଥିଲେ। ରେଣୁକା ଠାକୁର, ପୂଜା ବସ୍ତ୍ରାକାର ଓ ରାଧା ଯାଦବ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଭାରତର ଆରମ୍ଭ ଉତ୍ସାହଜନକ ନ ଥିଲା। ଦଳ ଏକଦା ୯୯ ସ୍କୋରରେ ଏହାର ୫ ଉଇକେଟ ହରାଇ ସାରିଥିଲା। ଶେଫାଳୀ ବର୍ମା (୭), ଅଧିନାୟିକା ହରମନପ୍ରୀତ କୌର (୧୦) ଓ ଜେମିମା ରୋଡ୍ରିଗ୍ସ (୧୭)ଙ୍କ ଭଳି ଟପ୍ ଅର୍ଡର ବ୍ୟାଟର କ୍ରିଜ୍‌ରେ ଅଧିକ ସମୟ ଟିକ୍ଷିପାରି ନ ଥିଲେ। ଭାରତର ୫ ଉଇକେଟ ପତନ ବେଳକୁ ମନ୍ଧାନା ୩୩ ରନ କରି ବ୍ୟାଟିଂ କରୁଥିଲେ। ଶତକ ହାସଲ କରିଥିବା ମନ୍ଧାନା ୧୨୭ ବଲ୍ ସାମ୍ନା କରି ୧୨ ଚୌକା ଓ ୧ ଛକା ସହ ୧୧୭ ରନ କରିଥିଲେ। ଏହାଥିଲା ତାଙ୍କର ୬ଷ୍ଠ ଅନ୍ତର୍ଜାତୀୟ ଦିନିକିଆ। ସେ ଓ ଦୀପ୍ତି ଶର୍ମା (୩୭ରନ, ୪୮ବଲ୍, ୩ ଚୌକା) ୬ଷ୍ଠ ଉଇକେଟରେ ୮୧ରନ (୯୨ ବଲ୍) ଯୋଗ କରିଥିଲେ। ପରେ ପୂଜା ବସ୍ତ୍ରାକାର (୩୧) ଓ ମନ୍ଧାନା ୭ମ ଉଇକେଟରେ ୫୮ରନ (୫୪ବଲ୍) ଯୋଗ କରି ଦଳର ବିଜୟ ପଥକୁ ସହଜ କରିଦେଇଥିଲେ। ମାସାବାଟା କ୍ଲାସ ମନ୍ଧାନାଙ୍କୁ ସୁନ୍ ଲୁସ୍‌ଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ କରି ଏହି ପାର୍ଟନରସିପ୍‌କୁ ଭାଙ୍ଗି ଦେଇଥିଲେ। ଏହି ମ୍ୟାଚ୍‌ରେ ଭାରତ ତରଫରୁ ଲେଗ୍ ସ୍ପିନର ଆଶା ସୋଭାନା ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ପଦାର୍ପଣ କରିଥିବା ବେଳେ ଦକ୍ଷିଣ ଆଫ୍ରିକା ତରଫରୁ ଆନେରି ଡେର୍କସେନ ୫୦ ଓଭର ଫର୍ମାଟରେ ପଦାର୍ପଣ କରିଛନ୍ତି। ରବିବାର ଏହି ବିଜୟ ଦ୍ୱାରା ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧–୦ରେ ଅଗ୍ରଣୀ ଲାଭ କରିଛି। ଦୁଇ ଦଳ ମଧ୍ୟରେ ଦ୍ୱିତୀୟ ମ୍ୟାଚ ଜୁନ୍ ୧୯ରେ ଖେଳାଯିବ।

## ଆଜି ଟି-୨୦ ବିଶ୍ୱକପ୍‌ରେ...

ବାଂଲାଦେଶ ସହିତ ନେପାଳ : ସକାଳ ୫ଟା
ଶ୍ରୀଲଙ୍କା ସହିତ ନେଦରଲାଣ୍ଡସ୍ : ସକାଳ ୬ଟା
ନ୍ୟୁଜିଲାଣ୍ଡ ସହିତ ପପୁଆ ନ୍ୟୁଗିନି : ସନ୍ଧ୍ୟା ୮ଟା

# ଟି-୨୦ ବିଶ୍ୱକପ୍ : ସୁପର ୮ରେ ପ୍ରବେଶ କଲେ ୭ଟିମ୍

**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ୍ ୨୦୨୪ରେ ସୁପର-୮ ପାଇଁ ୭ଟି ଟିମ୍ ସ୍ଥାନ ପକ୍କା କରିଛନ୍ତି। ସେମାନଙ୍କ ମଧ୍ୟରେ ଆମେରିକା, ଭାରତ, ୱେଷ୍ଟ-ଇଣ୍ଡିଜ୍, ଇଂଲଣ୍ଡ, ଅଷ୍ଟ୍ରେଲିଆ, ସାଉଥ୍ ଆଫ୍ରିକା, ଆଫଗାନିସ୍ତାନ ରହିଛନ୍ତି। ଅଷ୍ଟମ ସ୍ଥାନ ପାଇଁ ବାଂଲାଦେଶ ଏବଂ ନେଦରଲ୍ୟାଣ୍ଡ ମଧ୍ୟରେ କଡ଼ା ଟକ୍କର ହେବ। କେଉଁ ଦଳ ସୁପର ୮ରେ ପହଞ୍ଚିବ ତାହା ଦେଖିବାକୁ ବାକି ରହିଲା।

ଗ୍ରୁପ୍ ଡିରେ ଦକ୍ଷିଣ ଆଫ୍ରିକା ଟି-



୨୦ ବିଶ୍ୱକପ ୨୦୨୪ର ସୁପର ୮ରେ ପ୍ରବେଶ କରିଛି। ନେପାଳ ପାଖରେ ବର୍ତ୍ତମାନ ସୁପର ୮ରେ ପହଞ୍ଚିବାର କୌଣସି ସୁଯୋଗ ନାହିଁ। ଗ୍ରୁପ୍ ଡିରୁ ବାଂଲାଦେଶ ସୁପର ୮ରେ ପହଞ୍ଚିବାର ଅଧିକ ସମ୍ଭାବନା ଅଛି। ନେଦରଲ୍ୟାଣ୍ଡର ୨ ପଏଣ୍ଟ ରହିଛି। ଦଳ ଏପର୍ଯ୍ୟନ୍ତ ୪ ପଏଣ୍ଟ ହାସଲ କରିବା ପରେ ସୁପର ୮ରେ ପହଞ୍ଚି ପାରିବ। କିନ୍ତୁ ଏଥିପାଇଁ ଦଳକୁ ଶ୍ରୀଲଙ୍କାକୁ ଏକ ବଡ଼ ବ୍ୟବଧାନରେ ପରାସ୍ତ କରିବାକୁ ପଡ଼ିବ।

ଯଦି ନେଦରଲ୍ୟାଣ୍ଡ ଶ୍ରୀଲଙ୍କାକୁ ଏକ ବଡ଼ ବ୍ୟବଧାନରେ ପରାସ୍ତ କରେ ତେବେ ସେମାନଙ୍କ ଭାଗ୍ୟ ନେପାଳର ହାତରେ ରହିବ। ଯଦି ନେପାଳ ବାଂଲାଦେଶକୁ ପରାସ୍ତ କରେ ତେବେ ନେଦରଲ୍ୟାଣ୍ଡ ଦଳ ଯୋଗ୍ୟତା ଅର୍ଜନ କରିବ। ଯଦି ବାଂଲାଦେଶ ନେପାଳକୁ ପରାସ୍ତ କରେ ତେବେ ଦଳ ସୁପର ୮ରେ ପହଞ୍ଚିବ ଏବଂ ନେଦରଲ୍ୟାଣ୍ଡ ସୁପର ୮ରେ ପହଞ୍ଚିବ।

# ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଲେ ଷ୍ଟାର ଅଲରାଉଣ୍ଡର ଡେଭିଡ୍ ୱିଜେ

**ନ୍ୟୁୟର୍କ**



ଟି-୨୦ ବିଶ୍ୱକପ୍-୨୦୨୪ ଚାଲିଥିବା ବେଳେ ଅନ୍ତର୍ଜାତୀୟ ସ୍ତରରେ ଦୁଇଟି ଦଳ ପାଇଁ ଖେଳିଥିବା ଷ୍ଟାର ଅଲରାଉଣ୍ଡର ଡେଭିଡ୍ ୱିଜେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଛନ୍ତି।

ଦକ୍ଷିଣ ଆଫ୍ରିକାରେ ଜନ୍ମିତ ଡେଭିଡ୍ ପ୍ରଥମେ ଆଫ୍ରିକୀୟ ଦଳ ପକ୍ଷରୁ କ୍ରିକେଟ ପଡ଼ିଆରେ ପ୍ରବେଶ କରିଥିଲେ। ଏହା ପରେ ସେ ନାମିବିଆ କ୍ରିକେଟ ଦଳର ଖେଳିଥିଲେ। ଡେଭିଡ୍ ଭାରତର ପ୍ରତିଷ୍ଠିତ ଲିଗ୍ ଆଇପିଏଲରେ ମଧ୍ୟ ଭାଗ ନେଇଛନ୍ତି। ଏଠାରେ ବିରାଟ କୋହଲିଙ୍କ ସହ ତାଙ୍କର ସମ୍ପର୍କ ମଧ୍ୟ ବହୁତ ଭଲ ଥିଲା।


ଡେଭିଡ ୱିଜେ ଅନ୍ତର୍ଜାତୀୟ ସ୍ତରରେ ମୋଟ ୬୯ଟି ମ୍ୟାଚ ଖେଳିବାରେ ସଫଳ ହୋଇଥିଲେ। ଏଥିରେ ୧୫ଟି ଦିନିକିଆ ମ୍ୟାଚ ଏବଂ ୫୪ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ସେ ହାରାହାରି ୨୫.୩୮ରେ ଦିନିକିଆର ୧୫ ଇନିଂସରେ ୩୩୦ ରନ ସ୍କୋର କରିବାରେ ସଫଳ ହୋଇଥିଲା। ଟି-୨୦ର ୪୦ ଇନିଂସରେ ସେ ହାରାହାରି ୨୪.୦ରେ ୬୨୪ ରନ ସଂଗ୍ରହ କରିଥିଲେ। ସେ ଦିନିକିଆରେ ୧୫ଟି ଏବଂ ଟି-୨୦ରେ ୫୯ଟି ୱିକେଟ୍ ନେଇଛନ୍ତି।

# ରାହୁଲ ଦ୍ରାବିଡ଼ଙ୍କ ସ୍ଥାନ ନେବେ ଗୌତମ ଗମ୍ଭୀର, ହେବେ ମୁଖ୍ୟ କୋଚ୍!

**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ ୨୦୨୪ ଶେଷ ହେବାକୁ ଯାଉଛି। ଭାରତର ନୂତନ କୋଚ୍ ସମ୍ପର୍କରେ ଆଲୋଚନା ମଧ୍ୟ ତୀବ୍ର ହେବାରେ ଲାଗିଛି। ବର୍ତ୍ତମାନର ପ୍ରଶିକ୍ଷକ ରାହୁଲ ଦ୍ରାବିଡ଼ଙ୍କ କାର୍ଯ୍ୟକାଳ ଏହି ବିଶ୍ୱକପ ପରେ ଶେଷ ହେଉଛି। ଏଭଳି ପରିସ୍ଥିତିରେ ବିସିସିଆଇ ଏକ ନୂତନ କୋଚ୍ ଖୋଜୁଛି। ଖବର ଅନୁଯାୟୀ ପୂର୍ବତନ ବାମହାତୀ ଓପନିଂ ବ୍ୟାଟ୍ସମ୍ୟାନ ଗୌତମ ଗମ୍ଭୀରଙ୍କ ନାମ ଭାରତର ନୂତନ କୋଚ୍ ହେବା ପ୍ରାୟ ନିଶ୍ଚିତ। ଜୁନ ଶେଷ ସୁଦ୍ଧା ଏହା ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ।

ଗୌତମ ଗମ୍ଭୀର ଗତ କିଛି ବର୍ଷ ହେବ ଆଇପିଏଲରେ କୋଚ୍ ଭାବରେ ସଫଳତାର ସହ କାମ କରିଆସୁଛନ୍ତି। ତାଙ୍କ ନେତୃତ୍ୱରେ କୋଲକାତା ନାଇଟ ରାଇଡର୍ସ ଚଳିତ ସିଜନରେ ଚାମ୍ପିଅନ ହୋଇଛି। ଗତ ବର୍ଷ ପର୍ଯ୍ୟନ୍ତ ସେ ଲକ୍ଷ୍ନୌ ସୁପର ଜଏଣ୍ଟସର ଏକ ଅଂଶ ଥିଲେ। ସେତେବେଳେ ଲକ୍ଷ୍ନୌ ଦଳ ମଧ୍ୟ ଗମ୍ଭୀରଙ୍କ



ନେତୃତ୍ୱରେ ଭଲ ଖେଳୁଥିଲେ। ଏହି କାରଣରୁ ବର୍ତ୍ତମାନ ସମୟରେ ଗୌତମ ଗମ୍ଭୀରଙ୍କ ନାମ ଭାରତର ମୁଖ୍ୟ କୋଚ୍ ପଦ ପାଇଁ ଦୃଷ୍ଟି ଆକର୍ଷଣ କରୁଛି।

ଏକ ରିପୋର୍ଟରେ ଦର୍ଶାଯାଇଛି ଯେ ଗୌତମ ଗମ୍ଭୀର ଭାରତର ମୁଖ୍ୟ ପ୍ରଶିକ୍ଷକ ହେବାକୁ ରାଜି ହୋଇଛନ୍ତି। ସେ ବିସିସିଆଇକୁ ଅନୁରୋଧ କରିଛନ୍ତି ଯେ ସେ ତାଙ୍କ କୋଚିଂ କର୍ମଚାରୀଙ୍କ ଦଳ ଆଣିବାକୁ ଚାହୁଁଛନ୍ତି। ବର୍ତ୍ତମାନ ଭାରତର ବ୍ୟାଟିଂ ପ୍ରଶିକ୍ଷକ ହେଉଛନ୍ତି ବିକ୍ରମ ରାଥୋଡ, ବୋଲିଂ ପ୍ରଶିକ୍ଷକଙ୍କ ଦାୟିତ୍ୱ ପାରାସ ମମ୍ବ୍ରେଙ୍କ କାନ୍ଧରେ ରହିଛି। ଏଥି ସହିତ ଟି. ଦିଲୀପ ଟିମ ଇଣ୍ଡିଆର ଫିଲ୍ଡିଂ କୋଚ୍ ରହିଛନ୍ତି।

ଟିମ୍ ଇଣ୍ଡିଆର କୋଚ୍ ହେବାକୁ ଗୌତମ ଗମ୍ଭୀର ନିଜର ଇଚ୍ଛା ପ୍ରକାଶ କରିସାରିଛନ୍ତି। ସେ କହିଥିଲେ, ମୁଁ ଭାରତୀୟ ଦଳକୁ ପ୍ରଶିକ୍ଷଣ ଦେବାକୁ ପସନ୍ଦ କରିବି। ତୁମର ଜାତୀୟ ଦଳକୁ ପ୍ରଶିକ୍ଷଣ ଦେବାଠାରୁ ଅଧିକ ସମ୍ମାନ ନାହିଁ। ଆପଣ ୧୪୦ କୋଟି ଭାରତୀୟ ଏବଂ ବିଶ୍ୱର ଲୋକଙ୍କୁ ପ୍ରତିନିଧିତ୍ୱ କରୁଛନ୍ତି। ଭାରତକୁ ବିଶ୍ୱକପ ଜିତିବାରେ କେବଳ ୧୪୦ କୋଟି ଭାରତୀୟ ସାହାଯ୍ୟ କରିବେ। ଯଦି ସମସ୍ତେ ଆମ ପାଇଁ ପ୍ରାର୍ଥନା କରିବା ଆରମ୍ଭ କରନ୍ତି ଏବଂ ଆମେ ଖେଳିବା ଏବଂ ସେମାନଙ୍କୁ ପ୍ରତିନିଧିତ୍ୱ କରିବା ଆରମ୍ଭ କରିବା, ତେବେ ଭାରତ ବିଶ୍ୱକପ ଜିତିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନିର୍ଭୟରେ ରହିବା।

# ପାକିସ୍ତାନ ବିଦା ହେବା ନେଇ ଆଇସିସି ଉପରେ ଉଠିଲା ପ୍ରଶ୍ନ

**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ୍‌ରେ ପାକିସ୍ତାନ ପ୍ରଥମ ଦୁଇଟି ମ୍ୟାଚ୍ ହାରି ଟୁର୍ଣ୍ଣାମେଣ୍ଟରୁ ବାହାର ହେବାର ପାଦଦେଶରେ ଛିଡ଼ା ହୋଇଥିଲା। କିନ୍ତୁ ପରବର୍ତ୍ତୀ ମ୍ୟାଚ୍‌ରେ କାନାଡ଼ାକୁ ହରାଇବା ପରେ ଦଳ ଆଗକୁ ବଢ଼ିବା ନେଇ ଆଶା ସଞ୍ଚାର କରିଥିଲା। ଭାରତ ଠାରୁ ହାରିବା ପରେ ଯଦି ଆମେରିକା ଟିମ୍ ଆୟାରଲ୍ୟାଣ୍ଡ ଠାରୁ ପରାଜିତ ହୋଇଥାନ୍ତା ତେବେ ପାକିସ୍ତାନ ପାଖରେ ସୁପର ୮ରେ ପହଞ୍ଚିବାର ରାସ୍ତା ରହିଥାନ୍ତା। କିନ୍ତୁ ବର୍ଷା ପାକିସ୍ତାନର ସବୁ ଆଶା ଧୋଇଦେଇଛି। ଏହାପରେ କିଛି ପୂର୍ବତନ କ୍ରିକେଟର ଆଇସିସିର ମ୍ୟାଚ୍ ପ୍ରସ୍ତୁତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

ଭାରତ-ପାକିସ୍ତାନ ମ୍ୟାଚ୍ ବାତିଲ୍ ହେବା ପରେ ପୂର୍ବତନ କ୍ରିକେଟର ତଥା କମେଣ୍ଟେଟର ନବଜୋତ ସିଂ ସିଦ୍ଧୁ ବଡ଼ ଖୁଲାସା କରିଛନ୍ତି। ଆମେରିକା ଏବଂ ଆୟାରଲ୍ୟାଣ୍ଡ ବିପକ୍ଷ ମ୍ୟାଚ୍ ଦିନ ସୁପର ସାଁପରର ପେଟ୍ରୋଲ ସରିଯାଇଥିଲା, ଯେଉଁ କାରଣରୁ ପଡ଼ିଆକୁ ଭଲରେ ଶୁଖା ଯାଇପାରିନଥିଲା। ତେଣୁ ମ୍ୟାଚ୍‌କୁ ବାତିଲ କରିବାକୁ ପଡ଼ିଥିଲା।

ଅନ୍ୟପଟେ ଭାରତର ଅନ୍ୟଜଣେ ମହାନ୍ କ୍ରିକେଟର ସୁନିଲ ଗାଭାସ୍କର ଆଇସିସି ଉପରେ ପ୍ରଶ୍ନ ଉଠାଇଛନ୍ତି। ଫ୍ଲୋରିଡ଼ାରେ ବର୍ତ୍ତମାନ ପର୍ଯ୍ୟନ୍ତ ୨ଟି ମ୍ୟାଚ୍ ବାତିଲ ହୋଇଛି। ବର୍ଷା ସମୟରେ କେବଳ ପିଚ୍ ଏବଂ ଏହାର ପାଖ ୩୦ ୟାର୍ଡ ପର୍ଯ୍ୟନ୍ତ ପାଲ ଦ୍ୱାରା କଭର କରାଯାଇଥିଲା। ବାକି ସ୍ଥାନ ଖୋଲା ଥିଲା, ଯାହା ଫଳରେ ପଡ଼ିଆ ଓଦା ହେଇଯାଇଥିଲେ ବି ଶୁଖା ଯାଇପାରିନଥିଲା। ଆଇସିସି ଯେଉଁ ଷ୍ଟାଡିୟମରେ ସମ୍ପୂର୍ଣ୍ଣ ପଡ଼ିଆ କଭର ନକରି ପାରିବ ସେ ଷ୍ଟାଡିୟମ୍‌ରେ ମ୍ୟାଚ୍ ଆୟୋଜନ କରିବା ଉଚିତ୍ ନୁହେଁ ବୋଲି ସେ କହିଛନ୍ତି।

# ସାମ୍ବାଦିକଙ୍କ ପାଇଁ କେବେଠୁ ଖୋଲା ରହିବ କଳିଙ୍ଗ ଷ୍ଟାଡିୟମ୍ ?

**ନୂଆଦିଲ୍ଲୀ**

ସରକାର ପରିବର୍ତ୍ତନ ହେଲା ପରେ ଲୋକସେବା ଭବନର ବ୍ୟବସ୍ଥାରେ କିଛି ପରିବର୍ତ୍ତନ ହେଇଛି। କିନ୍ତୁ କଳିଙ୍ଗ ଷ୍ଟାଡିୟମକୁ ଆଜି ବି ସାମ୍ବାଦିକଙ୍କୁ ମନା କଳିଙ୍ଗ ଷ୍ଟାଡିୟମରେ ଅନେକ ସମୟରେ ଅନେକ ଇଭେଣ୍ଟ ଆୟୋଜନ କରାଯାଉଛି। ହେଲେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଡକା ଯାଉନାହିଁ।

ବିଗତ କିଛି ଦିନ ହେବ କଳିଙ୍ଗ ଷ୍ଟାଡିୟମରେ ଦ୍ୱିତୀୟ ଓଡ଼ିଶା ଜାତୀୟ ସୁଇମିଂ ରାଙ୍କିଂ ଚମ୍ପିୟନସିପ୍-୨୦୨୩ ଆୟୋଜିତ ହେଇଥିଲା। ହେଲେ ଗଣମାଧ୍ୟମକୁ କୁହାଯାଇ ନ ଥିଲା। କେବଳ କ୍ରୀଡ଼ା ବିଭାଗ ତରଫରୁ କିଛି ଫଟୋ ଦେଇ ଦିଆଯାଉଥିଲା। ଖବର କରିବା ପାଇଁ ଏହା କେବଳ ଗୋଟିଏ ଇଭେଣ୍ଟ ନୁହେଁ ଆଗରୁ ମଧ୍ୟ ଏମିତି ଅନେକ ଇଭେଣ୍ଟରେ ଏହିଭଳି ଭାବରେ ଫଟୋ ଦେଇ ଦିଆଯାଏ। ଯଦି ଜଣେ କ୍ରୀଡ଼ା ସାମ୍ବାଦିକ ଷ୍ଟାଡିୟମ ଭିତରକୁ ନଯିବ ତା'ହେଲେ ସିଏ ଖବର କରିବ କେମିତି ?

କ୍ରୀଡ଼ା ସାମ୍ବାଦିକ ବିମଳ କୁମାର ରାଉଳ କହିଛନ୍ତି, ଦୀର୍ଘ ବର୍ଷ ହେବ କଳିଙ୍ଗ ଷ୍ଟାଡିୟମ ଭିତରକୁ କ୍ରୀଡ଼ା ସାମ୍ବାଦିକଙ୍କ ପ୍ରବେଶ ଉପରେ କଟକଣା ଲାଗିଛି। ଯେତେବେଳେ କ୍ରୀଡ଼ା ବିଭାଗ ଚାହିଁବ ସେତେବେଳେ ହିଁ ଅନୁମତି ମିଳିବ ନହେଲେ କେହି ଯାଇପାରିବେ ନାହିଁ। ଯାହାକୁ ନେଇ ଅନେକ ସମୟରେ କ୍ରୀଡ଼ା ସାମ୍ବାଦିକଙ୍କ ଭିତରେ ଅସନ୍ତୋଷ ମଧ୍ୟ ଦେଖିବାକୁ ମିଳିଛି। ଆଉ ଏନେଇ ଅନେକ ଥର ଅଭିଯୋଗ ମଧ୍ୟ ଜଣାଇଛନ୍ତି। ହେଲେ ଏପର୍ଯ୍ୟନ୍ତ ସେମିତି କିଛି ସୁଫଳ ମିଳିପାରିନାହିଁ। ସ୍ପୋର୍ଟସ ହଷ୍ଟେଲରେ ରାଜ୍ୟର ଅନେକ ପ୍ରତିଭାବାନ କ୍ରୀଡ଼ାବିତ୍ ରହୁଥିବା ବେଳେ ସେମାନଙ୍କ ସହ ଯୋଗାଯୋଗ କରିବା ମଧ୍ୟ ସମ୍ଭବ ହେଉନାହିଁ। ଫଳରେ ଅନେକ ପ୍ରତିଭା ଲୋକଲୋଚନକୁ ଆସିପାରୁନାହାନ୍ତି। କଳିଙ୍ଗ ଷ୍ଟାଡିୟମରୁ ହିଁ କ୍ରୀଡ଼ା ବିଭାଗ ପରିଚାଳିତ ହେଉଛି। ଯଦି ଜଣେ ସାମ୍ବାଦିକ ପ୍ରବେଶ କରି ପାରିବ ନାହିଁ ତାହେଲେ ଓଡ଼ିଶାରେ ଚାଲିଥିବା କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିଷୟରେ ଖବର କେମିତି ସଂଗ୍ରହ କରିବ। ଏବେ ସରକାର ପରିବର୍ତ୍ତନ ହେଇଛି ଆଶା କରାଯାଉଛି କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ବ୍ୟବସ୍ଥାରେ ମଧ୍ୟ କିଛି ପରିବର୍ତ୍ତନ ଆସିବ।

# କେନ୍ଦୁଝରରେ ବିଶ୍ୱ ରକ୍ତଦାତା ଦିବସ ପାଳିତ



**କେନ୍ଦୁଝର, ନ୍ୟୁଜ୍**

ପ୍ରତିବର୍ଷ ଜୁନ୍ ମାସ ୧୪ ତାରିଖକୁ ସାରା ବିଶ୍ୱରେ ପ୍ରତ୍ୟେକ ସ୍ଥାନରେ ବିଶ୍ୱ ରକ୍ତଦାତା ଦିବସ ଭାବେ ପାଳିତ ହୋଇଥାଏ। କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି କେନ୍ଦୁଝର ଆନୁକୂଲ୍ୟରେ ବିଶ୍ୱ ରକ୍ତଦାତା ଦିବସ ଜିଲ୍ଲା ରେଡ୍‌କ୍ରସ୍ ଯୁଗ୍ମ ସମ୍ପାଦକ ଏ.ଆର. ଖାନ୍‌ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡିଟିୟୁ ସଭାଗୃହରେ ଆୟୋଜିତ ଏକ ଉତ୍ସବରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କିଶୋର କୁମାର ପୃଷ୍ଟି ମୁଖ୍ୟ ଅତିଥି, ଡିପିଏମ ନିତ୍ୟାନନ୍ଦ ବରାଳ ସମ୍ମାନିତ ଅତିଥି, ଜନପ୍ରିୟ ସମାଜସେବୀ ଧରିତ୍ରୀ ରାଉତ ମୁଖ୍ୟ ବକ୍ତା, ଆସିଷ୍ଟାଣ୍ଟ ପ୍ରଫେସର ବୈଦ୍ୟୁତିକ ସସ୍ମିତା ଚୌଧୁରୀ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଉପସ୍ଥିତ ଅତିଥିମାନେ ରକ୍ତଦାନ ଓ ରକ୍ତଦାତାଙ୍କ ମହାନତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ କେନ୍ଦୁଝର ଓ ଶ୍ରୀମେଟାଲିକ ବଡ଼ବିଲଙ୍କୁ ସର୍ବାଧିକ ସ୍ୱେଚ୍ଛାକୃତ ରକ୍ତଦାନ ଓ ହରିଚନ୍ଦନପୁରର ଶ୍ରୀନିବାସ ପାଇକରାୟଙ୍କୁ ଶ୍ରେଷ୍ଠ କ୍ୟାମ୍ପ ଅର୍ଗନାଇଜର ଭାବେ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଡିପିଏଚ ସିଓ ଧନୁରାମ ମୁର୍ମୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଭା କାର୍ଯ୍ୟକ୍ରମ ଶେଷରେ ଜୁନିଅର ରେଡ୍‌କ୍ରସ୍ କାଉନସିଲର ପ୍ରଶାନ୍ତ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ୟୁରୋ ଚାମ୍ପିଅନସିପ୍ : କ୍ରୋଏସିଆକୁ ୩-୦ ଗୋଲରେ ହରାଇଲା ସ୍ପେନ୍

**ନୂଆଦିଲ୍ଲୀ**

ୟୁରୋ ଫୁଟବଲ ଚାମ୍ପିଅନସିପ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ କ୍ରୋଏସିଆକୁ ୩-୦ରେ ହରାଇ ଦେଇଛି ସ୍ପେନ୍। ୨୦୧୮ ବିଶ୍ୱକପ୍ ରନର୍ସଅପ୍ ଓ ୨୦୨୨ ବିଶ୍ୱକପ୍‌ରେ ତୃତୀୟ ସ୍ଥାନ ଅଧିକାର କରିଥିବା କ୍ରୋଏସିଆ ଚଳିତ ୟୁରୋ ଚାମ୍ପିଅନସିପ୍ ଆରମ୍ଭରୁ ଶୋଚନୀୟ ପରାଜୟର ସାମ୍ନା କରିଛି। ଅଲିମ୍ପିଆ ଷ୍ଟାଡ଼ିୟମରେ ଅନୁଷ୍ଠିତ ଗ୍ରୁପ୍-ବି'ର ଏକ ମ୍ୟାଚ୍‌ରେ କ୍ରୋଏସିଆ ୩-୦ ଗୋଲ୍‌ରେ ସ୍ପେନ୍ ଠାରୁ ପରାସ୍ତ ହୋଇଛି। ୟୁରୋ ଇତିହାସରେ ଏହା କ୍ରୋଏସିଆର ବଡ଼ ପରାଜୟ ବୋଲି କୁହାଯାଉଛି। ପୂର୍ବରୁ ୧୯୯୬ ୟୁରୋ ଚାମ୍ପିଅନସିପ୍‌ରେ ମଧ୍ୟ କ୍ରୋଏସିଆ ୩-୦ ଗୋଲରେ ପର୍ତ୍ତୁଗାଲ ଠାରୁ ହାରିଥିଲା। ମ୍ୟାଚ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସ୍ପେନ ପ୍ରଭାବ ବିସ୍ତାର କରି ଖେଳି ସହଜ ବିଜୟ ହାସଲ କରିଥିଲା। ୧୬ ବର୍ଷୀୟ ଯୁବ ବିସ୍ମୟ ଲାମିନ ୟମାଲଙ୍କ ଚମତ୍କାର ଡ୍ରିବଲ ଓ ପାସ୍ ବିନିମୟରେ କ୍ରୋଏସିଆ ପରାଜୟର ମୁଖ୍ୟ କାରଣ ସାଜିଥିଲା। ଦଳଗତ ପ୍ରଦର୍ଶନ ପାଇଁ ପରିଚିତ ସ୍ପେନ୍ ପ୍ରାରମ୍ଭରୁ ସତର୍କତାର ସହ ଖେଳିଥିଲେ ହେଁ କମ୍ ସମୟ ମଧ୍ୟରେ କ୍ରୋଏିଆର ତ୍ରୁଟି ପରଖି ନେଇଥିଲଲା। ୨୯ତମ ମିନିଟ୍‌ରେ ଫାହିଆନ ରୁଇଜଙ୍କ ଏକ ପାସକୁ ଆଲଭାରେ ମୋରାଟା ଗୋଲରେ ପରିଣତ କରିଥିଲେ। ୟୁରୋ ଚାମ୍ପିଅନସିପ୍‌ରେ ଏହା ମୋରାଟାଙ୍କର ସପ୍ତମ ଗୋଲ ରହିଥିଲା। ୟୁରୋରେ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ ସର୍ବାଧିକ ୧୪ଟି ଗୋଲ କରିଥିବା ବେଳେ ମାଇକେଲ ପ୍ଲାଟିନି ୯ଟି ଗୋଲ କରି ତାଲିକାର ପ୍ରଥମ ୨ଟି ସ୍ଥାନରେ ରହିଛନ୍ତି। ୩ ମିନିଟ୍ ମଧ୍ୟରେ ସ୍ପେନ ଦ୍ୱିତୀୟ ଗୋଲ କରିଥିଲା। ଏଥର ପେଡ୍ରିଙ୍କ ପାସରୁ ରୁଇଜ କ୍ରୋଏସିଆ ଗୋଲ ପୋଷ୍ଟରେ ପହଞ୍ଚାଇଥିଲେ। ଫଳରେ କ୍ରୋଏସିଆ ଉପାୟଶୂନ୍ୟ ହୋଇ ରକ୍ଷଣାତ୍ମକ ରଣନୀତି ଆପଣେଇଥିଲା। ଏହା ଦ୍ୱାରା ସ୍ପେନକୁ କୌଣସି ଫଳକ ପଡ଼ି ନଥିଲଶ। ପ୍ରଥମାର୍ଦ୍ଧ ଶେଷ ହେବା ପୂର୍ବରୁ ଲାମ୍ବିନ ଏକ ସୁଯୋଗ ସୃଷ୍ଟି କରିଥିଲେ ଏବଂ ଡାନି କାର୍ଭାଜଲ ଏହାକୁ ଗୋଲରେ ପରିଣତ କରି ଦଳକୁ ୩-୦ରେ ଅଗ୍ରଣୀ କରାଇଥିଲେ।

# ଦିବ୍ୟଜ୍ୟୋତି ଆଞ୍ଚଳିକ ମଞ୍ଚ ପକ୍ଷରୁ ରଜ ମହୋତ୍ସବ ପାଳିତ



**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ତିର୍ତ୍ତୋଲ ପଞ୍ଚାୟତ ମାଣିତିରି ଗ୍ରାମରେ ଦିବ୍ୟଜ୍ୟୋତି ଆଞ୍ଚଳିକ ମଞ୍ଚ ପକ୍ଷରୁ ଦ୍ୱିତୀୟ ବାର୍ଷିକ ରଜ ମହୋତ୍ସବ ୨୦୨୪ ପାଳନ ହୋଇଯାଇଛି। ଦିବ୍ୟଜ୍ୟୋତି ଆଞ୍ଚଳିକ ମଞ୍ଚରେ ୯ଟି ସ୍ୱୟଂ ସହାୟକ ଗୋଷ୍ଠୀର ୯୦ ଜଣ ସଦସ୍ୟାମାନଙ୍କ ଆନୁକୂଲ୍ୟରେ ରଜ ମହୋତ୍ସବ ୨୦୨୪ ଅନୁଷ୍ଠିତ କରାଯାଉଛି। ଏହି ମହୋତ୍ସବ ତିନି ଦିନ ଧରି ପାଳନ ହେବାକୁ ଯାଉଥିବାବେଳେ ଉଦ୍‌ଘାଟନ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ ଓ ପାଲା ପରିବେଷଣ, ଦ୍ୱିତୀୟ ଦିବସରେ ଜୁନିଅର ଓ ସିନିଅରମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା, ତୃତୀୟ ଦିବସରେ ସମସ୍ତ ଆଞ୍ଚଳିକ ମଞ୍ଚର ସଭ୍ୟାମାନଙ୍କ ମଧ୍ୟରେ ଝୋଟି, ହୁଳହୁଳି ପାନଭଙ୍ଗା ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ବାସୀଙ୍କର ଗଣପର୍ବ ହେଉଛି ରଜପର୍ବ। ରଜ ପର୍ବ ସାଧାରଣତଃ ନାରୀମାନେ ପାଳନ କରିଥାନ୍ତି। ରଜ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି, ସମ୍ମାନିତ ଅତିଥି ଭାବେ ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର, ସାଂସ୍କୃତିକ ସଂଗଠକ ବିମଳକାନ୍ତ ମହାପାତ୍ର, ତ୍ରିଶକ୍ତି ପଞ୍ଚାୟତ ମହାସଂଘର ଏମ୍ବିକେ ମମତା ସାହୁ, ଆରତୀ ଦାସ, ଜୀନୁବାଳା ଦାସ ପ୍ରମୁଖ ଯୋଗଦେଇଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ଅତିଥିମାନେ ମା' ଶାରଳାଙ୍କ ଫଟୋରେ ପୁଷ୍ପ ମାଲ୍ୟଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାନେତ୍ରୀ ଭାରତୀ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। କିଶୋରୀ ବାଳିକାମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ ମାଧ୍ୟମରେ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା। ସୋମ୍ୟା ପ୍ରିୟଦର୍ଶିନୀ ମଞ୍ଚ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆରତୀ ସ୍ୱାଇଁ, ଭାରତୀ ସାମଲ, ପୂର୍ବତନ ସରପଞ୍ଚ ଅନ୍ନପୂର୍ଣ୍ଣା ମଲ୍ଲିକ, ରଶ୍ମିତା ସାମଲ, ଶାନ୍ତିଲତା ସାହୁ, ଶୁଭଶ୍ରୀ ନନ୍ଦୀ, ଶକୁନ୍ତଳା ସାମଲ, ସୁଜାତା ବେହେରା, ବିଜଲୀନ ସାହୁ, ସ୍ୱର୍ଣ୍ଣଶ୍ରୀ ସାହୁ, ଝିଲିବାଳା ସାହୁ, ପ୍ରମିଳା ସେଠୀଙ୍କ ସମେତ ସମସ୍ତ ସଦସ୍ୟ ସଦସ୍ୟା ପରିଚାଳନା କରିଥିଲେ।

# ଭିଏସ୍‌ଏସ୍ ନଗର ରଜ ମହୋତ୍ସବ ଉଦ୍‌ଯାପିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମା' ଗୋଜବାୟାଣୀ ଯୁବକ ସଙ୍ଘ ସହଯୋଗରେ ଏହି ବର୍ଷ ନୂତନ ଭାବେ ଭି.ଏସ୍.ଏସ୍. ନଗରରେ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସକୁ କ୍ଲବର ଉପଦେଷ୍ଟା ଡଃ ପ୍ରକାଶ ତ୍ରିପାଠୀ ଏବଂ ସ୍ଥାନୀୟ ସାଇବର ଥାନାର ଥାନାଧିକାରୀ ତେରେସ୍କୋଭା ମହାପାତ୍ର ଉଦ୍‌ଘାଟନ କରିଥିଲେ। ପ୍ରତ୍ୟେକ ଦିନ ବିଭିନ୍ନ ପ୍ରକାରର ଖେଳ ଯଥା ମ୍ୟୁଜିକ ଚେୟାର, କ୍ରିକେଟ, ଲୁଡୁ, ପିଠା ପ୍ରତିଯୋଗିତା, ପୁଚି, ସ୍ଲୋ ସାଇକେଲ ଚାଳନା, ରଙ୍ଗୋଲି, ଆଦି ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଆୟୋଜନ କରି କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ପିଲାମାନଙ୍କୁ ନେଇ ସବୁଦିନ ମଧ୍ୟ ନୃତ୍ୟ ଏବଂ ସଂଗୀତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ କ୍ଲବର କାର୍ତ୍ତିକେଶ୍ୱର ମହାପାତ୍ର, ବିଶ୍ୱଜିତ ଦାସ, ଦିଲ୍ଲୀପ କୁମାର ସାହୁ, ମହେଶ୍ୱର ଗୟା, ଦେବେନ୍ଦ୍ର ଦାସ, ସୌମ୍ୟରଞ୍ଜନ ପ୍ରଧାନ ଏବଂ ଅନ୍ୟାନ୍ୟ ସଦସ୍ୟ ଗଣ ପରିଚାଳନା କରିଥିଲେ। ଏହିପରି କାର୍ଯ୍ୟକ୍ରମ ଭି.ଏସ.ଏସ. ନଗର ଅଞ୍ଚଳରେ ପ୍ରଥମ ଥର ପାଇଁ କ୍ଲବ ଦ୍ୱାରା ଆୟୋଜିତ ହୋଇଥବାରୁ ସ୍ଥାନୀୟ ଅଞ୍ଚଳର ବାସିନ୍ଦାମାନେ କ୍ଲବର ଏହି ନିଆରା ପ୍ରୟାସକୁ ପ୍ରଶଂସା କରିଛନ୍ତି।



# 'ରକ୍ତବୀର ଓ ବିପଦର ବନ୍ଧୁ' ସମ୍ମାନ ପ୍ରଦାନ



**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶତ୍ରୁଘନ ଦାଶଙ୍କ ଅଧ୍ୟକ୍ଷତାରେ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ, ଜଗତସିଂହପୁର ଅମରେନ୍ଦ୍ର ଦାସ ଯୋଗଦେଇ କହିଲେ ରକ୍ତଦାନ ହେଉଛି ଏକ ମହତ ଦାନ। ଜନ-ସାଧାରଣଙ୍କ ସୁବିଧା ନିମନ୍ତେ ଆବଶ୍ୟକତା ଅନୁସାରେ ସ୍ୱାସ୍ଥ୍ୟ ସେବାର ଉନ୍ନତିରେ ସମସ୍ତ ସହଯୋଗ କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି କହିଥିଲେ। ପ୍ରତିବର୍ଷ ଜୁନ ୧୪ ତାରିଖରେ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଆସୁଅଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବାର୍ତ୍ତା ଓ ସ୍ଲୋଗାନର ସହ ଆୟୋଜିତ ହୋଇଥିଲା। ତା'ପରେ ଜିଲ୍ଲା ରକ୍ତ ଭଣ୍ଡାରଠାରେ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏହି ଶିବିରକୁ ବିଧାୟକ ଅମରେନ୍ଦ୍ର ଦାସ ଉଦ୍‌ଘାଟନ କରିଥିଲେ। ୨୦୧୯ ମସିହାରୁ ୨୦୨୩ ଜୁନ ୧୪ ତାରିଖ ଭିତରେ ଯେଉଁମାନେ ବର୍ଷକୁ ଏକାଧିକବାର ରକ୍ତଦାନ କରିଥିଲେ ଓ ଆୟୋଜକ ବିଭିନ୍ନ ସଂଗଠନଙ୍କୁ ସମ୍ମାନିତ କରିବାକୁ ଏକ ସଭା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସଭାଗୃହଠାରେ ଆୟୋଜନ କରାଯାଇ ସେମାନଙ୍କୁ ଯଥାକ୍ରମେ ରକ୍ତବୀର ଓ ବିପଦର ବନ୍ଧୁ ଭାବେ ସାର୍ଟିଫିକେଟ ଓ ପୁଷ୍ପଗୁଚ୍ଛ ଦେଇ ବିଧାୟକ ସମ୍ମାନିତ କରିଥିଲେ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୭ ଜୁନ୍ ୨୦୨୪ ସୋମବାର





# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଲାଞ୍ଜିଗଡ ପ୍ରେସକ୍ଲବର କର୍ମକର୍ତ୍ତା



**ଲାଞ୍ଜିଗଡ, ନ୍ୟୁଜ ବ୍ୟୁରୋ**
ଓଡିଶାର ନୂଆ ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝୀ ଦାୟିତ୍ୱ ଗ୍ରହଣ କରିବା ପରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବିଭିନ୍ନ ସଂଗଠନର କର୍ମକର୍ତ୍ତା ତାଙ୍କୁ ଭେଟି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛନ୍ତି । ଏହି କ୍ରମରେ ଓଡିଶାର ଅଗ୍ରଣୀ ସାମ୍ବାଦିକ ସଂଘ ଲାଞ୍ଜିଗଡ ପ୍ରେସ କ୍ଲବର ନିଷ୍ପତ୍ତି କ୍ରମେ ପ୍ରେସକ୍ଲବର ସକ୍ରିୟ ସଦସ୍ୟ ପ୍ରଭୁରଞ୍ଜନ ସାମଲ ତାଙ୍କୁ ଭୁବନେଶ୍ୱର ସ୍ଥିତ ରାଜ୍ୟ ଅତିଥି ଭବନରେ ସାକ୍ଷାତ କରି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏହା ସହିତ ସାମ୍ବାଦିକ ମାନଙ୍କ ପାଇଁ ଲୋକସଭା ଭବନ ଖୋଲା ଯିବା ପରିପ୍ରେକ୍ଷୀରେ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ନାବାଳକଙ୍କୁ ଚିକିତ୍ସା ଯୋଗାଇବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ : ସିଏମ୍‌ଆରଏଫ୍‌ରୁ ୩୦ ହଜାର ସହାୟତା



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ନାବାଳକଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ । ଭଦ୍ରକ ଜିଲ୍ଲାର ନାବାଳକ ବାବୁଲି ବାରିକଙ୍କୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ସୂଚନା ଅନୁସାରେ, ସାମାଜିକ ଗଣମାଧ୍ୟମରୁ ଖବର ପାଇବା ପରେ ଏଭଳି ପଦକ୍ଷେପ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କାର ସହାୟତା ଯୋଗାଇ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ବାବୁଲିଙ୍କୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ।
ଭଦ୍ରକ ଜିଲ୍ଲା ଚାନ୍ଦବାଲି ମାଧପୁର ଗ୍ରାମର ୧୪ ବର୍ଷର ବାଳକ ବାବୁଲି ବାରିକ । ବାବୁଲି ସ୍ନାୟୁଗତ ଜଟିଳ ରୋଗରେ ପୀଡ଼ିତ ଅଛନ୍ତି । ସେ ଗରିବ ପରିବାରର ହୋଇଥିବାରୁ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ । ଅର୍ଥାଭାବରୁ ଚିକିତ୍ସିତ ହୋଇ ପାରୁନଥିଲେ । ସହାୟତା ପାଇଁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଏ ବିଷୟରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ସାମାଜିକ ଗଣମାଧ୍ୟମ ଏବଂ ଅନ୍ୟ ଗଣମାଧ୍ୟମରୁ ଅବଗତ ହୋଇଥିଲେ । ଏହାପରେ ବାବୁଲିଙ୍କୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇଦେବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତାଙ୍କ ପରିବାରକୁ ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ସେପଟେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଚିକିତ୍ସା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏକ ଡାକ୍ତରୀ ଦଳ ବାବୁଲିଙ୍କ ଗ୍ରାମରେ ପହଞ୍ଚିଛନ୍ତି । ବାବୁଲିଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି । ସ୍ୱାସ୍ଥ୍ୟ ପରୀକ୍ଷା ପରେ ପରବର୍ତ୍ତୀ ଚିକିତ୍ସା ପାଇଁ ତାଙ୍କ କଟକ ଏସସିବି ମେଡିକାଲକୁ ନେବା ପାଇଁ ବ୍ୟବସ୍ଥା କରାଯାଇଛି । ଜିଲ୍ଲା ପ୍ରଶାସନ ବାବୁଲିଙ୍କ ପରିବାରକୁ ସମସ୍ତ ଆନୁଷଙ୍ଗିକ ସହାୟତା ପ୍ରଦାନ କରିବାକୁ ଯୋଗାଯୋଗରେ ଅଛନ୍ତି ।
ପ୍ରକାଶ ଥାଉ, ଦାୟିତ୍ୱ ନେବାପରେ ଆକ୍ଟିଭ ମୋଡରେ ନୂଆ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ରାଜ୍ୟର ବିଭିନ୍ନ ସ୍ଥାନରେ ଲୋକଙ୍କ ବିଭିନ୍ନ ସମସ୍ୟା ବିଷୟରେ ଅବଗତ ହୋଇ ତୁରନ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି ମୋହନ ସରକାର । ଏହି କ୍ରମରେ ରାୟଗଡା ଜିଲ୍ଲା କାଶୀପୁର ବ୍ଲକ ଡଙ୍ଗାସିଲ ପଞ୍ଚାୟତ ଅନ୍ତର୍ଗତ ମାନୁସପଦର ଗାଁରେ ଅଜଣା ରୋଗ ବ୍ୟାପିଛି । ୪ ଜଣଙ୍କର ସନ୍ଦେହଜନକ ମୃତ୍ୟୁ ପରେ ୫ମ ରୋଗୀଙ୍କର ଡାଇରିଆଜନିତ ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି । ଏନେଇ ଅବଗତ ହେବାପରେ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ।

## ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ

# ସାମ୍ବାଦିକଙ୍କ ସମସ୍ୟା ନେଇ ମୁଁ ଅବଗତ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜ୍ୟର ନବ ନିର୍ବାଚିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରବିବାର ଦିନ ଉତ୍କଳ ସାମ୍ବାଦିକ ସଂଘ କର୍ମକର୍ତ୍ତାମାନେ ସାକ୍ଷାତ କରି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ସଂଘ ରାଜ୍ୟ ସଭାପତି ବିଭୁତିଭୂଷଣ କରଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ପ୍ରତିନିଧି ମଣ୍ଡଳୀ ସାକ୍ଷାତ ଆଲୋଚନା କରିବା ସମୟରେ ମୁଖ୍ୟମନ୍ତ୍ରୀ ରାଜ୍ୟର କାର୍ଯ୍ୟରତ ସାମ୍ବାଦିକମାନଙ୍କ ସମସ୍ୟା ନେଇ ମୁଁ ବ୍ୟକ୍ତିଗତ ଭାବେ ଅବଗତ ଅଛି । ଖୁବଶୀଘ୍ର ଆଲୋଚନା ମାଧ୍ୟମରେ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ସେ ସଂଘ ପ୍ରତିନିଧି ମଣ୍ଡଳୀକୁ ଆଶ୍ୱାସନା ଦେଇଥିଲେ । ଇତ୍ୟବସରରେ ସଂଘ ପକ୍ଷରୁ ଅନ୍ୟ ୧୭ଟି ରାଜ୍ୟ ପରି ସାମ୍ବାଦିକମାନଙ୍କୁ ପେନସନ ପ୍ରଦାନ, ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଅଧିସ୍ୱୀକୃତି କମିଟିର ପୁନର୍ଗଠନ ପ୍ରଚଳିତ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାରେ ପିତା ମାତାଙ୍କ ସହ ୨୫ ବର୍ଷରୁ ଉର୍ଦ୍ଧ୍ୱ ନିର୍ଭରଶୀଳ ସନ୍ତାନମାନଙ୍କୁ ସାମିଲ ଆଦି ୬ଦଫାର ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ସଂଘ ପକ୍ଷରୁ ପ୍ରଦତ୍ତ ଏହି ଦାବିପତ୍ର ପାଇବା ପରେ ମୁଖ୍ୟମନ୍ତ୍ରୀ କହିଥିଲେ ଗତ ଫେବୃୟାରୀ ମାସରେ ଲୋୟର ପି.ଏମ.ଜି. ଠାରେ ଆୟୋଜିତ ସଂଘର ଧାରଣା ସ୍ଥଳରେ ଯୋଗଦେବା ଅବସରରେ ମୁଁ ସମସ୍ତ ବିଷୟରେ ଅବଗତ ହୋଇଥିଲି । ସରକାର ସାମ୍ବାଦିକମାନଙ୍କ ସମସ୍ୟା ନେଇ ସମ୍ବେଦନଶୀଳ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିବା ପ୍ରତିନିଧି ମଣ୍ଡଳୀରେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ହାରାଧନ ବାନାର୍ଜୀ, ପ୍ରମୋଦ କୁମାର ପଟ୍ଟନାୟକ, ଉପସଭାପତି ସତ୍ୟନାରାୟଣ ମିଶ୍ର, ଡ଼ ରଶ୍ମି ରଞ୍ଜନ ମିଶ୍ର, ସନତ ମିଶ୍ର, ପବିତ୍ର ମହାରଥା, ମାଧବାନନ୍ଦ ବେହୁରା, ଶ୍ରୀକାନ୍ତ ଖଟେଇ, ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ମନୋଜ କୁମାର ଦାଶ, ପ୍ରତାପ ଚନ୍ଦ୍ର ପ୍ରଧାନ, ଅଶୋକ ସାହୁ, ରଣଜିତ ପଟ୍ଟନାୟକ, ରାଧାକାନ୍ତ ମିଶ୍ର, ଜିତେନ୍ଦ୍ର ମହାନ୍ତି, ସଂଜୟ କୁମାର ଜେନା, ଜତିନ୍ ଷେଣ୍ଠ, ମାନସ କୁମାର କାନୁନଗୋ ପ୍ରମୁଖ ସାମିଲ ହୋଇ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

## ସମ୍ବଲପୁରରେ ବିଭିନ୍ନ ଦେବାଳୟ ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

# ସମ୍ବଲପୁରରେ ଥିବା ମନ୍ଦିର ଗୁଡିକ ପୁରାତନ ସଭ୍ୟତାର ବଡ ପ୍ରୟୋଗଶାଳା



**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**
ସମ୍ବଲପୁର ଲୋକସଭା ସାଂସଦ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ବିଭିନ୍ନ ମନ୍ଦିରରେ ଦର୍ଶନ କରିବା ସହ ସ୍ଥାନୀୟ ଲୋକମାନଙ୍କୁ ଭେଟି ସମର୍ଥନ ପାଇଁ ଧନ୍ୟବାଦ ଜଣାଇଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ରବିବାର ସମ୍ବଲପୁର ମାନେଶ୍ୱର ସ୍ଥିତ ଶିବ ମନ୍ଦିର, ବୁଢ଼ହିଲ୍ ସ୍ଥିତ ହନୁମାନ ମନ୍ଦିର, ଦାନୀପାଲିରେ ମା' ରଣେଶ୍ୱର ରାମଚଣ୍ଡୀ ମନ୍ଦିର, ନନ୍ଦପଡା ବାଲୁଙ୍କେଶ୍ୱର ମନ୍ଦିରରେ ଦର୍ଶନ କରିଥିଲେ । ସେହିପରି ଝାଡୁଆପଡ଼ା ସ୍ଥିତ ଜଗନ୍ନାଥ ମନ୍ଦିର, ସମ୍ବଲପୁରରେ ଅନୋଖା ଶ୍ରୀ ଶ୍ୟାମ ମନ୍ଦିରରେ କରିଥିଲେ କେନ୍ଦ୍ରମନ୍ତ୍ରୀ । ଏହି ଅବସରରେ ସେ କହିଛନ୍ତି ଯେ ସମ୍ବଲପୁର ହେଉଛି ମନ୍ଦିରରେ ପରିପୂର୍ଣ୍ଣ ସହର । ଏକ ଆଧାତ୍ମିକ ସହର । ଏଠାରୁ ସାଂସଦ ଭାବରେ ନିର୍ବାଚିତ ହେବା ପରେ ସମ୍ବଲପୁରକୁ ଏହା ମୋର ପ୍ରଥମ ଗସ୍ତ । ଏଠାକାର ମନ୍ଦିର ଗୁଡିକ କେବଳ ଆସ୍ଥାର କେନ୍ଦ୍ର ନୁହେଁ, ସଭ୍ୟତା ଓ ସଂସ୍କୃତିର ବଡ ପ୍ରୟୋଗଶାଳା । ସ୍ଥାନୀୟ ଜନଜୀବନକୁ ଭଲରେ ବୁଝିବା ସହ ଲୋକଙ୍କ ସହ ପ୍ରତ୍ୟକ୍ଷ ମିଶିବାର ସୁଯୋଗ ମିଳିବା ମୋ ପାଇଁ ସୌଭାଗ୍ୟର ବିଷୟ ବୋଲି ସେ କହିଛନ୍ତି । ମନ୍ଦିର ଦର୍ଶନ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ସମ୍ବଲପୁରର ପୂର୍ବତନ ବିଧାୟିକା, ସମାଜସେବୀ ତଥା ପ୍ରତିଷ୍ଠିତ ଚିକିତ୍ସିକ ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ତାଙ୍କ ବାସଭବନରେ ଭେଟି ଆଶୀର୍ବାଦ ନେଇଥିଲେ । ସମ୍ବଲପୁରର ବରିଷ୍ଠ ଲୋକମାନଙ୍କୁ ଭେଟି ଆଶୀର୍ବାଦ ନେବା ସହ ସ୍ଥାନୀୟ ସମୃଦ୍ଧ ସାହିତ୍ୟର ପ୍ରଚାର ପ୍ରସାର, ଶିକ୍ଷା, ଅନୁକୂଳ ପରିବେଶ ତଥା ଅଞ୍ଚଳର ବିକାଶ ଓ ଉନ୍ନତି ପାଇଁ ସେମାନଙ୍କର ଉପାଦେୟ ପରାମର୍ଶ ଗ୍ରହଣ କରିଥିଲେ । ଏକ ସ୍ୱଚ୍ଛ, ସୁନ୍ଦର, ବିକଶିତ ଓଡ଼ିଶା ସହ ବିକଶିତ ସମ୍ବଲପୁର ଗଢିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଲୋକଙ୍କ ସରକାର...

କ୍ଷମତାର ଝକଚକ୍ୟ, ନାଁ ଅଛି ସରକାରୀ ଆଦବ କାଇଦା । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ ହେଉଛନ୍ତି ଲୋକଙ୍କ ମୁଖ୍ୟମନ୍ତ୍ରୀ । ଆଜି ମୋହନ ଚରଣ ମାଝୀଙ୍କ ସରକାରରେ ସାଧାରଣ ଲୋକଟିଏ ମୁଖ୍ୟମନ୍ତ୍ରୀଙ୍କ ନିକଟତର ହୋଇ ତାଙ୍କୁ ଶୁଭେଚ୍ଛା ଜଣାଇ ପାରୁଛି କିମ୍ବା ତା'ର ସମସ୍ୟା ବିଷୟରେ କହି ପାରୁଛି । ଘରେ, ବାହାରେ, ବିଭିନ୍ନ କାର୍ଯ୍ୟକ୍ରମରେ ସବୁଠି ଭେଟି ପାରୁଛନ୍ତି ଲୋକମାନେ । ସେଥିପାଇଁ ସେମାନଙ୍କ ମନ ଭିତରେ ଅପାର ଆନନ୍ଦ ଓ ଆତ୍ମତୃପ୍ତି ପରିଲକ୍ଷିତ ହେଉଛି । ଆଜି ପର୍ଯ୍ୟନ୍ତ କେହି ଜଣେ ବି ହେଲେ ମୁଖ୍ୟମନ୍ତ୍ରୀଙ୍କୁ ନ ଭେଟି ନିରାଶ ହୋଇ ଯାଇ ନାହାନ୍ତି, ସମସ୍ତେ ଶୃଙ୍ଖଳିତ ଭାବେ ଧାଡିରେ ଆସି ମୁଖ୍ୟମନ୍ତ୍ରୀଙ୍କୁ ଭେଟୁଛନ୍ତି ଓ ଦୁଇପଦ କଥା ହେଉଛନ୍ତି । ମୁଖ୍ୟମନ୍ତ୍ରୀ ଭାବେ ବ୍ୟସ୍ତବହୁଳ ସରକାରୀ କାର୍ଯ୍ୟକ୍ରମ ତଥା ସରକାରୀ ଅଧିକାରୀମାନଙ୍କୁ ଭେଟିବା ଭିତରେ ମଧ୍ୟ ଲୋକଙ୍କ ପାଇଁ ତାଙ୍କ ପାଖରେ ପର୍ଯ୍ୟାପ୍ତ ସମୟ ଅଛି । ସାଧାରଣ ଲୋକଟେ ଆସି ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଉଛନ୍ତି, ଫଟୋ ଉଠାଉଛନ୍ତି, ସେଲ୍‌ଫି ନେଇ ପାରୁଛନ୍ତି । ସାଧାରଣ ଜନତା ଓ ସରକାରଙ୍କ ମଧ୍ୟରେ ଥିବା ଦୂରତା ହଟି ଯାଇଛି । ସାଧାରଣ ଲୋକଙ୍କ ସହ ମୁଖ୍ୟମନ୍ତ୍ରୀ ଯେତେ ସହଜରେ ମିଶୁଛନ୍ତି, ସେଥିରୁ ସେ ପ୍ରମାଣ କରୁଛନ୍ତି ଯେ ସେ ହେଉଛନ୍ତି ପ୍ରକୃତରେ ତାଙ୍କ ସରକାର ହେଉଛି ଲୋକଙ୍କ ସରକାର । କେବଳ ସାଧାରଣ ଲୋକ ନୁହେଁ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ସଂଗଠନର କର୍ମକର୍ତ୍ତା ତଥା ସଦସ୍ୟ, ଭିନ୍ନକ୍ଷମ ସମସ୍ତେ ଆସି ମୁଖ୍ୟମନ୍ତ୍ରୀଙ୍କୁ ଭେଟୁଛନ୍ତି, ସମସ୍ତେ ବୋଧେ ଚାହୁଁଥିଲେ ଏପରି ପରିବର୍ତ୍ତନ । ସମସ୍ତଙ୍କର ବୋଧେ ଆବଶ୍ୟକତା ଥିଲା ଏପରି ଜଣେ ମୁଖ୍ୟମନ୍ତ୍ରୀଙ୍କର ଯେକି ଲୋକଙ୍କ ସୁଖଦୁଃଖର ହୋଇଥିବେ, ଲୋକଙ୍କ ସହ ମିଶୁଥିବେ । ଲୋକଙ୍କ ଏହି ଭଲପାଇବା ବିଷୟରେ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି ମୁଖ୍ୟମନ୍ତ୍ରୀ କହିଲେ ଯେ ଗତ ୨୪ ବର୍ଷ ଭିତରେ ଲୋକମାନେ ସେମାନଙ୍କ ସୁବିଧା ଅସୁବିଧା ସରକାରଙ୍କୁ ଜଣାଇବାକୁ ସୁଯୋଗ ପାଉନଥିଲେ । ସେମାନଙ୍କୁ ଯେଉଁ ନ୍ୟାୟ ମିଳିବା କଥା ତାହା ମିଳୁ ନଥିଲା । ମୁଁ ଗୋଟିଏ ସାଧାରଣ ପରିବାରରୁ ଆସି ମୁଖ୍ୟମନ୍ତ୍ରୀ ହୋଇଛି । ତଳ ସ୍ତରର ସମସ୍ୟା କ'ଣ ରହିଛି ସେ ବିଷୟରେ ଭଲ ଭାବରେ ଜାଣିଛି । ଲୋକଙ୍କ ସହ ଭଲରେ ମିଶିଲେ ଯାଇ ତଳ ସ୍ତରର ସମସ୍ୟାର ସମାଧାନ ପାଇଁ ବାଟ ଫିଟିବ । ତେଣୁ ଲୋକମାନେ ତାଙ୍କ ସ୍ୱଇଚ୍ଛାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ଆସୁଛନ୍ତି । ଲୋକମାନେ ବିକାଶ ଚାହୁଁ ଥିଲେ, ସେବା ଚାହୁଁ ଥିଲେ, ତେଣୁ ସେମାନେ ପରିବର୍ତ୍ତନ ଆଣିଲେ । ଏ ସରକାର ହେଉଛି ଲୋକଙ୍କ ସରକାର, ମୁଖ୍ୟମନ୍ତ୍ରୀ ମଧ୍ୟ ଲୋକଙ୍କ ମୁଖ୍ୟମନ୍ତ୍ରୀ । ଏବେ ଲୋକମାନେ ଚାହୁଁଛନ୍ତି ମୁଖ୍ୟମନ୍ତ୍ରୀ ଆମର, ମୁଖ୍ୟମନ୍ତ୍ରୀ ଆମକୁ ଦେଖାଦେବା ଦରକାର । ଲୋକମାନେ ଏଠାକୁ ଆସୁଛନ୍ତି ମୁଖ୍ୟମନ୍ତ୍ରୀଙ୍କୁ ଟିକେ ଭେଟିବା, କଥା ହେବା ଓ ଗୋଟେ ନୂଆ ଓଡ଼ିଶା ଗଢିବାର ଆଶା ନେଇ । ଲୋକମାନଙ୍କ ସହଯୋଗରେ ଆଗାମୀ ୫ ବର୍ଷ ମଧ୍ୟରେ ଲୋକଙ୍କ ୫୦ ବର୍ଷର ସମସ୍ୟାର ସମାଧାନ ସହିତ ସେମାନଙ୍କ ବିକାଶର ସ୍ୱପ୍ନ ମଧ୍ୟ ନିଶ୍ଚିତ ରୂପେ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢତାର ସହ କହିଛନ୍ତି । ପ୍ରତ୍ୟେକ ସଭା, ସମିତି ଓ କାର୍ଯ୍ୟକ୍ରମରେ ଓଡ଼ିଆ ଅସ୍ମିତା, ପରମ୍ପରା ଓ ସଂସ୍କୃତିକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଜଣେ ଖାଣ୍ଟି ଓଡ଼ିଆ ଭାବେ ତାଙ୍କ ମନରେ ରହିଛି ଓଡିଆ ଅସ୍ମିତା ଓ ସଂସ୍କୃତି ପ୍ରତି ଅନେକ ସ୍ୱାଭିମାନ । ଏସବୁ ଦେଖି ସାଧାରଣ ଲୋକଟିଏ ଆଜି କହୁଛି ଏତେ ଦିନ ପରେ ଆମେ ଆମ ଭିତରୁ ଜଣେ ସାଧାରଣ ଲୋକଙ୍କୁ ଆମ ମୁଖ୍ୟମନ୍ତ୍ରୀ ଭାବେ ପାଇଛୁ ।

## ଆକ୍ସନ ମୁଡ୍‌ରେ ...

ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ମଧ୍ୟ ସମୀକ୍ଷା କରୁଛନ୍ତି । ଏହି ବୈଠକରେ ବହୁ ବରିଷ୍ଠ ଅଧିକାରୀ ମଧ୍ୟ ଭାଗ ନେଇଛନ୍ତି । ତିନି ଦିନ ପୂର୍ବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଏଭଳି ବୈଠକ କରିଥିଲେ । ଏଥିରେ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବସ୍‌ରେ ଜମ୍ମୁରେ ହୋଇଥିବା ଆକ୍ରମଣ ସମେତ ଅନେକ ଆତଙ୍କବାଦୀ ଘଟଣା ପରେ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆତଙ୍କବାଦ ବିରୋଧୀ କ୍ଷମତା ପୂର୍ଣ୍ଣ ଶକ୍ତି ସହିତ ନିୟୋଜିତ କରିବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି । ଏକ ସପ୍ତାହ ପୂର୍ବରୁ ଜମ୍ମୁର ରିଆସି ଜିଲ୍ଲାରେ ଭକ୍ତଙ୍କୁ ନେଇ ଯାଉଥିବା ବସ୍ ଉପରେ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ । ଏଥିରେ ୯ ଜଣଙ୍କର ମୃତ୍ୟୁ ଘଟିଥିଲା । ଜମ୍ମୁ-କଶ୍ମୀରର ସୁରକ୍ଷା ସମ୍ପର୍କରେ ଆୟୋଜିତ ଏହି ବୈଠକରେ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ଜମ୍ମୁ-କଶ୍ମୀରର ଲେଫ୍ଟନାଣ୍ଟ ଗଭର୍ଣ୍ଣର ମନୋଜ ସିହ୍ନା, ସେନା ମୁଖ୍ୟ ଜେନେରାଲ ମନୋଜ ପାଣ୍ଡେ, ପରବର୍ତ୍ତୀ ସେନା ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଏଥିରେ ଯୋଗ ଦେଇଥିଲେ ।

## ଆଗାମୀ ୫ବର୍ଷରେ...

ପରିବର୍ତ୍ତନ ହୋଇଛି । ଲୋକମାନେ ଚାହୁଁଛନ୍ତି ମୁଖ୍ୟମନ୍ତ୍ରୀ ତାଙ୍କୁ ଭେଟିବା ଦରକାର । ଆଉ ମୁଁ ମଧ୍ୟ ଲୋକମାନଙ୍କ ସହ ଭେଟିବାକୁ ଚାହୁଁଛି । ଯେହେତୁ ମୁଁ ସାଧାରଣ ସ୍ତରରୁ, ତୃଣମୂଳ ସ୍ତରରୁ ଆସିଛି ତୃଣମୂଳ ସ୍ତରର ଲୋକଙ୍କ ସହ ମିଶିବାକୁ ପଡ଼ିବ । ସେମାନଙ୍କ କଥା, ସମସ୍ୟା ଶୁଣିବାକୁ ପଡ଼ିବ । ଏବେ ଲୋକେ ପିପୁଲ୍ସ ସିଏମ ପାଇଛନ୍ତି । ଲୋକଙ୍କଠାରୁ ବିଭିନ୍ନ ପରାମର୍ଶ ମିଳୁଛି । ଆଗାମୀ ୫ବର୍ଷରେ ୫୦ ବର୍ଷର ବିକାଶ ହେବ । ଯାହା ବି ଆସିଛନ୍ତି ଲୋକମାନେ ତାଙ୍କ ଖୁସି ନେଇ ଆସିଛନ୍ତି । ସମସ୍ତଙ୍କୁ ଧନ୍ୟବାଦ । ମୋ ଉପରେ ଆଶା କରିଛନ୍ତି । ନିଶ୍ଚିତ ଭାବରେ ସେମାନଙ୍କ ଆଶା ପୂରଣ କରିବି ।

## ଅମରନାଥ ଯାତ୍ରା ...

ଉପସ୍ଥିତ ଥିଲେ । ଏହି ବୈଠକରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ମଧ୍ୟ ଉପସ୍ଥିତ ଥିଲେ । ନିକଟରେ ଆତଙ୍କବାଦୀ ଆକ୍ରମଣ ବୃଦ୍ଧି ପାଉଥିବାରୁ ଗୃହମନ୍ତ୍ରୀ ଶ୍ରୀ ଶାହା ଜମ୍ମୁ ଅଞ୍ଚଳର ସୁରକ୍ଷା ସ୍ଥିତି ସମ୍ପର୍କରେ ବିସ୍ତୃତ ରିପୋର୍ଟ ମାଗିଛନ୍ତି । ଜମ୍ମୁର ସୁରକ୍ଷା ସ୍ଥିତି ସମ୍ପର୍କରେ ଗୃହମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା ।

## ମୋଦି ସରକାରଙ୍କ ...

କାର୍ଯ୍ୟ କରିବେ । ମୋଦି କ୍ୟାବିନେଟ ୩.୦ ରେ ସେ ରାସାୟନିକ ଏବଂ ସାର ମନ୍ତ୍ରଣାଳୟ ପରିଚାଳନା କରୁଛନ୍ତି, ଯାହାର ବଜେଟ ୧.୬୮ ଲକ୍ଷ କୋଟି ଟଙ୍କା । ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ବଜେଟ ହେଉଛି ୯୦,୦୦୦ କୋଟି ଟଙ୍କା । ସମୁଦାୟ ବଜେଟର ୫.୪ ପ୍ରତିଶତ ଅଂଶ ସେ ଗ୍ରହଣ କରିଛନ୍ତି । ନିତିନ ଗଡକରୀଙ୍କ ପାଖରେ ୫.୮ ପ୍ରତିଶତ ଅଂଶଧନ ଅଛି । ମୋଦି କ୍ୟାବିନେଟ ୩.୦ରେ ନୀତିନ ଗଡକରୀ ପୁଣି ସଡକ, ପରିବହନ ଏବଂ ରାଜପଥ ମନ୍ତ୍ରୀ ହୋଇଛନ୍ତି । ଏହି ମନ୍ତ୍ରଣାଳୟ ପାଇଁ ୨.୭୮ ଲକ୍ଷ କୋଟି ଟଙ୍କା ଆବଣ୍ଟନ କରାଯାଇଛି, ଯାହା ମୋଟ ବଜେଟର ୫.୮ ପ୍ରତିଶତ । ନିର୍ମଳା ସୀତାରମଣଙ୍କ ପାଖରେ ୩୯ପ୍ରତିଶତ ଅଂଶଧନ ଅଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଧ୍ୟ ମୋଦି ସରକାର ୩.୦ରେ ଅଛନ୍ତି । ଫେବୃୟାରୀ ୨୦୨୪ରେ ଉପସ୍ଥାପିତ ମଧ୍ୟବର୍ତ୍ତୀ ବଜେଟ୍‌ରେ ତାଙ୍କ ମନ୍ତ୍ରଣାଳୟ ୧୮.୫ ଲକ୍ଷ କୋଟି ଟଙ୍କା ପାଇଥିଲା । ଏହା ହେଉଛି ମୋଟ ବଜେଟ୍‌ର ୩୯ ପ୍ରତିଶତ, ଯାହା ସର୍ବାଧିକ । ନିର୍ମଳା ସୀତାରମଣ ମଧ୍ୟ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ଦାୟିତ୍ୱ ନେଇଛନ୍ତି, ଯାହାର ବଜେଟ ୬୬୭ କୋଟି ଟଙ୍କା ।

## ଓଡ଼ିଶାର ପୂର୍ବତନ ...

ଭଣ୍ଡାରେଙ୍କ ବିୟୋଗରେ ରାଜ୍ୟପାଳ ରଘୁବର ଦାସ ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ କାମନା କରି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି । ସ୍ୱର୍ଗତ ଭଣ୍ଡାରେ ଓଡ଼ିଶାର ରାଜ୍ୟପାଳ ଭାବରେ ରାଜ୍ୟର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ । ତାଙ୍କ ଜ୍ଞାନ ଓ ଅମାୟିକ ସ୍ୱଭାବ ଯୋଗୁ ସେ ସାରା ରାଜ୍ୟବାସୀଙ୍କ ପ୍ରିୟ ହୋଇ ପାରିଥିଲେ । ତାଙ୍କ ବିୟୋଗ ଏକ ଅପୂରଣୀୟ କ୍ଷତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।

## ମନ୍ଥର ଗତିରେ ...

୪ ଦିନ ପୂର୍ବରୁ ମୌସୁମୀ ବାୟୁ ଓଡ଼ିଶା ଛୁଇଁଥିଲେ ମଧ୍ୟ ଆଗକୁ ଅଗ୍ରସର ହୋଇପାରୁନି । ୨୨ ତାରିଖ ସୁଦ୍ଧା ସାରା ରାଜ୍ୟରେ ସାଧାରଣ ଭାବେ ମୌସୁମୀ ବାୟୁ ସକ୍ରିୟ ହେବା କଥା, ଯାହା ଦେଖିବାକୁ ମିଳୁନାହିଁ । ମୌସୁମୀ ବାୟୁ ଅଗ୍ରସର ପାଇଁ ପାଗ ଅନୁକୂଳ ଥିଲେ ମଧ୍ୟ ବିଳମ୍ବରେ ଚାଲିଛି ମୌସୁମୀ । ଜୁନ ୧୭ ତାରିଖ ଠାରୁ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି ।

## ମଣିଷ ବେଶରେ...

କୁହାଯାଇଛି । ସାଧାରଣତଃ ଏହି ସଭ୍ୟତା ଆଗ୍ନେୟଗିରିର ତଳେ, ଗଭୀର ଜଳ ମଧ୍ୟରେ କିମ୍ବା ଚନ୍ଦ୍ରର ଅନ୍ଧକାର ଅଞ୍ଚଳରେ ଦୀର୍ଘଦିନ ଧରି ରହି ଆସୁଥିଲା ବୋଲି ଗବେଷକମାନେ କହିଛନ୍ତି । ୟୁଏଫ୍‌ଓ ବା ଉଡନ୍ତା ବସ୍ତୁ ପୃଥିବୀରେ ରହୁଥିବା ଏଲିଅନଙ୍କୁ ଭେଟିବା ପାଇଁ ଆସୁଥିବା ମହାକାଶ ଯାନ ହୋଇପାରେ ବୋଲି ଏହି ଅଧ୍ୟୟନରେ କୁହାଯାଇଛି । ଏଲିଅନ ଭୂପୃଷ୍ଠରେ ୪ଟି ରୂପରେ ଥାଇପାରନ୍ତି । ଏହି ଅଧ୍ୟୟନରେ ଗବେଷକମାନେ ଆକଳନ କରିଛନ୍ତି ଖାସ୍‌କରି ଏହା ଏକ ପ୍ରାଚୀନ ମାନବ ସଭ୍ୟତା, ଯାହା ବହୁ ପୂର୍ବରୁ ବିଲୁପ୍ତ ହୋଇଯାଇଛି ଏବଂ ଏବେ ଏହାର ଅବଶିଷ୍ଟାଂଶ ଏଲିଅନ ଭାବରେ ରହିଥାଇପାରନ୍ତି ବୋଲି ଅଧ୍ୟୟନରେ କୁହାଯାଇଛି । ସେହିପରି ବୈଷୟିକ ଦୃଷ୍ଟିରୁ ଏଲିଅନ ପ୍ରଜାତି ଏକ ଉନ୍ନତ ମାନବ ସଭ୍ୟତା ମଧ୍ୟ ହୋଇଥାଇପାରେ ଯାହା ଗୁପ୍ତ ଭାବେ ବଞ୍ଚି ରହିବାକୁ ପସନ୍ଦ କରିଥାଏ ବୋଲି ଗବେଷକମାନେ କହିଛନ୍ତି ।

# ନବ ନିଯୁକ୍ତ ମନ୍ତ୍ରୀ, ସାଂସଦ, ବିଧାୟକଙ୍କୁ ସମ୍ବର୍ଦ୍ଧିତ କଲା ପାଇକ ମହାସଂଘ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ନିଖିଳ ଓଡ଼ିଶା ପାଇକ ମହାସଂଘ ପକ୍ଷରୁ ନବନିଯୁକ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସାଂସଦ ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଗଡ଼ ଖୋର୍ଦ୍ଧାଠାରେ ଥିବା ପଞ୍ଚ ମହାରଥି ପାଇକଙ୍କ ପ୍ରତିମୂର୍ତ୍ତି ପାଖରେ ବୀର ବାଦ୍ୟର ତାଳେତାଳେ, ପାଇକର ଖଣ୍ଡା ତରବାରୀ, ଢାଲ ସମରକଳା ମାଧ୍ୟମରେ ନବନିର୍ବାଚିତ ଜନ ପ୍ରତିନିଧିମାନଙ୍କୁ ପ୍ରଥମେ ସ୍ୱାଗତ କରାଯାଇଥିଲା । ପଞ୍ଚ ମହାରଥି ପାଇକଙ୍କୁ ପୁଷ୍ପମାଲ୍ୟ ଅର୍ପଣ ପରେ ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହ, ଉପଢ୍ୱୌକନ ଓ ତରବାରୀ ପ୍ରଦାନ କରିଥିଲେ । ରାଜ୍ୟ ସଂଯୋଜକ କେଦାର ଦାସ, ମନ୍ତ୍ରୀ, ବିଧାୟକ, ସାଂସଦଙ୍କୁ ପାଇକ ପଗଡ଼ି ପ୍ରଦାନ କରିଥିଲେ ଓ ସାମରିକ ଅଭିନନ୍ଦନ ଜ୍ଞାପନ କରିଥିଲେ । ପାଇକ ଏକାଡ଼େମୀ ଓ ପାଇକ ସ୍ମାରକୀର ଅଗ୍ରଗତି ଉପରେ ମନ୍ତ୍ରୀଙ୍କ ସହିତ ମହାସଂଘର କର୍ମକର୍ତ୍ତା ଆଲୋଚନା କରିଥିଲେ ।
ଏହି କାର୍ଯ୍ୟକ୍ରମରେ ମହାସଂଘ ପକ୍ଷରୁ ଗୁରୁ ଭାସ୍କର ସୁନ୍ଦରାୟ, ବାଣପୁର ଚିଲିକା ପାଇକ ସଂଘ ସମ୍ପାଦକ ବିଜୟ ବେହେରା, ଉପଦେଷ୍ଟା ଶଶାଙ୍କ ଶେଖର ଚୂଡ଼ାମଣି, ବିଜୟ କୁମାର ଆଇଚ, କଣାସ ଦଳବେହେରା ମନୋରଞ୍ଜନ ପଶ୍ଚିମ କବାଟ, ପାଇକଗୁରୁ ସୁକାନ୍ତ ଷଣ୍ଢ, ଅନିଲ କୁମାର ପାଲଟାସିଂହ, ପ୍ରସନ୍ନ କୁମାର ପାଇକରାୟ ପ୍ରମୁଖ ଯୋଗଦାନ କରିଥିଲେ । ଏହି ଅବସରରେ ପାଇକ ଆଖଡ଼ା ଅନୁଷ୍ଠିତ ହୋଇଥିଲା ।

# କାର୍ ସହ ଗଞ୍ଜେଇ ଜବତ : ଦୁଇ ଗିରଫ



**ବୌଦ୍ଧ, ନ୍ୟୁଜ ବ୍ୟୁରୋ**
ବୌଦ୍ଧ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବୌଦ୍ଧ ବ୍ରିଜ ଛକ ନିକଟରେ ଏକ କାର୍‌ରୁ ୩୦ କେଜି ଗଂଜେଇ ଜବତ କରାଯିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ମିଳିଥିବା ସୂଚନା ମୁତାବକ, ମନମୁଣ୍ଡା ଥାନା ଗୁନ୍ଦୁଲିଆ ଅଞ୍ଚଳରୁ ଚାରିଛକ ଅଞ୍ଚଳକୁ ଏକ କାର ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ଅବକାରୀ ବିଭାଗ ଖବର ପାଇ ଚଢଉ କରିଥିଲା । କାରକୁ ଯାଞ୍ଚ କରିବାରୁ ଗଂଜେଇ ମିଳିଥିଲା । କାରରେ ଥିବା ଗୁନ୍ଦୁଲିଆ ଗ୍ରାମର କପିଳ ସିଂ( ୪୦) ଓ ଏରଡା ଗ୍ରାମର ଶ୍ରୀକୃଷ୍ଣ ବେହେରା( ୪୩)ଙ୍କୁ ଗିରଫ କରାଯାଇଛି । ଏନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଚଢଉରେ ଇନସ୍ପେକ୍ଟର ପ୍ରମୋଦ ବାଣୁଆ, ଏସଆଇ ସତ୍ୟନାରାୟଣ ପ୍ରଧାନ, ଏଏସଆଇ ପ୍ରିୟରଞ୍ଜନ କହଁର, ଅସିତ କୁମାର ପ୍ରଧାନ, ରେଣୁପ୍ରିୟା ଭୋଇ, ଅଞ୍ଜଳି ଅମାତ, ସତ୍ୟାନନ୍ଦ ମୁଖି, ପ୍ରଫୁଲ ଭୋକ୍ତା ସାମିଲ ଥିଲେ ।

# ମମିତା ହତ୍ୟା ମାମଲାର ପୁଣି ସିବିଆଇ ତଦନ୍ତ ଦାବି

**କଣ୍ଟାବାଞ୍ଜି, ନ୍ୟୁଜ ବ୍ୟୁରୋ**
ବହୁ ଚର୍ଚ୍ଚିତ ବହୁଚର୍ଚ୍ଚିତ କଳାହାଣ୍ଡି ଜିଲ୍ଲା ମହାଲିଙ୍ଗ ଇଂରାଜୀ ମିଡିୟମ ସ୍କୁଲ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ମାମଲାର ପୁଣି ଥରେ ସିବିଆଇ ତଦନ୍ତ ଦାବି ଉଠିଛି । ମମିତାଙ୍କ ପରିବାର ପକ୍ଷରୁ ରବିବାର ଏହି ଦାବି କରାଯାଇଛି । ନବନିର୍ବାଚିତ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ରବିବାର ମମିତାଙ୍କ ପରିବାରକୁ ଭେଟିଥିଲେ । ଝରନୀସ୍ଥିତ ମମିତାଙ୍କ ଘରକୁ ଯାଇ ପରିବାର ଲୋକଙ୍କ ସହିତ ଆଲୋଚନା କରିଥିଲେ ।
ଏହି ସମୟରେ ମମିତାଙ୍କ ମା'ବାପା ବିଧାୟକଙ୍କୁ ନେହୁରା ହୋଇ ମାମଲାର ସିବିଆଇ ତଦନ୍ତ କରିବାକୁ କହିଛନ୍ତି । ସେମାନେ କହିଥିଲେ ଯେ, ଆମକୁ ଏଯାଏ ନ୍ୟାୟ ମିଳିଲା ନାହିଁ । ପୂର୍ବରୁ ଅନେକ ଥର ସିବିଆଇ ତଦନ୍ତ ଦାବି କରି



ନିରାଶ ହୋଇଛୁ । ସିବିଆଇ ତଦନ୍ତ କରାଗଲେ ହିଁ ପ୍ରକୃତ ଦୋଷୀ ଧରାପଡ଼ିବେ । ପରିବାର ଲୋକଙ୍କ କଥା ଶୁଣି ବିଧାୟକ ସେମାନଙ୍କୁ ସାନ୍ତ୍ୱନା ଦେଇଥିଲେ । ସିବିଆଇ ତଦନ୍ତ ନେଇ ସେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେବେ ବୋଲି କହିଥିଲେ ।

# ହଳଦୀ ଯୋଗାଣ ନାଁରେ ୮୦ ଲକ୍ଷ ଠକେଇ: ୪ ଗିରଫ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**
ହଳଦୀ ଯୋଗାଣ ନାଁରେ ନାସିକର ଜଣେ ବ୍ୟବସାୟୀଙ୍କ ଠାରୁ ୮୦ଲକ୍ଷ ଟଙ୍କା ଠକେଇ କରିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଭଦ୍ରକ ଜିଲ୍ଲା ବଂସଡ଼ା ଥାନା ଅନ୍ତର୍ଗତ ତରଫରାଜପୁର ଗ୍ରାମର ଅଜୟ ନାୟକ, ନୂଆପଡ଼ା ନେତାଜୀପଲ୍ଲୀର ଗୁରୁଚାନ୍ଦ୍ର ବିଶ୍ୱାସ, ବାଲେଶ୍ୱରର ପ୍ରମୋଦ କୁମାର ମୁଖୀ ଓ ପଶ୍ଚିମବଙ୍ଗ ବଟକୃଷ୍ଣପୁର ମେନ୍‌ରୋଡ଼ର ଦେବସେନା ନନ୍ଦ । ଏହି ମାମଲାରେ ପୁଲିସ ୨୦ଲକ୍ଷ ଟଙ୍କା ଫ୍ରିଜ୍ କରିଥିବା ସୂଚନା ମିଳିଛି । ସୂଚନା ଅନୁଯାୟୀ, ନାସିକର ବ୍ୟବସାୟୀ ଅମଜାଦ୍ ବାବୁ ସାହାଙ୍କ ଏବିଏସ୍ ଟ୍ରେଡର୍ସ ନାମକ ଏକ କମ୍ପାନି ରହିଛି । ଗତମାସରେ ଅମଜାଦ୍‌ଙ୍କ କମ୍ପାନିକୁ ଥାନେ ଅଞ୍ଚଳର ପ୍ରିୟଙ୍କା ଏକ୍ସପର୍ଟ ନାମକ ଏକ କମ୍ପାନିରୁ ୧୨୦ ମେଟ୍ରିକ ଟନ୍ ହଳଦୀ ଯୋଗାଣ ପାଇଁ ଅର୍ଡର ମିଳିଥିଲା । ହଳଦୀ ସଂଗ୍ରହ କରିବାକୁ ଅମଜାଦ୍ ଏହି ବ୍ୟବସାୟରେ ସଂପୃକ୍ତ ଥିବା ବାଂଲାଦେଶର ସୌରଭ ଘୋଷ ଓରଫ ଗୁରୁଚାନ୍ଦ ବିଶ୍ୱାସ ନାମକ ଜଣେ ବ୍ୟକ୍ତିଙ୍କ ବିଷୟରେ ଜାଣିବାକୁ ପାଇଥିଲେ । ଅମଜାଦ୍‌ଙ୍କ କମ୍ପାନିର ଏଜେଣ୍ଟ ସାନ୍ତନୁ ନାଗ ଓ ରାକେଶ ମଣ୍ଡଳଙ୍କ ଜରିଆରେ ସେ ସୌରଭ ଘୋଷଙ୍କ ସହ ଯୋଗାଯୋଗ କରିଥିଲେ । ଅମଜାଦ୍ ବ୍ରହ୍ମପୁର ଆସି ସୌରଭ ଘୋଷଙ୍କ ସହ ମିଶିଥିଲେ । ସୌରଭ ତାଙ୍କୁ ବ୍ରହ୍ମପୁରର ଲୋକାଲ ବ୍ୟବସାୟୀ ତଥା ବ୍ରହ୍ମପୁର ଖୋଡ଼ାସିଂ ଠାରେ ଥିବା ୟୁନିଭର୍ସାଲ ଏଗ୍ରୋ ଇନୋଭେସନ୍ କମ୍ପାନିର ମାଲିକ ପ୍ରମୋଦ କୁମାର ମୁଖୀଙ୍କ ସହ ସାକ୍ଷାତ କରାଇଥିଲେ । ଏହି କମ୍ପାନିରୁ ହଳଦୀ ଯୋଗାଣ ହେବ ବୋଲି ଅମଜାଦ୍‌ଙ୍କୁ କୁହାଯିବା ସହ ଶୋଭନ୍ ପାତ୍ର ନାମକ ଜଣେ ବ୍ୟକ୍ତିଙ୍କ ଗୋଦାମରେ ହଳଦୀ ମହଜୁଦ ଥିବା କୁହାଯାଇଥିଲା । ଅମଜାଦ୍ ଉକ୍ତ ଗୋଦାମକୁ ଯାଇ ମାଲ ଯାଞ୍ଚ କରିଥିଲେ । ଅମଜାଦ୍ ଗତମାସ ୧୮ ରୁ ଚଳିତ ମାସ ୧୧ ତାରିଖ ଭିତରେ ପ୍ରମୋଦ କୁମାର ମୁଖୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ମୋଟ ୮୦ ଲକ୍ଷ ଟଙ୍କା ପଠାଇଥିଲେ । ଚଳିତ ମାସ ୧୧ ତାରିଖରେ ୧୨୦ ମେଟ୍ରିକ୍ ଟନ୍ ହଳଦୀ ଏଠାରୁ ଟ୍ରକ୍ ଯୋଗେ ପଠାଇ ଦିଆଯିବ ବୋଲି ଅମଜାଦ୍‌ଙ୍କୁ କୁହାଯାଇଥିଲା ।

ଭୁବନେଶ୍ୱର
୧୭ ଜୁନ୍
ସୋମବାର, ୨୦୨୪

RNI Regd. No. : 52640/94
Postal Regd. No. : BN/60/22-24

# ମୋଦିଙ୍କୁ ଭେଟିଲେ କାନାଡ଼ା ପ୍ରଧାନମନ୍ତ୍ରୀ : ଦୁଇ ଦେଶ ମିଳିତ ହୋଇ କାମ କରିବେ



**ଡେସ୍କ, ୧୬/୦୬**

ଜି-୭ ଶିଖର ସମ୍ମିଳନୀ ଶେଷ ହୋଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ପରସ୍ପରଙ୍କୁ ଭେଟିଥିଲେ । କାନାଡ଼ାରେ ଖଲିସ୍ତାନୀ ଆତଙ୍କୀ ହରଦୀପ ସିଂହ ନିଜ୍ଜାର ହତ୍ୟା ଘଟଣା ପରଠାରୁ ଦୁଇଦେଶ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିବାବେଳେ ମୋଦି ଓ ଟ୍ରୁଡୋଙ୍କର ଏହା ପ୍ରଥମ ସାକ୍ଷାତ ଥିଲା । ତେବେ ଦୁଇଦେଶର ନେତାଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ପରେ ଟ୍ରୁଡୋ କ'ଣ କହିଲେ ତାହା ଉପରେ ସମସ୍ତଙ୍କ ନଜର ରହିଥିଲା । ବୈଠକ ପରେ ଟ୍ରୁଡୋ ଗଣମାଧ୍ୟମକୁ କହିଛନ୍ତି ଯେ, ଆଗକୁ ଦୁଇ ଦେଶ ମିଳିତ ହୋଇ କାମ କରିବୁ । ନିଜ୍ଜାର ହତ୍ୟା ଏକ ଗୁରୁତ୍ୱପୂର୍ଣ୍ଣ, ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିଲେ ହେଁ ଆଗାମୀ ଦିନରେ ଆମେ ଏକତ୍ର କାମ କରିବାକୁ ପ୍ରତିଶ୍ରୁତିବଦ୍ଧ । ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି ସେ ଦିଗରେ ଦୁଇଦେଶ ମିଳିତ ଭାବେ କାମ କରିବୁ ବୋଲି ସେ କହିଥିଲେ । ସମ୍ମିଳନୀରେ ଟ୍ରୁଡୋଙ୍କ ସମେତ କାନାଡ଼ାର ବରିଷ୍ଠ ଅଧିକାରୀମାନେ ଭାରତ ସହିତ ସମ୍ପର୍କର ଗୁରୁତ୍ୱକୁ ମଧ୍ୟ ସ୍ୱୀକାର କରିଥିଲେ ।

## ମୋଦିଙ୍କୁ ପ୍ରଶଂସା କଲେ ପାଲେଷ୍ଟାଇନ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୧୬/୦୬**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଛନ୍ତି ପାଲେଷ୍ଟାଇନ ପ୍ରଧାନମନ୍ତ୍ରୀ ମହମ୍ମଦ ମୁସ୍ତାଫା । ୩ୟ ଥର ପାଇଁ ମୋଦି ଭାରତର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିବାରୁ ମୁସ୍ତାଫା ଏକ ଚିଠି ଜରିଆରେ ଶୁଭେଚ୍ଛା ଜଣାଇଛନ୍ତି । ଏହା ସହିତ ଗାଜା ବିବାଦର ତ୍ୱରିତ ସମାଧାନ ପାଇଁ ମଧ୍ୟ ସେ ମୋଦିଙ୍କ ସହାୟତା ଲୋଡ଼ିଛନ୍ତି । ମୁସ୍ତାଫା ଲେଖିଥିବା ଚିଠିରେ ଦର୍ଶାଇଛନ୍ତି ଯେ, ଯୁଦ୍ଧ କ୍ଷତିଗ୍ରସ୍ତ ଗାଜାରେ ଯୁଦ୍ଧବିରତି ଆଣିବା ଲାଗି ଭାରତ ଅନ୍ତର୍ଜାତୀୟ ସ୍ତରରେ ଉଦ୍ୟମକୁ ସୁଗମ କରୁ । ବିଶ୍ୱସ୍ତରରେ ନେତୃତ୍ୱ ନେବାରେ ଭାରତର ଦକ୍ଷତା ରହିଛି । ଭାରତ ସର୍ବଦା ମାନବିକ ମୂଲ୍ୟବୋଧ, ଅଧିକାର ଏବଂ ଶାନ୍ତିକୁ ଗୁରୁତ୍ୱ ଦେଇଆସିଛି । ଗାଜାରେ ଯେଉଁଭଳି ଭାବେ ଗଣହତ୍ୟା ଜାରି ରହିଛି ତାହାର ଅନ୍ତ କରିବାରେ ଭାରତର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଭାରତ ଏହାର ସମସ୍ତ କୁଟନୈତିକ ମାଧ୍ୟମକୁ ବିନିଯୋଗ କରି ତୁରନ୍ତ ଯୁଦ୍ଧବିରତି ଆଣିବା ସହିତ ଯୁଦ୍ଧ କ୍ଷତିଗ୍ରସ୍ତ ଗାଜାବାସୀଙ୍କ ପାଇଁ ମାନବବାଦୀ ସହାୟତା ବୃଦ୍ଧି କରିବା ଦିଗରେ ପଦକ୍ଷେପ ନେବାକୁ ମୁସ୍ତାଫା ଅନୁରୋଧ କରିଛନ୍ତି ।

## ଏନଇଟିରେ ସାମିଲ ହେବ ବିପର୍ଯ୍ୟୟ ପରିଚାଳନା ପାଠ୍ୟକ୍ରମ

**ଭୁବନେଶ୍ୱର, ୧୬/୦୬ ନ୍ୟୁଜ ବ୍ୟୁରୋ**

ଏନଇଟିରେ ସାମିଲ ହେବ ବିପର୍ଯ୍ୟୟ ପରିଚାଳନା ପାଠ୍ୟକ୍ରମ । ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଦ୍ୱାରା ପରିଚାଳିତ ନ୍ୟାସନାଲ ଏଲିଜିବିଲିଟି ଟେଷ୍ଟରେ ବିପର୍ଯ୍ୟୟ ପରିଚାଳନା ବିଷୟ ଅନ୍ତର୍ଭୁକ୍ତ କରାଯିବ । ଏନେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ୟୁଜିସି-ନେଟ୍ ବର୍ଷକୁ ଦୁଇ ଥର ପରୀକ୍ଷା ଅନୁଷ୍ଠିତ ହୋଇଥାଏ । ମୁଖ୍ୟତଃ ଜୁନ ମାସ ଏବଂ ଡିସେମ୍ବର ମାସରେ ପରୀକ୍ଷା ହୋଇଥାଏ । ଗତ ମେ' ମାସ ୧୫ ତାରିଖରେ ଅନୁଷ୍ଠିତ ବୈଠକରେ ବିଶେଷଜ୍ଞମାନେ ୟୁଜିସି-ନେଟରେ ବିପର୍ଯ୍ୟୟ ପରିଚାଳନା ବିଷୟ ଅନ୍ତର୍ଭୁକ୍ତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ।



ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି । ଉଲ୍ଲେଖ ଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ନିଜ ହାତରେ ରଖିଛନ୍ତି । (ଫଟୋ : ସମ୍ବାଦ କଳିକା)

# ସ୍ନାନପୂର୍ଣ୍ଣିମା ଓ ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୬/୦୬ ନ୍ୟୁଜ ବ୍ୟୁରୋ**

ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି ମହାପ୍ରଭୁଙ୍କର ସ୍ନାନ ପୂର୍ଣ୍ଣିମା । ସେହିପରି ଜୁଲାଇ ୭ ତାରିଖରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ମହାଯାତ୍ରା ବା ଘୋଷଯାତ୍ରା ହେବାକୁ ଯାଉଛି । ମହାପ୍ରଭୁଙ୍କ ସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରାକୁ ସୁରୁଖୁରୁରେ ଆୟୋଜନ କରିବା ପାଇଁ ରାଜ୍ୟ ସରକାରଙ୍କର ପ୍ରାଥମିକତା ରହିଛି । ରବିବାର ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ପ୍ରଶାସନ ପକ୍ଷରୁ ମହାପ୍ରଭୁଙ୍କ ସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରା ଅୟୋଜନ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଛନ୍ତି ରାଜ୍ୟ ପ୍ରଶାସନ । ମହାପ୍ରଭୁଙ୍କ ଉଭୟ କାର୍ଯ୍ୟକ୍ରମ ସହ ଅନ୍ୟାନ୍ୟ ବ୍ୟବସ୍ଥାକୁ ଶାନ୍ତିଶୃଙ୍ଖଳା ଓ ସୁରୁଖୁରୁରେ କରିବା ନୂଆ ସରକାରଙ୍କର ପ୍ରାଥମିକତା । ଯାହାପାଇଁ ରବିବାର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ତେବେ ଏହି ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉପସ୍ଥିତ ଥିବା ସହିତ



ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ । ଉପସ୍ଥିତ ପ୍ରଶାସନିକ ଅଧିକାରୀ ମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କୁ ସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରା ନେଇ ଅବଗତ କରିଛନ୍ତି । ସେହିପରି ପୋଲିସ ଡିଜି ଅରୁଣ କୁମାର ଷଡଙ୍ଗୀ ଓ ଗୁଇନ୍ଦା ବିଭାଗ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ସୁରକ୍ଷା ବ୍ୟବସ୍ଥା ନେଇ ମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି । ବୈଠକ ପରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି, 'ଆଗକୁ ରହିଛି ମହାପ୍ରଭୁଙ୍କ ସ୍ନାନ ଯାତ୍ରା ଓ ରଥଯାତ୍ରା । ଏ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ସ୍ନାନ ଯାତ୍ରା ଓ ରଥଯାତ୍ରା ନେଇ ବୈଠକରେ ଆଲୋଚନା ହୋଇଛି । ମୁଖ୍ୟମନ୍ତ୍ରୀଙ୍କୁ ସମସ୍ତ ବିଷୟରେ ଅବଗତ କରାଯାଇଛି ।' ସୁରୁଖୁରୁରେ କିପରି ରଥଯାତ୍ରା ହେବ ସେନେଇ ସରକାର ପଦକ୍ଷେପ ନେବେ ବୋଲି ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଆଗକୁ ମଧ୍ୟ ମନ୍ଦିର ପରିଚାଳନା କମିଟି, ସେବାୟତ ଓ ସରକାରଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହେବ ବୋଲି କହିଛନ୍ତି ପୃଥ୍ୱୀରାଜ ହରିଚନ୍ଦନ । ସେହିପରି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି ଯେ, ସ୍ନାନ ପୂର୍ଣ୍ଣିମା ୨୨ ତାରିଖରେ ଅଛି । ରଥଯାତ୍ରାର ଅଭିଜ୍ଞତା ବାବଦରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିବା ପ୍ରଦୀପ କୁମାର ଜେନା କହିଛନ୍ତି । ପୋଲିସ ଡିଜି ଅରୁଣ ଷଡଙ୍ଗୀ ଓ ଗୁଇନ୍ଦା ଏଡିଜିଙ୍କର ମଧ୍ୟ ଏ ଦିଗରେ ଅଭିଜ୍ଞତା ରହିଛି । ରଥଯାତ୍ରା ପୂର୍ବରୁ ଦୁଇଟି ବୈଠକ ଅନୁଷ୍ଠିତ ହେବ ବୋଲି ପ୍ରଦୀପ କୁମାର ଜେନା କହିଛନ୍ତି । ଗୋଟେ ବୈଠକ ଆଇନ ମନ୍ତ୍ରୀ ଓ ଚୂଡାନ୍ତ ବୈଠକ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହେବ । ପ୍ରଶାସନିକ ବ୍ୟବସ୍ଥା ବାବଦରେ ମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କୁ ଅବଗତ କରାଯାଇଛି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି । ଯାହା ଫଳରେ ସେମାନେ ନିଜର ଭୂମିକା ବାବଦରେ ଅବଗତ ହୋଇପାରିବେ ।

# ନିଟ୍ ପରୀକ୍ଷା ଅନିୟମିତତାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ : ଧର୍ମେନ୍ଦ୍ର

**ସମ୍ବଲପୁର, ୧୬/୦୬ ନ୍ୟୁଜ ବ୍ୟୁରୋ**

ନିର୍ବାଚନରେ ବିଜୟୀ ହୋଇ ସମ୍ବଲପୁର ସାଂସଦ ହେବା ପରେ ରବିବାର ପ୍ରଥମ ଥର ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ସହରର ବିଭିନ୍ନ ମନ୍ଦିର ଯାଇ ଦେବ ଦର୍ଶନ କରିଛନ୍ତି । ପ୍ରଥମେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପଶ୍ଚିମ ଓଡ଼ିଶାର ଅନ୍ୟତମ ଅଷ୍ଟଶମ୍ଭୁ ଭାବରେ ପରିଚିତ ମାନେଶ୍ୱରସ୍ଥିତ ମାନଧାତା ବାବା ଶିବ ମନ୍ଦିରକୁ ଯାଇ ମହାଦେବଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ନେଇଥିଲେ । ଏଥିସହ ମାନଧାତା ମନ୍ଦିର କମିଟି ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ଆଲୋଚନା ମଧ୍ୟ କରିଥିଲେ । ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ସହରର ବୃଦ୍ଧହିଲସ୍ଥିତ ଶ୍ରୀରାମ ମନ୍ଦିର, ବୀର ହନୁମାନ ମନ୍ଦିର, ନନ୍ଦପଡାର ବରାଡ଼ ବାଲୁଙ୍କେଶ୍ୱର ବାବା ମହାଦେବ ମନ୍ଦିର, ଝାଡୁଆପଡ଼ାର ବ୍ରହ୍ମପୁରା ଶ୍ରୀଜଗନ୍ନାଥ ମନ୍ଦିର, ମନ୍ଦଲିଆର ଶ୍ରୀ ଶ୍ୟାମ ମନ୍ଦିର ଓ ଦାନିପାଲିର ମାଁ ରାମଚଣ୍ଡୀ ମନ୍ଦିରକୁ ଯାଇ ଦେବାଦେବୀଙ୍କୁ ଦର୍ଶନ କରି



ଆଶୀର୍ବାଦ ନେଇଥିଲେ । କେନ୍ଦ୍ରମନ୍ତ୍ରୀଙ୍କ ସହ ବହୁ ବିଶିଷ୍ଟ ବିଜେପି କାର୍ଯ୍ୟକର୍ତ୍ତା ଓ ପଦାଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଟ୍ ପରୀକ୍ଷାକୁ ନେଇ ପ୍ରତିକ୍ରିୟା ରଖିଥିଲେ । ସେ କହିଛନ୍ତି, 'ନିଟ୍ ପରୀକ୍ଷାରେ କେତୋଟି ସ୍ଥାନରେ ଅନିୟମିତତା ହେବାର ସୂଚନା ମିଳିଛି । ସୁପ୍ରିମକୋର୍ଟଙ୍କ ଆଦେଶ ଅନୁସାରେ ବୈକଳ୍ପିକ ବ୍ୟବସ୍ଥା ମୁତାବକ ୬ଟି କେନ୍ଦ୍ରରେ ୧୫୬୩ ଜଣ ପିଲା ପୁନଃପରୀକ୍ଷା ଦେବେ । ଏବେ ଆଉ ଦୁଇଟି ସ୍ଥାନରୁ ଅବ୍ୟବସ୍ଥା ଖବର ଆସିଛି । ମେଧାବୀ ଛାତ୍ରମାନଙ୍କର କୌଣସି ସ୍ୱାର୍ଥକୁ ଆଞ୍ଚ ଆସିବାକୁ ଦିଆଯିବ ନାହିଁ । ନିଟ୍ ପରୀକ୍ଷାକୁ ଅବ୍ୟବସ୍ଥିତ କରିଥିବା ଲୋକ ଯେତେ ଶକ୍ତିଶାଳୀ ହୋଇଥିଲେ ବି ତା' ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ।' ଯଦି ଏଥିରେ ଏନଟିଏର ବଡ଼ ଅଧିକାରୀ ବି ସମ୍ପୃକ୍ତ ଥିବେ, ତାଙ୍କ ଉପରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ସମ୍ବଲପୁର ଆସିବାର ଅଭିପ୍ରାୟରେ ସେ କହିଛନ୍ତି, 'ସମ୍ବଲପୁର ମନ୍ଦିର ମାଳିନୀ ସହର ତଥା ଆଧାତ୍ମିକ ସହର । ନିର୍ବାଚନ ସମୟରେ ବିଭିନ୍ନ ମନ୍ଦିରରେ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲି । ନିର୍ବାଚନରେ ବିଜୟୀ ହେବା ପରେ ପ୍ରଥମ ଥର ସମ୍ବଲପୁର ଆସି ସବୁ ଦେବାଦେବୀଙ୍କ ନିକଟରେ ନିଜକୁ ସମର୍ପଣ କରିବାକୁ ଆସିଛି । ସମାଜକୁ ପାଖରୁ ଦେଖିବାର ଅବସର ମିଳିଛି । ଏହା ମୋର ସୌଭାଗ୍ୟ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

## ବିଭାଗ ବଣ୍ଟନ ପରେ ମନ୍ତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

# ବିକାଶ ପ୍ରକ୍ରିୟା ଆଗେଇ ନେବାକୁ ପରାମର୍ଶ

**ଭୁବନେଶ୍ୱର, ୧୬/୦୬ ନ୍ୟୁଜ ବ୍ୟୁରୋ**

ମନ୍ତ୍ରୀମାନଙ୍କ ବିଭାଗ ବଣ୍ଟନ ପରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ମନ୍ତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି । ଓଡ଼ିଶାର ବିକାଶ ଏବଂ ଓଡ଼ିଶାବାସୀଙ୍କ କଲ୍ୟାଣ ଦିଗରେ ନୂତନ ମନ୍ତ୍ରୀମାନେ ପ୍ରତିବଦ୍ଧତାର ସହ ଦାୟିତ୍ୱ ସମ୍ପନ୍ନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି । ଓଡ଼ିଆ ଜାତିର ଅସ୍ମିତାକୁ ଦୃଷ୍ଟିରେ ରଖି ରାଜ୍ୟର ବିକାଶକୁ ଆଗେଇ ନେବା ପାଇଁ ସେ ମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ନୂତନ ମନ୍ତ୍ରୀମାନଙ୍କ କାର୍ଯ୍ୟଦକ୍ଷତା ବଳରେ ଓଡ଼ିଶା ଦେଶର ଏକ ନମ୍ବର ରାଜ୍ୟ ଭାବରେ ବିକଶିତ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।



ଭୁବନେଶ୍ୱର : ରାଜ୍ୟ ଅତିଥିଭବନ ଅସ୍ଥାୟୀ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରୁଛନ୍ତି ସାଧାରଣ ଜନତା । (ଫଟୋ : ସମ୍ବାଦ କଳିକା)

# ପରିତ୍ୟକ୍ତ କୂଅରୁ ଉଦ୍ଧାର ହେଲା ଛୁଆ ସହ ମାଆ ହାତୀ



**ଢେଙ୍କାନାଳ, ୧୬/୦୬ ନ୍ୟୁଜ ବ୍ୟୁରୋ**

ପରିତ୍ୟକ୍ତ କୂଅରେ ପଡିଥିଲା ହାତୀ । ସାଙ୍ଗରେ ଛୁଆ ମଧ୍ୟ ପଡିଥିଲା । ନିଜେ ବଞ୍ଚିବା ଓ ଛୁଆକୁ ବଞ୍ଚାଇବାକୁ ସଂଘର୍ଷ କରୁଥିଲା । ଘଟଣା ଜଣାପଡ଼ିବା ପରେ ବନ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଛନ୍ତି । ଏଥିପାଇଁ ବନ କର୍ମଚାରୀଙ୍କୁ ୫ ଘଣ୍ଟାରୁ ଅଧିକ ସମୟ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡିଛି । ଘଟଣା ଘଟିଛି ଅନୁଗୁଳ ଜିଲ୍ଲା ଜରପଡା ବନାଞ୍ଚଳର ଗୋଠ ତଇଳା ଅଞ୍ଚଳରେ । ଶନିବାର ବିଳମ୍ବିତ ରାତିରେ ୯ ଟିକିଆ ହାତୀପଲ ବୁଲୁଥିବାବେଳେ ଏକ ପରିତ୍ୟକ୍ତ କୂଅରେ ମାଆ ଓ ଛୁଆ ହାତୀ ଖସି ପଡ଼ିଥିଲେ । ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲା । କୂଅକୁ ଖୋଳି ସୁରକ୍ଷିତ ଭାବେ ମାଆ ଓ ଛୁଆ ହାତୀକୁ ଉଦ୍ଧାର କରାଯାଇଛି । ଉଦ୍ଧାର ପରେ ଉଭୟ ଜଙ୍ଗଲକୁ ଯାଇଛନ୍ତି । ସେମାନଙ୍କ ଗତିବିଧି ଉପରେ ବନ ବିଭାଗ ନଜର ରଖିଛି ।

# ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କୁ ପ୍ରମୁଖ ଶାସନ ସଚିବଙ୍କ ସୌଜନ୍ୟ ମୂଳକ ସାକ୍ଷାତ



**ଭୁବନେଶ୍ୱର, ୧୬/୦୬ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଇ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ରବିବାର ଭୁବନେଶ୍ୱରରେ ନବନିଯୁକ୍ତ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି । ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ପୁଷ୍ପଗୁଚ୍ଛ ଦେଇ ବିଭାଗୀୟ ମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଗ୍ରାମ୍ୟ ଉନ୍ନୟନ ଏଜେଣ୍ଡାକୁ ଆଗକୁ ବଢ଼ାଇବା ପାଇଁ ଧାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏବଂ ରଣନୀତିକ ପଦକ୍ଷେପ ଉପରେ ମନ୍ତ୍ରୀଙ୍କୁ ସମ୍ୟକ ସୂଚନା ଦେଇଥିଲେ । ଏଥି ସହିତ ଚାଲିଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା, ଗ୍ରାମୀଣ ଭିତ୍ତିଭୂମି ବୃଦ୍ଧି ଉଦ୍ଦେଶ୍ୟରେ ନୂତନ ନୀତିଗତ ପଦକ୍ଷେପ ଏବଂ ନିରନ୍ତର ବିକାଶ ଲକ୍ଷ୍ୟ ହାସଲରେ ଅଂଶୀଦାରଙ୍କ ସହଭାଗିତାକୁ ବିଭାଗ ଗୁରୁତ୍ୱ ଦେଉଛି ବୋଲି କହିଥିଲେ । ନବ ନିଯୁକ୍ତ ମନ୍ତ୍ରୀ ଶ୍ରୀ ନାୟକ ଗ୍ରାମ୍ୟ ଉନ୍ନୟନ ବିଭାଗ ସହିତ ସହ ପଞ୍ଚାୟତିରାଜ, ପାନୀୟଜଳ ବିଭାଗର ଦାୟିତ୍ୱରେ ମଧ୍ୟ ରହିଛନ୍ତି ।

# ସର୍ବାଧିକ ଆୟ କରୁଥିବା ପ୍ରଥମ ୫ ଷ୍ଟେସନ ମଧ୍ୟରେ ଓଡ଼ିଶାର ୪ ଷ୍ଟେସନ




**ଭୁବନେଶ୍ୱର, ୧୬।୬ ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥର ସର୍ବାଧିକ ଆୟ କରୁଥିବା ୨୦ଟି ଷ୍ଟେସନ ତାଲିକାରେ ପ୍ରଥମ ୫ଟି ଷ୍ଟେସନ ମଧ୍ୟରୁ ଓଡ଼ିଶାର ୪ଟି ଷ୍ଟେସନ ସ୍ଥାନ ପାଇଛି । ଗତ ଆର୍ଥିକ ବର୍ଷରେ ୨୦୨୩ ମସିହା ଏପ୍ରିଲ ମାସ ୧ ତାରିଖରୁ ୨୦୨୪ ମସିହା ମାର୍ଚ୍ଚ ମାସ ୩୧ ତାରିଖ ସୁଦ୍ଧା ଭୁବନେଶ୍ୱର ରେଳଷ୍ଟେସନ ୪୯୩କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରି ଦ୍ୱିତୀୟ ସର୍ବାଧିକ ଆୟ କରୁଥିବା ଷ୍ଟେସନର ସ୍ଥାନ ପାଇଛି । ପୂର୍ବତଟ ରେଳବାଇର ବିଶାଖାପାଟନମ ରେଳ ଷ୍ଟେସନ ସର୍ବାଧିକ ଆୟ ତାଲିକାରେ ପ୍ରଥମ ସ୍ଥାନରେ ରହିଥିବା ଏକ ସୂଚନା ଅଧିକାର ତଥ୍ୟରୁ ଜଣାପଡିଛି । ଗତ ଆର୍ଥିକ ବର୍ଷରେ ପୁରୀ ତୃତୀୟ, ବ୍ରହ୍ମପୁର ଚତୁର୍ଥ ଏବଂ କଟକ ପଞ୍ଚମ ସର୍ବାଧିକ ଆୟକାରୀ ଷ୍ଟେସନ ତାଲିକାରେ ରହିଥିବା ଜଣାପଡିଛି ।

# ଇସ୍ପାତ ଉତ୍ପାଦନରେ ଏକ ନମ୍ବର ହେବ ଓଡ଼ିଶା'



**ଭୁବନେଶ୍ୱର, ୧୬/୦୬ ନ୍ୟୁଜ ବ୍ୟୁରୋ**


## ♦ ରାଜ୍ୟର ଖଣିଜ ସମ୍ପଦ ରାଜ୍ୟବାସୀଙ୍କ ସ୍ୱାର୍ଥରେ ଲାଗିବ


ନୂଆ ସରକାରରେ ୩ଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ହୋଇଛନ୍ତି ବିଭୁତି ଭୂଷଣ ଜେନା । ବିଭୁତିଙ୍କୁ ପରିବହନ, ଷ୍ଟିଲ ଏବଂ ମାଇନ୍ସ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ମିଳିଛି । ଜନ ଭାଗିଦାରୀରେ ବିଭାଗ ପରିଚାଳନା ହେବ ବୋଲି କହିଛନ୍ତି ବିଭୁତି । ସେହିପରି ରାଜ୍ୟର ସମସ୍ତ ପ୍ରାକୃତିକ ସମ୍ପଦ ରାଜ୍ୟବାସୀଙ୍କ ସ୍ୱାର୍ଥରେ ଲାଗିବ ଓ ଦେଶରେ ଓଡ଼ିଶା ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ପ୍ରଥମ ରାଜ୍ୟ ହେବ ବୋଲି ମଧ୍ୟ ସେ କହିଛନ୍ତି । ଦାୟିତ୍ୱ ବଣ୍ଟନ ପରେ ବିଭୁତି କହିଛନ୍ତି, 'ମୋ ମତରେ ସବୁ ବିଭାଗ ସମାନ । କିଛି ଛୋଟ କିମ୍ବା ବଡ଼ ନଥାଏ । ମୋ ମୁଖ୍ୟମନ୍ତ୍ରୀ ମୋତେ ଗୁରୁଦାୟିତ୍ୱ ଦେଇଛନ୍ତି । ସେହି ଦାୟିତ୍ୱ ସୁଚାରୁରୂପେ ତୁଲେଇବି । ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କାମ କରିବି । ଖଣିଜ ସମ୍ପଦରେ ଭରପୁର ଓଡ଼ିଶା । ଏହି ପ୍ରାକୃତିକ ସମ୍ପଦ ଓ ଉତ୍ପାଦ ଓଡ଼ିଶାବାସୀଙ୍କ ସ୍ୱାର୍ଥରେ ଲାଗିବ । ଜନ ଭାଗିଦାରୀରେ ବିଭାଗ ପରିଚାଳନା ହେବ । ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ବିସ୍ତୃତ ଭାବେ ଏହାକୁ କାର୍ଯ୍ୟକାରୀ କରିବି । ବିନା ସମନ୍ୱୟରେ କୌଣସି କାର୍ଯ୍ୟ ଆଗକୁ ଯାଇ ପାରିବନାହିଁ ।' ସେହିପରି ଆହୁରି ମଧ୍ୟ ସେ କହିଛନ୍ତି, "ସରକାରଙ୍କ କିଛି ନିଷ୍ପତ୍ତି ଘରୋଇ ବ୍ୟବସାୟୀଙ୍କୁ କଷ୍ଟ ଦିଏ । ଅତୀତ ସରକାରରେ ଏହା ହୋଇଛି ମଧ୍ୟ । ସମସ୍ତଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ । ପରିବହନ କ୍ଷେତ୍ର ରାଜ୍ୟର ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ । ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ କହୁଥିଲେ, ଯେଉଁ ଦେଶର ପରିବହନ ଓ ଗମନାଗମନ ବ୍ୟବସ୍ଥା ଠିକ୍ ଅଛି, ସେ ଦେଶର ବିକାଶ ମଧ୍ୟ ଠିକ୍ ଭାବେ ଚାଲିବ । ପରିବହନ ଉପରେ ରାଜ୍ୟର ବିକାଶ ନିର୍ଭର କରେ । ଖଣି ନୀତିର ପରିବର୍ତ୍ତନ ହୋଇଛି । ଓଡ଼ିଶାର ଯେଉଁ ଜିଲ୍ଲାରେ ଖଣି ଉତ୍ତୋଳନ କରାଯାଉଛି, ସେ ଜିଲ୍ଲାବାସୀ ପ୍ରଦୂଷଣ ଯୋଗୁଁ ସମସ୍ୟା ଭୋଗୁଛନ୍ତି । ତେଣୁ ବିକାଶ ସେଠି ନହୋଇ ଆଉ କେଉଁଠି ହେବ ? ଡିଏମଏଫର ତର୍ଜମା ହେବ ।" ରାଜ୍ୟରେ ଜିଲ୍ଲା ଖଣିଜ ପାଣ୍ଠି (ଡିଏମଏଫ)ର ସଠିକ ଭାବେ ବ୍ୟବହାର ହୋଇପାରିନାହିଁ । ଟଙ୍କା ଖର୍ଚ୍ଚ ହୋଇପାରିନାହିଁ । ଅନେକ ଟଙ୍କା ପଡି ରହିଛି । ଯେଉଁ ମାର୍ଗରେ ଖର୍ଚ୍ଚ ହେବା କଥା ହୋଇପାରିନାହିଁ । ଅନ୍ୟ କାର୍ଯ୍ୟରେ ଖର୍ଚ୍ଚ ହୋଇଛି । ପୁରୁଣା ସରକାରର ପୂର୍ଣ୍ଣଚ୍ଛେଦ ପଡିସାରିଛି । ନୂଆ କଥା ହେବ । ଷ୍ଟିଲ ଉତ୍ପାଦନରେ ଓଡ଼ିଶା ଏକ ନମ୍ବର କାହିଁକି ହୋଇପାରିବ ନାହିଁ । ଏ ବାବଦରେ ତର୍ଜମା କଲେ ଓଡ଼ିଶା ସବୁ ଦିଗରେ ଏକ ନମ୍ବର ହୋଇପାରିବ । ବିଜେପି ସରକାର ହିଁ ଏହା କରିପାରିବ ବୋଲି ମଧ୍ୟ ସେ ଆଶାବ୍ୟକ୍ତ କରିଛନ୍ତି ।

## ୱେବସାଇଟ୍‌ରେ ଛଡ଼ା ଗଲା ସୁପ୍ରିମକୋର୍ଟଙ୍କ ୧୮୩, ହାଇକୋର୍ଟଙ୍କ ୧୧୧ଟି ରାୟର ଓଡ଼ିଆ ଅନୁବାଦ

**କଟକ, ୧୬/୦୬ ନ୍ୟୁଜ ବ୍ୟୁରୋ**

ସୁପ୍ରିମକୋର୍ଟଙ୍କର ୧୮୩ଟି ଓ ଓଡ଼ିଶା ହାଇକୋର୍ଟଙ୍କ ୧୧୧ଟି ରାୟ ଏବେ ଓଡ଼ିଆ ଭାଷାରେ ୱେବସାଇଟ୍‌ରେ ଉପଲବ୍ଧ ହେଉଛି । ହାଇକୋର୍ଟ ୱେବସାଇଟ୍‌ରୁ ଯେ କୌଣସି ବ୍ୟକ୍ତି ଓଡ଼ିଆ ଭାଷାରେ ଅନୁଦିତ ଏହି ରାୟ ସବୁ ପଢି ପାରିବେ । ୱେବସାଇଟର ଜଜ୍‌ମେଣ୍ଟସ୍ ଇନ୍ ଭର୍ଣ୍ଣାକୁଲାର ଲାଙ୍ଗୁଏଜ୍ (ସ୍ଥାନୀୟ ଭାଷାରେ ଅନୁବାଦିତ ରାୟସମୂହ) ଶୀର୍ଷକ ସ୍ଥାନ(ଟ୍ୟାବ୍)ରେ ଓଡ଼ିଆ ଭାଷାରେ ଅନୁଦିତ ସୁପ୍ରିମକୋର୍ଟ ଓ





ହାଇକୋର୍ଟଙ୍କ ରାୟ ଉପଲବ୍ଧ ହେଉଛି । ଏଥିମଧ୍ୟରେ ବହୁଚର୍ଚ୍ଚିତ ତଥା ଗୁରୁତ୍ୱପୂର୍ଣ୍ଣ ମୋକଦ୍ଦମାର ରାୟକୁ ସାମିଲ କରାଯାଇଛି । ୧୯୫୧ ମସିହାରେ ସୁପ୍ରିମକୋର୍ଟ ପ୍ରଦାନ କରିଥିବା ରାୟର ମଧ୍ୟ ଓଡ଼ିଆ ଅନୁବାଦ କରାଯାଇଛି । ଓଡ଼ିଆରେ ଅନୁବାଦ ହୋଇଥିବା ରାୟ ସହିତ ମୂଳ ଇଂରାଜୀ ରାୟ ମଧ୍ୟ ଉପଲବ୍ଧ ରହିଛି । ଅଦାଲତୀ ରାୟ ବୁଝିବା ଅନେକ ସମୟରେ ସାଧାରଣ ଲୋକଙ୍କ ପକ୍ଷେ ସହଜ ହୋଇ ପାରି ନଥାଏ । ଆଇନରେ ଥିବା ସବୁ ଶବ୍ଦର ଅର୍ଥ ବୁଝିବା କଷ୍ଟ ହୁଏ । କିନ୍ତୁ ମାତୃଭାଷା ଓଡ଼ିଆରେ ରାୟର ଅନୁବାଦ ଉପଲବ୍ଧ ହେବା ଦ୍ୱାରା ଏବେ ସାଧାରଣ ଲୋକ ସହଜରେ ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ରାୟ ପଢି ବୁଝି ପାରିବେ ବୋଲି ଆଶା କରାଯାଉଛି ।

# ଲୋକଙ୍କ ଆଶା ପୂରଣ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବି: ନଗର ଉନ୍ନୟନ ମନ୍ତ୍ରୀ

**ଭୁବନେଶ୍ୱର, ୧୬/୦୬ ନ୍ୟୁଜ ବ୍ୟୁରୋ**

୧୨ ତାରିଖରୁ ରାଜ୍ୟରେ ବିଜେପି ସରକାର ଶପଥ ଗ୍ରହଣ କରିସାରିଥିବା ବେଳେ ଶନିବାର ନୂଆ ମନ୍ତ୍ରିମଣ୍ଡଳର ବିଭାଗ ବଣ୍ଟନ ହୋଇଛି । ମୋହନ ସରକାରରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ହୋଇଛନ୍ତି ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର । ସହରାଞ୍ଚଳରେ ଚାଲିଥିବା କାର୍ଯ୍ୟ ସମ୍ପୂର୍ଣ୍ଣ କରି ନୂଆ କାର୍ଯ୍ୟ ଆଗକୁ ନେବା ନୂଆ ମନ୍ତ୍ରୀଙ୍କ ଲାଗି ଚ୍ୟାଲେଞ୍ଜ ହେବ । ବିଶେଷ କରି ବିଭିନ୍ନ ସହରାଞ୍ଚଳରେ ପୂର୍ବ ଶାସକ ଦଳ 'ବିଜେଡି'ର ଜନପ୍ରତିନିଧିମାନେ ବିଭିନ୍ନ ଦାୟିତ୍ୱରେ ଥିବାବେଳେ ତାଙ୍କୁ ସାଙ୍ଗରେ ନେଇ କାର୍ଯ୍ୟ କରିବା କୃଷ୍ଣଚନ୍ଦ୍ରଙ୍କ ଲାଗି ଏସିଡ ଟେଷ୍ଟ ସଦୃଶ ହେବାକୁ ଯାଉଛି । ତେବେ ଲୋକଙ୍କ ଆଶା ପୂରଣ ପାଇଁ ସେ ନିଷ୍ଠାର ସହ କାର୍ଯ୍ୟ



କରିବେ ବୋଲି କହିଛନ୍ତି କୃଷ୍ଣଚନ୍ଦ୍ର । କୃଷ୍ଣଚନ୍ଦ୍ର କହିଛନ୍ତି, 'ଯେଉଁ ସବୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଛି ତାକୁ ତୁଲାଇବି । ଏହି ସରକାର ଜନତା ଜନାର୍ଦ୍ଦନଙ୍କ ସରକାର, ଲୋକଙ୍କ ସରକାର । ଲୋକ ଯାହା ଆଶା ରଖିଛନ୍ତି ଏହି ସରକାର ନିଷ୍ଠାର ସହ କରିବ । ଭରସା ରଖି ମୁଖ୍ୟମନ୍ତ୍ରୀ ଯେଉଁ ଦାୟିତ୍ୱ ଦେଇଛନ୍ତି, ଆମେ ତାକୁ ସୁଚାରୁ ରୂପେ ତୁଲାଇବୁ । କିପରି ବିଭାଗର ସମସ୍ତ ସୁବିଧା ଲୋକଙ୍କ ପାଖରେ ପହଞ୍ଚିବ, ସେ ଦିଗରେ ଚେଷ୍ଟା କରିବୁ । ଲୋକଙ୍କ ଆସ୍ଥା ଭାଜନ ହେବାକୁ ଭରପୁର ପ୍ରୟାସ କରିବୁ ।' 'ସହରାଞ୍ଚଳର ଲୋକ ବିଜେପିକୁ ଭରସା କରି ଭୋଟ ଦେଇଛନ୍ତି । ଆମ ଉପରେ ବିଶ୍ୱାସ ରଖିଛନ୍ତି । ତେଣୁ ତାଙ୍କ ବିଶ୍ୱାସକୁ ପୂର୍ଣ୍ଣ କରିବା ଲାଗି ଯାହା ଯାହା ପଦକ୍ଷେପ ନେବା କଥା ନେବୁ । ସହରାଞ୍ଚଳର ଲୋକଙ୍କ ସମସ୍ୟା ମୁଁ ଅନୁଭବ କରିଛି । ୨୪ ବର୍ଷର ସରକାର ଥିବା ସତ୍ତ୍ୱେ ସହରାଞ୍ଚଳ ଲୋକଙ୍କର ଅନେକ ସମସ୍ୟା ରହିଛି । ବହୁତ କାର୍ଯ୍ୟ ହେବା କଥା ତାହା ହୋଇନାହିଁ । ଯାହା ଅଧୁରା ରହିଛି, ତାହା ଆମେ ସମ୍ପୂର୍ଣ୍ଣ କରିବାକୁ ଚେଷ୍ଟା କରିବୁ । ୫ ବର୍ଷ ସୁଯୋଗ ମିଳିଛି । ସହରାଞ୍ଚଳର ଲୋକଙ୍କ ଯାହା ସମ୍ଭବ ତାହା କରିବାକୁ ଚେଷ୍ଟା କରିବା । ଉନ୍ନୟନ କାମ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁବେଳେ ଗୋଟିଏ କଥା କହିଛନ୍ତି, ଏହା ଜନତାଙ୍କ ସରକାର । ଲୋକଙ୍କ ସରକାର ଲୋକଙ୍କ ପାଖରେ ପହଞ୍ଚିବ ।' ଲୋକଙ୍କର ଯେଉଁ ମୌଳିକ ସମସ୍ୟା ରହିଛି, ତାକୁ ତୁଟେଇବା ସରକାରର ଦାୟିତ୍ୱ । ଯାହା ଲୋକାଭିମୁଖୀ ହୋଇଥିବ ତାକୁ ଏ ସରକାର ବନ୍ଦ କରିବ ନାହିଁ । ସେ ପ୍ରକ୍ରିୟା ଜାରି ରହିବ । ରାଜ୍ୟର ପ୍ରତ୍ୟେକ ସହରରେ ବସ୍ତି ବଢୁଛି । ବସ୍ତି ଓ ବସ୍ତି ବାସିନ୍ଦାଙ୍କ ସମସ୍ୟା ସମାଧାନ କରିବା ଦିଗରେ ଆମେ ଚିନ୍ତା କରିବୁ । ବସ୍ତି ବାସିନ୍ଦାଙ୍କୁ ସ୍ଥାୟୀ ବାସିନ୍ଦା କରିବା ବଡ଼ ମିଶନ ରହିବ ।"